READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୯ ସଂଖ୍ୟା-୨୧ ୨ - ୮ ଜୁନ୍, ୨୦୨୫ ଭୁବନେଶ୍ୱର Monday Weekly VOL-9 ISSUE-21 2nd - 8st JUNE, 2025 BHUBANESWAR ₹ 5/- (8 Pages)

### ବିଶ୍ୱାସନୀୟତା ହରାଉଛି କି ଓମ୍‌ଫେଡ !

## ଘରୋଇ କମ୍ପାନୀଙ୍କ କାୟା ବିସ୍ତାର

**ଭୁବନେଶ୍ୱର :** ପ୍ୟାକେଜିଂ ଦୁଗ୍ଧ ଏବଂ ଦୁଗ୍ଧଜାତ ଦ୍ରବ୍ୟର ସୁଲଭ ବିକ୍ରୟ ପାଇଁ ୧୯୮୦ ମସିହାରେ ରାଜ୍ୟରେ ପ୍ରତିଷ୍ଠା ହୋଇଥିଲା ଓମ୍‌ଫେଡ। ଏହା ଏକ ସମବାୟ ଦୁଗ୍ଧ ଉତ୍ପାଦନକାରୀ ସଂସ୍ଥା ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ହେଲେ ଓମ୍‌ଫେଡ ଏବେ ଠିକ ଭାବେ ଚାଲୁଛି ତ? ଏଭଳି ଏକ ପ୍ରଶ୍ନ କରିବାର ଅଭିପ୍ରାୟ ଏହିକି ଯେ, ଓମ୍‌ଫେଡ ଉତ୍ପାଦ ଓଡିଶା ବାହାରେ ପହଞ୍ଚି ଅମୁଲ, ମିଲ୍କ ମୁ ଓ ପ୍ରଗତି ଭଳି ଲୋକପ୍ରିୟ ହୋଇପାରିଛି କି! ଯଦି ନୁହେଁ ଏଥିପାଇଁ ଦାୟୀ କିଏ? ଏକମାତ୍ର




ଦୁଗ୍ଧ ଉତ୍ପାଦନକାରୀ ସଂସ୍ଥା ଭାବେ ଓଡ଼ିଶାରେ ସରକାରୀ ଜମିରେ କ୍ୟାବିନ୍ ପକାଇଥିବା ବ୍ୟବସାୟୀଙ୍କୁ ଲାଇସେନ୍ସ ଦେଇଥିଲା ଓମ୍‌ଫେଡ। ହେଲେ ରାଜଧାନୀର ମୁଖ୍ୟ ରାସ୍ତା ହେଉ କିମ୍ବା ଗଳିକନ୍ଦି ସବୁଠି ଓମ୍‌ଫେଡ ପାର୍ଲର ଅଛି କିନ୍ତୁ ସେଠାରେ କେବଳ ଓମ୍‌ଫେଡ ଉତ୍ପାଦିତ ସାମଗ୍ରୀ ଅପେକ୍ଷା ଅନେକ ପ୍ରକାର ବେପାର ଚାଲିଛି। ଏଥିପାଇଁ ଓମ୍‌ଫେଡ ପକ୍ଷରୁ କୌଣସି ତନାଘନା କରାଯାଉଥିବାର ନଜିର ନାହିଁ। ଯେଉଁଥିପାଇଁ ଓମ୍‌ଫେଡ ଡିଲରମାନେ ବେଫିକର ହୋଇ ନିଜ ଦୋକାନରେ କିଏ ରାସନ ସାମଗ୍ରୀ ବିକିଲାଣି ତ ଆଉ କିଏ ଏହାକୁ ଚା, ପାନ ଏବଂ ସୌଖୀନ ସାମଗ୍ରୀର ବାଣିଜ୍ୟିକ ଭଣ୍ଡାରରେ ପରିଣତ କଲେଣି। ତେବେ ପ୍ରଶ୍ନ ଉଠୁଛି ରାଜ୍ୟ ସରକାରଙ୍କ ମୂଲ୍ୟବାନ ଜାଗା ହାତେଇ ଅନ୍ୟ ➤ ପୃ-୬

## ପାଣ୍ଡିଆନମାର୍କା ଅଫିସରଙ୍କୁ କ୍ଲିନଚିଟ୍ ନା ତଡ଼ିପାର !


**ଭୁବନେଶ୍ୱର :** ରାଜ୍ୟରେ ଅପ୍ରତ୍ୟାଶିତ ଢଙ୍ଗରେ ନିଜସ୍ୱ ସଂଖ୍ୟାବଳରେ ପ୍ରଥମଥର ପାଇଁ ସରକାର ଗଢ଼ିଥିବା ବିଜେପି ନିଜର ବର୍ଷପୂର୍ତ୍ତି ପାଳନ କରିବାକୁ ଯାଉଛି। ତେବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସରକାରଙ୍କ ଏହି ବର୍ଷକ କାର୍ଯ୍ୟକାଳ ମଧ୍ୟରେ ସବୁଠୁ ବେଶୀ ଚର୍ଚ୍ଚାରେ ଅଛନ୍ତି ପାଣ୍ଡିଆନମାର୍କା ଅଫିସର। ବିଜେଡି ଶାସନକାଳରେ ରାଜ୍ୟ ଶାସନର ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନଙ୍କ କୋରଟିମ୍ ସଦସ୍ୟ ଭାବେ ଯେଉଁ ଅଫିସରମାନେ ଉଭୟ ସରକାରୀ ଓ ଦଳୀୟ ସାଂଗଠନିକ କାର୍ଯ୍ୟ ତୁଲାଉଥିଲେ ବୋଲି ଅଭିଯୋଗ ହୁଏ, ସେହି




ଅଫିସରମାନେ ଜଣକପରେ ଜଣେ କେନ୍ଦ୍ରୀୟ ଡେପୁଟେସନରେ ପଳାଇବାରେ ଲାଗିଛନ୍ତି। ସେମାନେ ବିଜେଡି ଶାସନବେଳେ ସବୁକିଛି ନିୟନ୍ତ୍ରଣ କରୁଥିଲେ ବୋଲି ଅଭିଯୋଗ ଥାଇ ମଧ୍ୟ କାହିଁକି ସେମାନଙ୍କୁ କେନ୍ଦ୍ରୀୟ ଡେପୁଟେସନରେ ଯିବାର ଅନୁମତି ଦିଆଯାଉଛି ଓ ଏହାପଛରେ କ'ଣ କାରଣ ରହିଛି ତାକୁ ନେଇ ନାନାଦି ଚର୍ଚ୍ଚା ଲାଗି ରହିଛି। ପାଣ୍ଡିଆନମାର୍କା ଅଫିସର ଡିଏସ କୁଟେ, ଆଶୀଷ ସିଂ, ରବିକାନ୍ତ, ମିତ୍ରଭାନୁ ମହାପାତ୍ରଙ୍କ ପରେ ଆଉ ଭିନିଲ୍ କ୍ରିଷ୍ଣାଙ୍କୁ କେନ୍ଦ୍ରରେ ନିଯୁକ୍ତି ମିଳିଥିବାବେଳେ ଆଉ ଦୁଇଜଣ ପାଣ୍ଡିଆନମାର୍କା ଅଫିସର ମଧ୍ୟ ଡେପୁଟେସନରେ ଯିବାପାଇଁ ଆବେଦନ କରିଥିବା ଜଣାପଡ଼ିଛି। ୨୦୦୫ ବ୍ୟାଚ୍ ଆଇଏଏସ୍ ଆଉ ଭିନିଲକ୍ରିଷ୍ଣାଙ୍କୁ କେନ୍ଦ୍ର ସରକାରଙ୍କ କ୍ରୀଡ଼ା ବିଭାଗର ➤ ପୃ-୬

### ମାର୍ଗଦର୍ଶିକା ଜାରି

## ମିଳିବ ୧୮୦ ଦିନର ମାତୃତ୍ୱ ଛୁଟି



**ଭୁବନେଶ୍ୱର:** ରାଜ୍ୟ ସରକାରୀ ମହିଳା କର୍ମଚାରୀଙ୍କୁ ମିଳିବ ୧୮୦ ଦିନର ମାତୃତ୍ୱ ଛୁଟି। ଏନେଇ ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ସର୍ତ୍ତାବଳୀ ମାର୍ଗଦର୍ଶିକା ଜାରି କରାଯାଇଛି। ମାତୃତ୍ୱ ଛୁଟି ପାଇବାକୁ ହେଲେ ଜଣେ ମହିଳା ସରକାରୀ କର୍ମଚାରୀଙ୍କର ଦୁଇଟି ପିଲାରୁ ଅଧିକ ନଥିବେ। ସମ୍ଭାବ୍ୟ ପ୍ରସବ ତାରିଖର ୩ ମାସ ପୂର୍ବରୁ ଏବଂ ପ୍ରସବ ତାରିଖର ୬ ମାସ ମଧ୍ୟରେ ମହିଳା କର୍ମଚାରୀ ଏହି ଛୁଟି ପାଇପାରିବେ। ଶିଶୁ ଜନ୍ମ ସମୟରେ କର୍ମଚାରୀ ଜଣଙ୍କ ଯଦି ସରକାରୀ ସେବାରେ ନଥିବେ ତାହେଲେ ତାଙ୍କ ଶିଶୁକୁ ୬ ମାସ ହେବା ପର୍ଯ୍ୟନ୍ତ ମାତୃତ୍ୱ ଛୁଟି ମିଳିବ। ଏହି କ୍ଷେତ୍ରରେ ମାତୃତ୍ୱ ଛୁଟିର ➤ ପୃ-୬

## ସଅଳ ଆସିଲା ମୌସୁମୀ

**ନୂଆଦିଲ୍ଲୀ :** ଦକ୍ଷିଣ-ପଶ୍ଚିମ ମୌସୁମୀ ଶୀଘ୍ର ଓଡ଼ିଶାକୁ ପ୍ରବେଶ କରିଛି। ଏଥର ମୌସୁମୀ ନିର୍ଦ୍ଧାରିତ ସମୟ ପୂର୍ବରୁ ଭାରତୀୟ ମୁଖ୍ୟ ଭୂ-ଭାଗକୁ ପହଞ୍ଚିଥିଲା। ଏଣୁ ଜୁଲାଇ ସୁଦ୍ଧା ମୌସୁମୀ ପୂରା ଦେଶକୁ ବ୍ୟାପିଯିବ ବୋଲି ଆକଳନ କରାଯାଉଛି। ଶେଷ ଥର ୨୦୦୯ ମସିହାରେ ମୌସୁମୀ ସଅଳ ଆସିଥିଲା। ଯଦି ଉତ୍ତର ଭାରତର କଥା କୁହାଯାଏ ମୌସୁମୀ ୨୦ରୁ ୨୫ ଜୁନ ମଧ୍ୟରେ ପହଞ୍ଚିବ। ମୌସୁମୀ ଶବ୍ଦର ଉତ୍ପତି ଆରବ ଭାଷା 'ମୌସିମ'ରୁ ହୋଇଛି। ଏହାର ଅର୍ଥ ଋତୁ ବା ପାଗ। ମୌସୁମୀକୁ 'ରିଭର୍ସାଲ ଅଫ ଓ୍ୱିଣ୍ଡ' ମଧ୍ୟ କୁହାଯାଇପାରେ। ମୌସୁମୀ ଏକ ଖାସ ପ୍ରକାରର ଜଳବାୟୁ ଘଟଣା। ମୌସୁମୀର ଚମତ୍କାର ସେତେବେଳେ ଆରମ୍ଭ ହୁଏ



ଯେତେବେଳେ ଦକ୍ଷିଣ-ପଶ୍ଚିମ ବାୟୁ, ଯାହାକୁ ମୌସୁମୀ ବାୟୁ ବୋଲି ମଧ୍ୟ କୁହାଯାଏ, ହୀନ୍ଦ ମହାସାଗରରୁ ଭାରତ ଆଡକୁ ଅଗ୍ରସର ହୁଏ। ଏହି ବାୟୁରେ ଆର୍ଦ୍ରତା ଭରା ବାଦଲ ଆସିଥାଏ, ଯାହା ପାହାଡ ଓ ସମତଳରେ ବର୍ଷା ଥାଏ। ଏହି ବାୟୁ ଏତେ ଶକ୍ତିଶାଳୀ ଯେ ପୂରା ଉପମହାଦ୍ୱୀପରେ ବର୍ଷାର ରୂପରେଖ ନିର୍ଦ୍ଧାରଣ କରିଥାଏ। ଏହାର ଚାଲ ଓ ଶକ୍ତି କେତେ ତାହା ସମୁଦ୍ର ପୃଷ୍ଠର ଉଷ୍ମତା ଓ ବାୟୁର ଦିଗରୁ ଜଣାପଡିଥାଏ। ତୀବ୍ର ପବନ ଓ ବର୍ଷା ଯେତେବେଳେ ବଙ୍ଗୋପସାଗର ଓ ଆରବ ସାଗରକୁ ପହଞ୍ଚେ ସେତେବେଳେ ଏହା ଦୁଇ ଭାଗରେ ବାଣ୍ଟି ହୋଇଯାଇଥାଏ। ଏହାର ଗୋଟିଏ ଭାଗ ଆରବ ସାଗର ଦିଗକୁ ଅର୍ଥାତ ଗୁଜରାଟ, ମୁମ୍ବାଇ ଓ ରାଜସ୍ଥାନ ଦେଇ ଆଗକୁ ଅଗ୍ରସର ହେବା ବେଳେ ଅନ୍ୟ ଭାଗଟି ବଙ୍ଗୋପସାଗରରୁ ପଶ୍ଚିମବଙ୍ଗ ଓ ବିହାର ହୋଇ ହିମାଳୟରେ ଧକ୍କା ଲାଗି ଗଙ୍ଗାର ନିମ୍ନ ଦେଶ ପର୍ଯ୍ୟନ୍ତ ଯାଇଥାଏ। ଏହିପରି ମୌସୁମୀ ଭାରତକୁ ପ୍ରବେଶ କରେ। ମୌସୁମୀର ଆଗମନ ପୂର୍ବରୁ ପାଣିପାଗ ବିଭାଗ କିଛି ମାନଦଣ୍ଡ ➤ ପୃ-୬

### ସୁପ୍ରିମ୍‌କୋର୍ଟଙ୍କ ବଡ ରାୟ

## ଗୋଟିଏ ସିଟିଂରେ ହେବ ନିଟ୍-ପିଜି ପରୀକ୍ଷା

**ନୂଆଦିଲ୍ଲୀ :** ଏଣିକି ଗୋଟିଏ ସିଟିଂରେ ହେବ ନିଟ୍-ପିଜି ପରୀକ୍ଷା। ନିଟ୍-ପିଜି ପରୀକ୍ଷାକୁ ନେଇ ଶୁକ୍ରବାର ସର୍ବୋଚ୍ଚନ୍ୟାୟାଳୟ ଏହି ବଡ ନିଷ୍ପତ୍ତି ନେଇଛନ୍ତି। ମାମଲାର ଶୁଣାଣି କରି ଏନବିଟିକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୨ଟି ସିଟିଂରେ ପରୀକ୍ଷା କରିବାକୁ ଏନବିଟିର ଆବେଦନକୁ ପ୍ରତ୍ୟାଖ୍ୟାନ କରାଯାଇଛି। ୨ଟି ସିଟିଂରେ ପରୀକ୍ଷାକୁ ଭୁଲ୍ ଦର୍ଶାଇଛନ୍ତି ସୁପ୍ରିମକୋର୍ଟ। ଛାତ୍ରଛାତ୍ରୀଙ୍କୁ ସମାନ ପରିବେଶର ସୁଯୋଗ ମିଳିବା ଉଚିତ୍ ବୋଲି କହିଛନ୍ତି। ପୂର୍ବ ନିର୍ଦ୍ଧାରିତ ଜୁନ୍ ୧୫ ତାରିଖରେ ହେବ ନିଟ୍-ପିଜି ପରୀକ୍ଷା। ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ସ୍ନାତକ ଚିକିତ୍ସା ପାଠ୍ୟକ୍ରମରେ ନାମଲେଖା ପାଇଁ ଜାତୀୟ ସ୍ତରର ପ୍ରବେଶିକା ପରୀକ୍ଷା



ନ୍ୟାସନାଲ ଏଲିଜିବିଲିଟି କମ ଏନଟ୍ରାନ୍ସ ଟେଷ୍ଟ (ନିଟ୍) ଦୁଇଟି ସିଫ୍ଟ ବଦଳରେ ଗୋଟିଏ ସିଫ୍ଟରେ ଆୟୋଜିତ ହେବା ଉଚିତ। ନିଟ୍-ପିଜି ୨୦୨୫ ପରୀକ୍ଷାକୁ ଦୁଇଟି ସିଫ୍ଟରେ ➤ ପୃ-୬

### ପ୍ୟାକେଜିଂ, ଲେବଲ୍ ଏବଂ ବିଜ୍ଞାପନ

## '୧୦୦%' ଶବ୍ଦ ବ୍ୟବହାର ନକରିବାକୁ ଚେତାବନୀ ଜାରି




**ନୂଆଦିଲ୍ଲୀ:** ଭାରତର ସର୍ବୋଚ୍ଚ ଖାଦ୍ୟ ସୁରକ୍ଷା କର୍ତ୍ତୃପକ୍ଷ ଏକ କଠୋର ଉପଦେଶନାମା (ଆଡଭାଇଜରି) ଜାରି କରି ଖାଦ୍ୟ ବ୍ୟବସାୟଗୁଡ଼ିକୁ ପ୍ୟାକେଜିଂ, ଲେବଲ୍ ଏବଂ ବିଜ୍ଞାପନରେ '୧୦୦%' ଶବ୍ଦ ବ୍ୟବହାର ନକରିବାକୁ ଚେତାବନୀ ଦେଇଛନ୍ତି। ଏହାକୁ ସମ୍ଭାବ୍ୟ ଭ୍ରମାତ୍ମକ ଏବଂ ଆଇନର ପାଳନ କରାଯାଉ ନାହିଁ ବୋଲି ଧରି ନିଆଯିବ ବୋଲି କର୍ତ୍ତୃପକ୍ଷ କହିଛନ୍ତି। ଆଜିକାଲି ବଜାରରେ ଖାଦ୍ୟ ଉତ୍ପାଦଗୁଡ଼ିକରେ '୧୦୦%' ଶବ୍ଦର ବ୍ୟବହାର ବହୁଳ ଭାବେ ବୃଦ୍ଧି ଘଟିଛି ବୋଲି କହି ଗୁରୁବାର ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ (ଏଫ୍ଏସ୍ଏସ୍ଏଆଇ) ଚିନ୍ତା ବ୍ୟକ୍ତ କରିଛନ୍ତି। ଏହି ଶବ୍ଦ ଖାଦ୍ୟ ସୁରକ୍ଷା ଏବଂ ମାନକ (ଏଫ୍ଏସ୍ଏସ୍) ଆଇନ, ନିୟମ କିମ୍ବା ନିୟମାବଳୀ ଅନୁଯାୟୀ ପରିଭାଷିତ ନୁହେଁ, ଏବଂ ଏହାର ବ୍ୟବହାର ଗ୍ରାହକମାନଙ୍କୁ ଉତ୍ପାଦର ସମ୍ପୂର୍ଣ୍ଣ ସୁଦ୍ଧତା, ଉଚ୍ଚମାନ କିମ୍ବା ଉତ୍ତମ ➤ ପୃ-୬

### ପାକିସ୍ତାନକୁ ମୋଦୀଙ୍କ ଚେତାବନୀ

## ଶତ୍ରୁ ଯେଉଁଠାରେ ଥିବ ମରିବ

**କାନପୁର:** କାନପୁରରୁ ପାକିସ୍ତାନକୁ ମୋଦୀଙ୍କ ଚେତାବନୀ। ଶତ୍ରୁ ଯେଉଁଠାରେ ଥାଉନା କାହିଁକି ତାକୁ ମାରି ଦିଆଯିବ। କାନପୁରିଆ ଭାଷାରେ ପାକିସ୍ତାନକୁ କଡା ଜବାବ ଦେଇଛନ୍ତି ନରେନ୍ଦ୍ର ମୋଦୀ। ସେ କହିଛନ୍ତି ଯଦି ମୁଁ କାନପୁରିଆ ଭାଷାରେ କହିବି, ତେବେ ଶତ୍ରୁ ଯେଉଁଠାରେ ଥାଆନ୍ତୁ ନା କାହିଁକି ତାଙ୍କୁ ମାରିଦିଆଯିବ। ଅପରେସନ ସିନ୍ଦୁରରେ ବିଶ୍ୱ ଭାରତର ସ୍ୱଦେଶୀ ଅସ୍ତ୍ରଶସ୍ତ୍ର ଏବଂ ମେକ୍ ଇନ୍ ଇଣ୍ଡିଆର ଶକ୍ତି ଦେଖିଛି। ଆମର ଭାରତୀୟ ଅସ୍ତ୍ରଶସ୍ତ୍ର ବ୍ରହ୍ମୋସ କ୍ଷେପଣାସ୍ତ୍ର ସାହାଯ୍ୟରେ ଶତ୍ରୁର ଘରେ ପଶି ବିନାଶ ଘଟାଇଛୁ। ଯେଉଁଠାରେ ଲକ୍ଷ୍ୟ ସ୍ଥିର କରାଯାଇଥିଲା ସେଠାରେ ବିସ୍ଫୋରଣ କରାଯାଇଥିଲା। ଏହାସହିତ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ପାକିସ୍ତାନର ଖେଳ ଆଉ କାମ କରିବ ନାହିଁ। ଯଦି ମୁଁ ସିଧା କାନପୁରିଆରେ କହିବି ଯେ ଶତ୍ରୁ ଯେଉଁଠାରେ ଥିବ, ସେ ମରିବ। ଭାରତ



ପ୍ରତ୍ୟେକ ଆତଙ୍କବାଦୀ ଆକ୍ରମଣର ଜବାବ ଦେବ; ଏହାର ସମୟ, ଶୈଳୀ ଏବଂ ପରିସ୍ଥିତି ଆମର ବାହିନୀ ନିଜେ ନିଷ୍ପତ୍ତି ନେବେ। ଭାରତ ଆଉ ପରମାଣୁ ବୋମାର ଧମକକୁ ଭୟ କରିବ ନାହିଁ କିମ୍ବା ତା' ଉପରେ ଆଧାର କରି କୌଣସି ନିଷ୍ପତ୍ତି ନେବ ନାହିଁ। ଭାରତ ଆତଙ୍କବାଦର ମାଲିକ ଏବଂ ଆତଙ୍କବାଦକୁ ପ୍ରଶ୍ରୟ ଦେଉଥିବା ସରକାରଙ୍କୁ ସମାନ ଦୃଷ୍ଟିରେ ଦେଖିବ। ପ୍ରଧାନମନ୍ତ୍ରୀ ମୋଦୀ ଆହୁରି କହିଛନ୍ତି, ➤ ପୃ-୬

### ଆର୍ଥିକ କ୍ଷେତ୍ରରେ ଭାରତକୁ ବଡ଼ ଝଟକା

## ଅଭିବୃଦ୍ଧି ହାର ୪ ବର୍ଷରେ ସବୁଠାରୁ କମ୍

**ନୂଆଦିଲ୍ଲୀ :** ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତିରେ ପରିଣତ ହୋଇଥିବା ଭାରତକୁ ଆର୍ଥିକ କ୍ଷେତ୍ରରେ ବଡ଼ ଝଟକା ଲାଗିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତର ଜିଡିପି ଅଭିବୃଦ୍ଧି ୬.୫%କୁ ହ୍ରାସ ପାଇଛି। ଦେଶର ଏହି ଅଭିବୃଦ୍ଧି ହାର ଗତ ଚାରି ବର୍ଷ ମଧ୍ୟରେ ସବୁଠାରୁ କମ୍। ଏହା ବିଗତ ୪ ବର୍ଷରେ ସବୁଠାରୁ କମ। ଏପରି ତଥ୍ୟ କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ମନ୍ତ୍ରଣାଳୟ ଅଧୀନରେ ଥିବା ଜାତୀୟ ପରିସଂଖ୍ୟାନ ଅଫିସ ବା ଏନଏସ୍ଓ ପକ୍ଷରୁ ଜାରି ତଥ୍ୟରୁ ସ୍ପଷ୍ଟ ହୋଇଛି। ପୂର୍ବ ବର୍ଷ ତୁଳନାରେ ଅଭିବୃଦ୍ଧି ହାର କମ ରହିଛି ଓ ମୋଟ ଉପରେ ଅର୍ଥନୀତିକ କାର୍ଯ୍ୟକଳାପ ଥଣ୍ଡା ପଡ଼ି ଯାଇଥିବା ଏହି ତଥ୍ୟରୁ ଜଣାପଡ଼ିଛି। ମହାମାରୀ ପରେ ଦେଶର ଅର୍ଥନୀତି




ଅପେକ୍ଷାକୃତ ଦ୍ରୁତଗତିରେ ଆଗକୁ ବଢ଼ିଥିଲା। କିନ୍ତୁ ୨୦୨୪-୨୫ ଆର୍ଥିକ ବର୍ଷର ଅଭିବୃଦ୍ଧି ହାର ଚିନ୍ତା ବଢ଼ାଇ ଦେଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତର ଜିଡିପି ଦମଦାର ୯.୨% ରହିଥିଲା। ଦ୍ରୁତଗତିରେ ବଢୁଥିବା ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଭାରତର ଅଭିବୃଦ୍ଧି ହାର ସବୁଠାରୁ ଅଧିକ ଥିଲା। ସରକାରୀ ତଥ୍ୟ ଅନୁସାରେ, ୨୦୨୧-୨୨ରେ ଅର୍ଥନୀତିକ ଅଭିବୃଦ୍ଧି ହାର ୮.୭% ଓ ୨୦୨୨-୨୩ରେ ଏହା ୭.୨% ରହିଥିଲେ। କିନ୍ତୁ ୨୦୨୪-୨୫ରେ ଜିଡିପି ୬.୫% ରହିଛି। ନୋମିନାଲ ଜିଡିପି ପୂର୍ବବର୍ଷ ତୁଳନାରେ ୯.୮% ବୃଦ୍ଧି ପାଇ ୩୩୦.୬୮ ଲକ୍ଷ କୋଟିରେ ପହଞ୍ଚିଛି। ସେହିପରି ବାସ୍ତବ ଜିଡିପି ୧୮୭.୯୭ ଲକ୍ଷ କୋଟି ଛୁଇଁଛି। ୨୦୨୪-୨୫ ଆର୍ଥିକ ବର୍ଷର କେବଳ ୪ର୍ଥ କ୍ୱାର୍ଟରରେ ନୋମିନାଲ ଜିଡିପି ୧୦.୮% ବୃଦ୍ଧି ପାଇ ୮୮.୧୮ ଲକ୍ଷ କୋଟି ରହିଛି। ସରକାର ଜାରି କରିଥିବା ବିବୃତିରେ କହିଛନ୍ତି, ବାସ୍ତବ ଜିଡିପି ୨୦୨୪-୨୫ ଆର୍ଥିକ ବର୍ଷରେ ୬.୫% ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ନୋମିନାଲ ଜିଡିପିରେ ୯.୮% ଅଭିବୃଦ୍ଧି ଦେଖାଯାଇଛି। ପୂର୍ବରୁ ସରକାର ନୋମିନାଲ ଜିଡିପିରେ ୯.୯% ଅଭିବୃଦ୍ଧି ହେବ ବୋଲି ଆକଳନ କରିଥିଲେ। ଯଦିଓ ପୂର୍ଣ୍ଣ ➤ ପୃ-୬

### ବକ୍ରବାଣୀ



ଚାଲ ଆମେ ସବୁ ସ୍ୱଦେଶୀ ହେବା
ବିଦେଶୀ ଜିନିଷ ବରଜି ଦେବା
ଶୁଣି ମୋଦିଙ୍କର ବଜ୍ର ବଚନ
ଉଚ୍ଛନ୍ନ ହେଲାଣି ମୋହରି ମନ
ଘରେ ଯେତେ ସବୁ ଜିନିଷ ଥିଲା
ବାଛୁ ବାଛୁ ସବୁ ରାତି ପାହିଲା
ସ୍ୱଦେଶୀ ଜିନିଷ ଶହେରେ ଦଶ
ବାକି ନବେ ଭାଗ ପର ଜିନିଷ।
ଭାବିଲି ଏବେ ମୁଁ ଲଙ୍ଗଳା ହୋଇ
ବଣରେ ତପସ୍ୟା କରିବି ଯାଇ।

— ଟୁଟୁ

## 'ବିକଶିତ କୃଷି ସଂକଳ୍ପ ଅଭିଯାନ' ଯୁଗାନ୍ତକାରୀ ପଦକ୍ଷେପ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରାଳୟ ପକ୍ଷରୁ ପୁରୀର ସାକ୍ଷୀଗୋପାଳ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଠାରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ୍ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ଏହି ଜାତୀୟ କାର୍ଯ୍ୟକ୍ରମକୁ 'ଏକ ପେଡ ମା କେ ନାମ' ଅଭିଯାନ ଆଧାରରେ ଗଛ ଲଗାଇ ଉଦ୍‌ଘାଟନ କରିଥିଲେ। ସୂଚନା ଯୋଗ୍ୟ ଯେ, ଆଗାମୀ ୧୫ ଦିନ ଧରି ଚାଲୁ ରହିବାକୁ ଥିବା ଏହି ଅଭିଯାନରେ ପ୍ରାୟ ୧.୫ କୋଟି ଚାଷୀଙ୍କ ସହିତ ସରକାର ସିଧାସଳଖ ସାକ୍ଷାତକାର କରି ସେମାନଙ୍କୁ ନୂତନ କୃଷି ଜ୍ଞାନ କୌଶଳ ଓ ପ୍ରଯୁକ୍ତିବିଦ୍ୟା ବିଷୟରେ ଅବଗତ କରାଇବେ। ଏହି ଅବସରରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ, କୃଷକମାନଙ୍କ ମଧ୍ୟରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ନୂତନ ବିହନ କିସମ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ, ୧୨ ଜୁନ ପର୍ଯ୍ୟନ୍ତ ଦେଶବ୍ୟାପୀ 'ବିକଶିତ କୃଷି ସଂକଳ୍ପ ଅଭିଯାନ' ଭାରତ ସରକାରଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହି ଅଭିଯାନ ମାଧ୍ୟମରେ ଦେଶର ୭୦୦ ଜିଲ୍ଲାର ପ୍ରାୟ ୧ କୋଟି ୫୦ ଲକ୍ଷ ଚାଷୀଙ୍କ ନିକଟରେ ସରକାର ପହଞ୍ଚିବ ଏବଂ ନୂତନ କୃଷି ପ୍ରଯୁକ୍ତିବିଦ୍ୟା ପ୍ରୟୋଗ ବିଷୟରେ ସେମାନଙ୍କୁ ଅବଗତ କରାଇବ। ପ୍ରତ୍ୟେକ ଜିଲ୍ଲା ସ୍ତରରେ ତିନୋଟି ଦଳ ଗଠନ କରାଯାଇ କୃଷି, ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ ସମ୍ବନ୍ଧୀୟ ବିଷୟ ବସ୍ତୁ ଗୁଡ଼ିକୁ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଓ ବିଭାଗୀୟ ଅଧିକାରୀମାନେ ମିଳିତ ଭାବରେ ଗ୍ରାମୀଣ କୃଷକମାନଙ୍କୁ ଏ ବିଷୟରେ ବୁଝାଇବେ। ପ୍ରତ୍ୟେକ ଦଳ, ଦୈନିକ ଦୁଇଟି ଗାଁ



ଗସ୍ତ କରି ପ୍ରତ୍ୟେକ ଗାଁ'ରେ ୨୫୦ ଜଣ ଚାଷୀଙ୍କୁ ଭେଟି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର କୃଷକ କଲ୍ୟାଣ ଯୋଜନା ଗୁଡ଼ିକୁ ବୁଝାଇବା ସହ ବିଭିନ୍ନ କାର୍ଯ୍ୟକ୍ରମ, ପଦକ୍ଷେପ ଏବଂ ନୂତନ ଜ୍ଞାନ କୌଶଳର ପ୍ରୟୋଗାତ୍ମକ ଦିଗ ଗୁଡ଼ିକ ଉପରେ ଚାଷୀଭାଇ ଓ ଭଉଣୀମାନଙ୍କ ସହ ଆଲୋଚନା କରିବେ। ଗବେଷଣାଲବ୍ଧ କୃଷି ସୂଚନା କିପରି ଭାବରେ ଚାଷୀ ଭାଇ ଭଉଣୀମାନଙ୍କ ନିକଟରେ ପହଞ୍ଚିବ ସେ ବିଷୟରେ ପଦକ୍ଷେପ ମାନ ନିଆଯିବ। ବିଶେଷ କରି ମୃତ୍ତିକାର ସ୍ୱାସ୍ଥ୍ୟ ପରୀକ୍ଷା, ମୃତ୍ତିକା ସ୍ୱାସ୍ଥ୍ୟକାର୍ଡର ବ୍ୟବହାରିତା, ସାର ପରିଚାଳନା, ଜଳବାୟୁ ପ୍ରତିରୋଧ କୃଷି ଇତ୍ୟାଦି ବିଷୟରେ ଚାଷୀମାନଙ୍କୁ ଅବଗତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ପୁଣି କହିଥିଲେ ଯେ, ଆମ ସରକାର, ରାଜ୍ୟର ଧାନଚାଷୀ ଭାଇ ଭଉଣୀମାନଙ୍କୁ ଉତ୍ତମ ମୂଲ୍ୟ ପ୍ରଦାନ କରିବା ଏବଂ ସେମାନଙ୍କୁ ସମାଜର ଆର୍ଥିକ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ବିଭିନ୍ନ ଐତିହାସିକ ପଦକ୍ଷେପ ନେଇଛନ୍ତି। ଏହା କେବଳ ସମ୍ଭବ ହୋଇପାରିଛି ଆମ ସରକାରର କୃଷକ ଭାଇଭଉଣୀମାନଙ୍କ ପାଇଁ ନୂଆ ନୂଆ ଯୋଜନା ଏବଂ ଚାଷୀମାନଙ୍କ କଲ୍ୟାଣ ପାଇଁ ପ୍ରତିବଦ୍ଧତା ଭାବ ଯୋଗୁଁ। କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଚୌହାନ କହିଥିଲେ ଯେ, ଓଡ଼ିଶା ରାଜ୍ୟ, ଆଜି ସାରା ଭାରତ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି। ସମୃଦ୍ଧ କୃଷକ ଯୋଜନା ମାଧ୍ୟମରେ ସରକାର ଚାଷୀଙ୍କଠାରୁ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ କ୍ରୟ କରୁଛନ୍ତି, ଯାହାକି ଧାନର ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ୮୦୦ ଟଙ୍କା ଅଧିକ। ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କାରଣ ଚାଷୀର ଆୟ ବଢିଲେ ଦେଶର ଆୟ ବଢେ। କେବଳ ଚାଷ କ୍ଷେତ୍ର ନୁହେଁ, ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ**
ଆୟର ନୂଆ ସ୍ରୋତ ପାଇବେ। ଉଧାର ଦିଅନ୍ତୁ ନାହିଁ। ପିତା ମାତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ। ଦମ୍ପତ୍ତିଙ୍କ ମଧ୍ୟରେ ଝଗଡା ହୋଇପାରେ। ପ୍ରତିକାର : ଭଗବାନ ଶିବଙ୍କୁ ମହୁ ଅର୍ପଣ କରନ୍ତୁ ଓ ଶିବ ସହସ୍ରନାମ ପାଠ କରନ୍ତୁ।

**ବୃଷ**
ଶର୍ଦ୍ଦି ହୋଇପାରେ। ଆର୍ଥିକ ସ୍ଥିତି ମଜବୁତ ହେବ। କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ସହଯୋଗ କରିବେ। ଦମ୍ପତ୍ତିଙ୍କ ସମ୍ପର୍କ ମଧୁର ହେବ। ପ୍ରେମୀଙ୍କ ପାଇଁ ଭଲ ସମୟ ପ୍ରତିକାର : ହନୁମାନ ଚାଳିଶା ପାଠ କରନ୍ତୁ।

**ମିଥୁନ**
ଅଣ୍ଟାରେ ଯନ୍ତ୍ରଣା ହୋଇପାରେ। ଆୟ ତୁଳନାରେ ବ୍ୟୟ ବଢ଼ିବ। ବ୍ୟବସାୟରେ ପ୍ରତିବନ୍ଧକ ଦେଖାଦେଇପାରେ। ପ୍ରତିକାର : ବିଷ୍ଣୁ ସହସ୍ୟ ନାମ ପାଠ କରନ୍ତୁ। ତୁଳସୀ ମୂଳରେ ଦୀପ ଜାଳନ୍ତୁ।

**କର୍କଟ**
ରକ୍ତଚାପ ହୋଇପାରେ। ଆୟ ଓ ବ୍ୟୟରେ ବୃଦ୍ଧି ହେବ। କାର୍ଯ୍ୟ କ୍ଷେତ୍ରରେ ସମସ୍ୟା ଦେଖାଦେବ। ଦୂର ଯାତ୍ରା ଯୋଗ ଅଛି। ଦମ୍ପତ୍ତିଙ୍କ ମଧ୍ୟରେ ମତାନ୍ତର ହୋଇପାରେ। ପ୍ରତିକାର : ଧଳା ଚନ୍ଦନ ଲଗାନ୍ତୁ। ଓଁ ନମଃ ଶିବାୟ ଜପ କରନ୍ତୁ।

**ସିଂହ**
ପେଟ ରୋଗ ହୋଇପାରେବ। ଆୟରେ ଅସାମାନ୍ୟ ବୃଦ୍ଧି ହେବ। ପୈତୃକ ସମ୍ପତ୍ତି ପ୍ରାପ୍ତି ଯୋଗ ଅଛି। ପ୍ରେମୀଙ୍କର ବିବାହ ଯୋଗ ଅଛି। ପ୍ରତିକାର : ବିଷ୍ଣୁ ସହସ୍ର ନାମ ପାଠ କରନ୍ତୁ।

**କନ୍ୟା**
ଛୋଟଛୋଟ କ୍ଷତି ହୋଇପାରେ। ଆୟରେ ବୃଦ୍ଧି ହେବ। ପଦୋନ୍ନତି ଯୋଗ ଅଛି। କୌଣସି ଶୁଭ ଖବର ପାଇପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପ୍ରତିକାର : ଗଣେଶ ଚାଳିଶା ପାଠ କରନ୍ତୁ।

**ତୁଳା**
ସ୍ୱାସ୍ଥ୍ୟ ଉତ୍ତମ ରହିବ। ବ୍ୟବସାୟରେ ସଫଳତା ପାଇବେ। କାର୍ଯ୍ୟ କ୍ଷେତ୍ରରେ ସହଯୋଗ ବଢ଼ିବ। ପ୍ରେମରେ ସଫଳତା ମିଳିବ। ଜୀବନସାଥୀଙ୍କ ସହ ସମ୍ପର୍କରେ ମଧୁରତା ବଢ଼ିବ। ପ୍ରତିକାର : ଲଙ୍ଗାଷ୍ଟକ ପାଠ କରନ୍ତୁ।

**ବିଛା**
ଗଳାରେ ସମସ୍ୟା ହୋଇପାରେବ। ଖର୍ଚ୍ଚରେ ବୃଦ୍ଧି ହେବ। କାର୍ଯ୍ୟ କ୍ଷେତ୍ରରେ ସମସ୍ୟା ଦେଖା ଦେଇପାରେ। ଶତ୍ରୁ ବଢ଼ିବେ। ପ୍ରେମୀ ମାନଙ୍କ ସମ୍ପର୍କ ଦୃଢ଼ ହେବ। ପ୍ରତିକାର : ବଜରଙ୍ଗ ବାଣ ପାଠ କରନ୍ତୁ।

**ଧନୁ**
ମନ ଅସ୍ଥିର ରହିବ। ବାଣୀରେ ଲଗାମ ଦିଅନ୍ତୁ। ଆପଣଙ୍କ ବିରୁଦ୍ଧରେ ଷଡଯନ୍ତ୍ର ବଢ଼ିବ। ବ୍ୟୟ ବଢ଼ିବ। ଦାନ୍ତରେ ପୀଡା ହୋଇପାରେ। ଦାମ୍ପତ୍ୟ ଜୀବନ ସାମାନ୍ୟ ରହିବ। ପ୍ରତିକାର : ପ୍ରତିଦିନ କେଶର ତିଳକ ଲଗାନ୍ତୁ।

**ମକର**
ମୁଣ୍ଡବ୍ୟଥା ରୋଗ ହୋଇପାରେ। ଆର୍ଥିକ ଦିଗରେ ଉନ୍ନତି ହୋଇପାରେ। ତର୍କରୁ ଦୂରେଇ ରହନ୍ତୁ। ବାଣୀରେ ଲଗାମ ଦିଅନ୍ତୁ। ଜୀବନସାଥୀଙ୍କ ପାଇଁ କିଛି ସମୟ ଦିଅନ୍ତୁ। ପ୍ରତିକାର : କଳା ରାଶି ଶିବ ଲିଙ୍ଗରେ ଅର୍ପଣ କରନ୍ତୁ।

**କୁମ୍ଭ**
ଜୀବନସାଥୀଙ୍କ ସ୍ୱାସ୍ଥ୍ୟ ବିଗିଡିପାରେ। ଆୟରେ ବୃଦ୍ଧି ହେବ। କାର୍ଯ୍ୟକ୍ଷେତ୍ରରେ ସହଯୋଗ ବଢ଼ିବ। ପୁରୁଣା କାମ ପୂରା ହେବ। ପ୍ରେମୀମାନେ ଅନୁରାଗୀ ହେବେ। ଗୃହରେ ଶାନ୍ତି ବଜାୟ ରହିବ। ପ୍ରତିକାର : ସୁନ୍ଦର କାଣ୍ଡ ପାଠ କରନ୍ତୁ।

**ମୀନ**
ସ୍ୱାସ୍ଥ୍ୟ ଉତ୍ତମ ରହିବ। ଆୟର ସ୍ରୋତ ବଢ଼ିବ। ବ୍ୟବସାୟରେ ସହଯୋଗ ବଢ଼ିବ। ଜୀବନସାଥୀଙ୍କ ସହ ଉତ୍ତମ ସମୟ ଅତିବାହିତ କରିବେ। ବିଦେଶ ଭ୍ରମଣ ଯୋଗ ଅଛି। ପ୍ରେମୀଙ୍କ ପାଇଁ ଶୁଭ ସମୟ। ପ୍ରତିକାର : ହନୁମାନ ଚାଳିଶା ପାଠ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ପାକିସ୍ତାନ ଓ ଚୀନକୁ ଜବାବ ଦେବାକୁ ପ୍ରସ୍ତୁତ ବାୟୁସେନାର 'ସୂର୍ଯ୍ୟା' ରାଡାର

# ଆକାଶରେ ନଷ୍ଟ କରିଦେବ ଷ୍ଟିଲଥ୍ ବିମାନ

**ନୂଆଦିଲ୍ଲୀ :** ଶତ୍ରୁ ଯେତେବେଳେ ଯୋଜନା କରୁଥାଏ ଭାରତ ସେତେବେଳକୁ ତାର କାଟ୍ ଖୋଜି କାଢି ସାରିଥାଏ। ଚୀନ୍ ଏବେ ପାକିସ୍ତାନକୁ ଷ୍ଟିଲଥ ଫାଇଟର ଜେଟ୍ ଦେବାକୁ ଯୋଜନା କରୁଛି। ହେଲେ ତା ପୂର୍ବରୁ ଭାରତ ଦୁଇ ଶତ୍ରୁ ଦେଶଙ୍କ ଟ୍ରିଟମେଣ୍ଟ କରିଦେଇଛି। ଭାରତ ସୂର୍ଯ୍ୟା ରାଡାର ତିଆରି କରିଛି, ଏହା ଷ୍ଟିଲଥ ବିମାନ ଓ ରକେଟର ମୁକାବିଲା କରିବାକୁ ସକ୍ଷମ ହୋଇଥିବ ବେଳେ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ବିକଶିତ ହୋଇଛି। ସୂଚନା ମୁତାବକ ସୂର୍ଯ୍ୟା ରାଡାର (ଆଣ୍ଟି ଷ୍ଟିଲଥ୍ ରାଡାର) ଭାରତରେ ନିର୍ମିତ ଏପରି ପ୍ରଥମ ସ୍ୱଦେଶୀ ରାଡାର ଯାହା ଆମେରିକାର ଏଫ-୨୨, ଏଫ-୩୫ ଷ୍ଟିଲଥ୍ ବିମାନ ସହିତ ଚୀନ୍ ର ଜେ-୨୦ ଓ ଜେ-୩୫ ବିମାନକୁ ଆକାଶରେ ଧରି ନଷ୍ଟ କରିଦେଇ ପାରିବ। ଭାରତର ଏହାର ୬ ୟୁନିଟ୍ ପ୍ରସ୍ତୁତ କରିଛି। ଏ ଗୁଡିକୁ ଆତ୍ମ ନିର୍ଭର ଭାରତ ଯୋଜନାରେ ପ୍ରସ୍ତୁତ କରାଯାଇଛି। ସୂଚନା ଅନୁସାରେ ସୂର୍ଯ୍ୟା ରାଡାର ଏକ ମୋବାଇଲ, ସଲିଡ ଷ୍ଟେଟ୍ ଥ୍ରୀ-ଡି ରାଡାର ସିଷ୍ଟମ ଯାହା ଷ୍ଟିଲଥ ଏୟାରକ୍ରାଫ୍ଟ ଓ ସ୍ୱଳ୍ପ ଦୂରତାରେ ଥିବା ଟାର୍ଗେଟ୍ କୁ



ଆକାଶରେ ବିନାଶ କରିବାକୁ ତିଆରି ହୋଇଛି। ଏହା ଭିଏଚଏଫ ବ୍ୟାଣ୍ଡରେ ସଞ୍ଚାଳିତ ହୋଇଥାଏ, ଯାହା ରାଡାରକୁ ସେହି ସବୁ ଲକ୍ଷ୍ୟ ଗୁଡିକୁ ଚିହ୍ନଟ କରାଇଥାଏ ଯେଉଁଗୁଡିକ ସାଧାରଣତଃ ଅନ୍ୟ ରାଡାରରୁ ବର୍ତ୍ତି ଯାଇଥାନ୍ତି। ଏହି ୨ ବର୍ଗ ମିଟର ରାଡାର କ୍ରସ ସେକ୍ସନ ଲକ୍ଷ୍ୟକୁ ୩୬୦ କିଲୋମିଟର ଦୂରରେ ଚିହ୍ନଟ କରି ଧରିପକାଏ। ଏହା ଛଡା ଶତ୍ରୁର ଲକ୍ଷ୍ୟ ସୀମାକୁ ମଧ୍ୟ ସହଜରେ ଜାଣି ଯାଇଥାଏ। ଟ୍ରାକ୍ କରିବା ପରେ ଭାରତୀୟ ସେନାକୁ ଷ୍ଟିୟରିଂ ମୋଡରେ ଆଲର୍ଟ ବି କରିପାରେ। ପ୍ରତିରକ୍ଷା ମନ୍ତ୍ରାଳୟ ସୂଚନା ଅନୁସାରେ ପାକିସ୍ତାନକୁ ଷ୍ଟିଲଥ ଫାଇଟର ଜେଟ୍ ମିଳିବା ସୂଚନା ଅନୁସାରେ ରାଡାର ମୁତୟନର ଯୋଜନା ଚାଲିଛି। ଅପରେସନ ସିନ୍ଦୂର ପରେ ସୂର୍ଯ୍ୟାରାଡାର ଡେଲିଭରି ତ୍ୱରାନ୍ୱିତ କରାଯାଇଛି। ସୂର୍ଯ୍ୟା ରାଡାର କେବଳ ସମ୍ମୁଖରୁ ନୁହେଁ ଶତ୍ରୁ ଯଦି ଛପି ରହି ଆକ୍ରମଣ କରିବାକୁ ଯୋଜନା କରିଥାଏ ତାକୁ ଖୋଜି ଟାର୍ଗେଟ୍ କରିପାରେ। କେବଳ ଏତିକି ନୁହେଁ ବିପଦ ନେଇ ପୂର୍ବରୁ ସୈନିକଙ୍କୁ ସତର୍କ ମଧ୍ୟ କରିପାରେ। ସୂର୍ଯ୍ୟା ରାଡାରର ପ୍ରଥମ ଲୁକ୍ ଏରୋ ଇଣ୍ଡିଆ ୨୦୨୫ରେ ସାମ୍ନାକୁ ଆସିଥିଲା ଓ ଏହି ପ୍ରଦର୍ଶନୀ ମାଧ୍ୟମରେ ଭାରତ ନିଜର ଶକ୍ତି ସମ୍ପର୍କରେ ସାରା ବିଶ୍ୱକୁ ଜଣାଇଥିଲା।

## ଆୟକର ରିଟର୍ଣ୍ଣ ଫାଇଲ ସମୟସୀମା ବୃଦ୍ଧି


**ନୂଆଦିଲ୍ଲୀ :** ଦେଶର କୋଟି କୋଟି ଆୟକରଦାତା ମାନଙ୍କ ପାଇଁ ଏକ ବଡ଼ ଖବର। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ପକ୍ଷରୁ ଆୟକର ରିଟର୍ଣ୍ଣ ଫାଇଲ ତାରିଖକୁ ୧୫ ସେପ୍ଟେମ୍ବରକୁ ବୃଦ୍ଧି କରାଯାଇଥିବା ଘୋଷଣା କରାଯାଇଛି। ସିବିଡିଟି ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ, ଏବେ ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ଆଇଟିଆର (ଆୟକର ରିଟର୍ଣ୍ଣ) ଫାଇଲ କରିବାର ଶେଷ ତାରିଖ ୩୧ ଜୁଲାଇ ୨୦୨୫ ରୁ ୧୫ ସେପ୍ଟେମ୍ବରକୁ ବୃଦ୍ଧି କରାଯାଇଛି। ଆଇଟିଆର ଫର୍ମ, ସିଷ୍ଟମ ଡେଭଲପମେଣ୍ଟ ଆବଶ୍ୟକତା ଏବଂ ଟିଡିଏସ୍ କ୍ରେଡିଟ୍ ପ୍ରତିଫଳନରେ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ଯୋଗୁଁ ତାରିଖକୁ ବୃଦ୍ଧି କରାଯାଇଛି। ଆୟକର ବିଭାଗ ପକ୍ଷରୁ ଏକ୍ସ (ଯାହାକି ପୂର୍ବରୁ ଟ୍ୱିଟର ଭାବରେ ଜଣାଶୁଣା ଥିଲା)ରେ ଏକ ପୋଷ୍ଟ ମାଧ୍ୟମରେ ଏହା ଘୋଷଣା କରିଛି। ପୋଷ୍ଟରେ ଲେଖାଯାଇଛି।

## ନକ୍ସଲ ମୁକ୍ତ ହେଲା ବସ୍ତର

**ବସ୍ତର :** ଛତିଶଗଡ଼ ପାଇଁ ବଡ଼ ଖବର। ୪ ଦଶନ୍ଧି ଧରି ନକ୍ସଲବାଦର ଶିକାର ହୋଇଆସୁଥିବା ଛତିଶଗଡ଼ର ବସ୍ତର ଜିଲ୍ଲା ଶେଷରେ ହୋଇଛି 'ନକ୍ସଲ ମୁକ୍ତ'। ଏହି ଘୋଷଣା କେନ୍ଦ୍ର ସରକାର ନିଜେ କରିଛନ୍ତି। ପ୍ରାୟ ୪୦ ବର୍ଷ ପରେ ବସ୍ତରକୁ ବାମପନ୍ଥୀ ଉଗ୍ରବାଦୀଙ୍କ କବଳରୁ ମୁକ୍ତ ଘୋଷଣା କରିଛନ୍ତି କେନ୍ଦ୍ର ସରକାର। ସୁରକ୍ଷା ବାହିନୀ ନିକଟରେ ଅନେକ ବଡ଼ ନକ୍ସଲ କମାଣ୍ଡରଙ୍କୁ ହତ୍ୟା କରିବା ପରେ ଏବେ ଏହି ଘୋଷଣା କରିଛନ୍ତି। ଛତିଶଗଡ଼ର ନକ୍ସଲ ପ୍ରଭାବିତ ଜିଲ୍ଲା ବସ୍ତରକୁ ଏବେ ବାମପନ୍ଥୀ ଉଗ୍ରବାଦୀ ପ୍ରଭାବିତ ଜିଲ୍ଲା ତାଲିକାରୁ ହଟାଇ ଦିଆଯାଇଛି। ୧୯୮୦ ଦଶକରୁ ଏଠାରେ ନକ୍ସଲବାଦ ବୃଦ୍ଧି ପାଉଥିଲା। ଏପରିକି ନକ୍ସଲବାଦ ଯୋଗୁଁ ବିକାଶରେ ବାଧା ଉପୁଜୁଥିଲା। ତଥାପି ବସ୍ତର ଭିତର ଅଞ୍ଚଳଗୁଡ଼ିକରେ ସୁରକ୍ଷା ବାହିନୀର ନିରନ୍ତର ପ୍ରବେଶ ସହିତ ଏହାକୁ କବଜା କରିଥିଲେ। ନକ୍ସଲବାଦର ଏକ ଗଡ଼ ପାଲଟିଥିଲା ବସ୍ତର। ଏପରି ପରିସ୍ଥିତିରେ କେନ୍ଦ୍ର ସରକାରଙ୍କ ସହାୟତାରେ ସୁରକ୍ଷା ବାହିନୀ ସେହି ସମସ୍ତ ଜିଲ୍ଲାରେ ଏକ ସ୍ୱତନ୍ତ୍ର 'ନକ୍ସଲ ବିରୋଧୀ' ଅଭିଯାନ ଆରମ୍ଭ କରିଥିଲେ। ନକ୍ସଲମାନେ ସେହି ଅଞ୍ଚଳଗୁଡ଼ିକୁ ଘେରି ରହିଥିଲେ। ସମୟ ସହିତ ଗୋଟିଏ ପରେ ଗୋଟିଏ ବଡ଼ ପଦକ୍ଷେପ ନେଇଥିଲେ କେନ୍ଦ୍ର ସରକାର। ଶହ ଶହ ନକ୍ସଲବାଦୀ ନିପାତ ହେଲେ। ଅନେକ ନକ୍ସଲବାଦୀ ମୁଖ୍ୟସ୍ରୋତରେ ସାମିଲ ହେଲେ। ଶେଷରେ ବସ୍ତର ନକ୍ସଲବାଦରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇଛି।

### ଫ୍ରାନ୍ସରେ ଐତିହାସିକ ବିଲ୍‌କୁ ଅନୁମୋଦନ

## ଦୁରାରୋଗରେ ପୀଡିତଙ୍କୁ ମିଳିବ ମୃତ୍ୟୁ ବାଛିବାର ଅଧିକାର



**ପ୍ୟାରିସ୍ :** ଫ୍ରାନ୍ସର ନିମ୍ନ ସଦନ ନ୍ୟାସନାଲ ଆସେମ୍ବଲୀ ଏକ ଐତିହାସିକ ବିଲ୍‌କୁ ଅନୁମୋଦନ କରିଛି। ଏହି ବିଲ୍ ଅନୁଯାୟୀ ଫ୍ରାନ୍ସର ଦୁରାରୋଗ୍ୟ ରୋଗରେ ପୀଡ଼ିତ ବୟସ୍କ ଲୋକମାନଙ୍କୁ ମୃତ୍ୟୁ ବାଛିବାର ଅଧିକାର ମିଳିବ। ୟୁରୋପରେ ବହୁ ଦିନ ଧରି ମୃତ୍ୟୁ ବାଛିବାର ଅଧିକାରକୁ ଆଇନଗତ କରିବା ପାଇଁ ଦାବି ହୋଇଆସୁଛି। ଫ୍ରାନ୍ସରେ ମଧ୍ୟ ଦୀର୍ଘ ଦିନ ଧରି ଏପରି ଏକ ଦାବି କରାଯାଉଛି ଏବଂ ଏହାକୁ ନେଇ ସଂସଦରେ ମାସ ମାସ ଧରି ଚର୍ଚ୍ଚା ଚାଲିଛି। ଲମ୍ବା ଚର୍ଚ୍ଚା ପରେ ମଙ୍ଗଳବାର ନ୍ୟାସନାଲ ଆସେମ୍ବଲୀ ଏହାକୁ ଅନୁମୋଦନ କରିଛି। ଏବେ ଏହି ବିଧେୟକକୁ ଉଚ୍ଚ ସଦନ ସିନେଟ୍ରେ ଉପସ୍ଥାପନ କରାଯିବ। ପ୍ରସ୍ତାବିତ ବିଧେୟକରେ ଅସାଧ ରୋଗରେ ପୀଡ଼ିତ ଲୋକଙ୍କୁ ମୃତ୍ୟୁ ବାଛିବାର ଅନୁମତି ପ୍ରଦାନ କରାଯାଇଥିବାବେଳେ ଏଥିରେ କଠୋର ସର୍ତ୍ତାବଳୀ ମଧ୍ୟ ଲାଗୁ କରାଯାଇଛି। ସର୍ତ୍ତ ଅନୁସାରେ, ଅସାଧ ରୋଗରେ ପୀଡ଼ିତ ରୋଗୀକୁ ନିଜେ ହିଁ ବିଷ ଖାଇବାକୁ ପଡ଼ିବ। କିନ୍ତୁ ଯଦି ସେ ନିଜର ଜୀବନ ନେବା ସ୍ଥିତିରେ ନଥିବେ ତେବେ ଏଭଳି ପରିସ୍ଥିତିରେ ଡାକ୍ତର କିମ୍ବା ନର୍ସଙ୍କ ସହାୟତାରେ ବ୍ୟକ୍ତିକୁ ବିଷ ଦିଆଯାଇପାରିବ। ବିଲ୍ ଅନୁଯାୟୀ, ମୃତ୍ୟୁକୁ ବିକଳ୍ପ ଭାବେ ବାଛିବା ପାଇଁ ରୋଗୀଙ୍କ ବୟସ ଅତି କମରେ ୧୮ ବର୍ଷ ହୋଇଥିବା ଆବଶ୍ୟକ। ଏଥିସହ ସେ ଫ୍ରାନ୍ସର ନାଗରିକ ମଧ୍ୟ ହୋଇଥିବା ଆବଶ୍ୟକ। ମୃତ୍ୟୁକୁ ବିକଳ୍ପ ଭାବେ ବାଛିବା ପୂର୍ବରୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଏକ ଦଳ ଯାଞ୍ଚ କରିବେ ଯେ ବ୍ୟକ୍ତି ଜଣକ ଦୁରାରୋଗ୍ୟ ରୋଗରେ ପୀଡିତ ଏବଂ ଏହାର କୌଣସି ଚିକିତ୍ସା ନାହିଁ। ଏହା ସହିତ ରୋଗୀ ଅସହ୍ୟ ଯନ୍ତ୍ରଣା ଦେଇ ଗତି କରୁଥିବ। ଏହି ଯାଞ୍ଚ ପରେ ହିଁ ମୃତ୍ୟୁକୁ ବାଛିବାର ବିକଳ୍ପ ଉପଲବ୍ଧ ହେବ। ମାନସିକ ରୋଗୀମାନଙ୍କୁ ମୃତ୍ୟୁ ବାଛିବାର ବିକଳ୍ପରୁ ବାଦ ଦିଆଯାଇଛି। ବିଧେୟକ ଅନୁଯାୟୀ, ରୋଗାଗ୍ରସ୍ତ ବ୍ୟକ୍ତିଙ୍କୁ ଯଦି ଜୀବନ ହାରିବାର ଅନୁମତି ମିଳୁଛି, ତେବେ ସେ ତାଙ୍କ ଘରେ, ନର୍ସିଂ ହୋମ୍ କିମ୍ବା ସ୍ୱାସ୍ଥ୍ୟ କେନ୍ଦ୍ରରେ ଘାତକ ଔଷଧ କିମ୍ବା ବିଷ ଖାଇପାରିବେ।

## ରେଳ ଷ୍ଟେସନରେ ୟୁଟ୍ୟୁବରଙ୍କୁ ଫଟୋ, ଭିଡିଓ ମନା

**ନୂଆଦିଲ୍ଲୀ :** ପୂର୍ବ ରେଳବାଇ ସମସ୍ତ ବ୍ଲଗର ଏବଂ ୟୁଟ୍ୟୁବରଙ୍କୁ ଜାତୀୟ ସୁରକ୍ଷା ଦୃଷ୍ଟିରୁ ଏହାର ଅଧିକାର କ୍ଷେତ୍ର ଅନ୍ତର୍ଗତ ଷ୍ଟେଶନଗୁଡ଼ିକର ବିସ୍ତୃତ ଫଟୋଗ୍ରାଫ କିମ୍ବା ଭିଡିଓ ନ କରିବାକୁ ଅନୁରୋଧ କରିଛି। ପାକିସ୍ତାନ ପାଇଁ ଗୁପ୍ତଚର ଅଭିଯୋଗରେ ଗିରଫ ହୋଇଥିବା ହରିୟାଣାର ଜ୍ୟୋତି ମାଲହୋତ୍ରାଙ୍କ ମାମଲାକୁ ଧ୍ୟାନରେ ରଖି ରେଳବାଇ ଏହି ପଦକ୍ଷେପ ନେଇଛି। ପୂର୍ବ ରେଳବାଇ କହିଛି ଯେ ସମ୍ପୃକ୍ତ ଅଧିକାରୀମାନେ ନଜର ରଖିବେ ଏବଂ ନିଶ୍ଚିତ କରିବେ ଯେ କେହି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ଗୁଡ଼ିକର ବିସ୍ତୃତ ଫଟୋଗ୍ରାଫ ନେଇପାରିବେ ନାହିଁ। ପୂର୍ବ ରେଳବାଇର ଜଣେ ମୁଖପାତ୍ର କହିଛନ୍ତି, ଷ୍ଟେସନ ପରିସର ଏବଂ ପ୍ଲାଟଫର୍ମର ଫଟୋଗ୍ରାଫ କିମ୍ବା ଭିଡିଓ ନେବା ଉପରେ ପ୍ରତିବନ୍ଧକ ଲାଗୁ ହୋଇଛି। ଏବେ ଆମେ ସାରା ଦେଶରେ ସୃଷ୍ଟି ହେଉଥିବା ପରିସ୍ଥିତି ଏବଂ ସୁରକ୍ଷା ସତର୍କତା ସହିତ ନଜର ରଖିବାକୁ ନିଷ୍ପତ୍ତି ନେଇଛୁ। ଅଧିକାରୀ କହିଛନ୍ତି ଯେ କିଛି ବ୍ଲଗର କିମ୍ବା ୟୁଟ୍ୟୁବର ରେଳ ଷ୍ଟେସନଗୁଡ଼ିକର 'ଭିଡିଓ ବ୍ଲଗ' ତିଆରି କରିବାକୁ ଚେଷ୍ଟା କରନ୍ତି, ଯାହା ଖୁବ୍ ଚିନ୍ତାଜନକ। ସେ କହିଛନ୍ତି ଯେ ସମସ୍ତ ବିଭାଗ ଏବଂ ବିଭାଗରେ କଟକଣା ଜାରି ଅଛି, କିନ୍ତୁ କେତେକ ଲୋକ ନିର୍ଦ୍ଦେଶାବଳୀ ପାଳନ କରିବାକୁ ଚାହୁଁନାହାନ୍ତି। ସେ କହିଛନ୍ତି, 'ଆମେ ସମସ୍ତ ବ୍ଲଗର ଏବଂ ୟୁଟ୍ୟୁବରଙ୍କୁ ଅନୁରୋଧ କରୁଛୁ ଯେ ସେମାନେ ଏବେ ଏପରି କାର୍ଯ୍ୟକଳାପ କରନ୍ତୁ ନାହିଁ। ସୁରକ୍ଷା ସହିତ ଆପତ୍ତି କରାଯାଇପାରିବ ନାହିଁ, ତେଣୁ ଏହି କଟକଣା ଜରୁରୀ ଥିଲା। ମୁଖପାତ୍ର କହିଛନ୍ତି ଯେ ଯଦି ଗଣମାଧ୍ୟମ କିମ୍ବା ନ୍ୟୁଜ ଚ୍ୟାନେଲଗୁଡ଼ିକୁ କୌଣସି କାର୍ଯ୍ୟକ୍ରମ କଭରେଜ କରିବାକୁ ପଡ଼େ, ତେବେ ଏଥିପାଇଁ ସ୍ୱତନ୍ତ୍ର ଅନୁମତି ନିଆଯାଇପାରିବ, କିନ୍ତୁ ସାଧାରଣ ନାଗରିକଙ୍କୁ ଷ୍ଟେସନ କିମ୍ବା ଏହା ପରିସରର ଫଟୋ ଉଠାଇବା କିମ୍ବା ଭିଡିଓ ତିଆରି କରିବାର ଅନୁମତି ନାହିଁ। ସେ ପୁଣି ଥରେ କହିଛନ୍ତି ଯେ ଏପରି କଟକଣା ପୂର୍ବରୁ ରହିଛି, କିନ୍ତୁ ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହାକୁ କଡ଼ାକଡ଼ି ପାଳନ କରିବା ଆବଶ୍ୟକ। ତେଣୁ, ଏହାକୁ ପୁଣି ଥରେ ଦୋହରାଇ ଦିଆଯାଉଛି ଏବଂ କଡ଼ାକଡ଼ି କାର୍ଯ୍ୟକାରୀ କରାଯାଉଛି।

## ଶିକ୍ଷାନବିସ ଭତ୍ତା ୩୬% ବୃଦ୍ଧି ପ୍ରସ୍ତାବ



ନୂଆଦିଲ୍ଲୀ: ଶିକ୍ଷାନବିସଙ୍କ କ୍ଷେତ୍ରରେ ବୃତ୍ତିଛାଡ଼ିବା ରୋକିବା ପାଇଁ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ (ଏମ୍‌ଏସ୍ଡିଇ) ଭତ୍ତା ବୃଦ୍ଧି କରିବା ପାଇଁ ପ୍ରସ୍ତାବ ଦେଇଛି। ଜାତୀୟ ଶିକ୍ଷାନବିସ ପ୍ରୋତ୍ସାହନ ଯୋଜନା (ଏନ୍‌ଏପିଏସ୍) ଏବଂ ଜାତୀୟ ଶିକ୍ଷାନବିସ ତାଲିମ ଯୋଜନା (ଏନ୍‌ଏଟିଏସ୍)ଙ୍କ କ୍ଷେତ୍ରରେ ଏହି ଭତ୍ତା ବୃଦ୍ଧି ପ୍ରସ୍ତାବ ରହିଛି। ଏଥିସହ ଗ୍ରାହକ ମୂଲ୍ୟ ସୂଚକାଙ୍କ ସହ ଏହି ଶିକ୍ଷାନବିସ ଭତ୍ତାକୁ ଯୋଡ଼ିବା ପାଇଁ ସୁପାରିଶ କରାଯାଇଛି। ଫଳରେ ବର୍ଷକୁ ଦୁଇଥର ଶିକ୍ଷାନବିସ ଭତ୍ତା ହାର ସଂଶୋଧନ ହୋଇପାରିବ। ଏମ୍‌ଏସ୍‌ଡିଇ ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ରୀୟ ଶିକ୍ଷାନବିସ ପରିଷଦ (ସିଏସି)ର ୩୮ତମ ବୈଠକରେ ଏହି ପ୍ରସ୍ତାବଗୁଡ଼ିକ ସୁପାରିଶ କରାଯାଇଥିଲା। ପ୍ରସ୍ତାବଗୁଡ଼ିକ ଏବେ କେନ୍ଦ୍ର କ୍ୟାବିନେଟ୍‌କୁ ଅନୁମୋଦନ ପାଇଁ ପଠାଯିବ। କ୍ୟାବିନେଟ୍ ଦ୍ୱାରା ଅନୁମୋଦନ ପରେ ପୂର୍ବ ୫,୦୦୦-୯,୦୦୦ ଟଙ୍କା ବଦଳରେ ୬୮୦୦-୧୨,୩୦୦ ଟଙ୍କା ପର୍ଯ୍ୟନ୍ତ ଶିକ୍ଷାନବିସ ଭତ୍ତା ବୃଦ୍ଧି ହେବ। ଏହାର ଲକ୍ଷ୍ୟ ହେଉଛି ଶିକ୍ଷାନବିସଙ୍କ ବୃତ୍ତି ଛାଡ଼ିବା ହାର ହ୍ରାସ କରିବା ଏବଂ ଅଧିକ ପ୍ରାର୍ଥୀଙ୍କୁ ତାଲିମ ଗ୍ରହଣ କରିବାକୁ ଆକର୍ଷିତ କରିବା। ସିଏସି ବୈଠକରେ ବିଦ୍ୟମାନ ଶିଳ୍ପ ତାଲିକା (୧୯୮୭ କୋଡ୍)କୁ ଜାତୀୟ ଶିଳ୍ପ ବର୍ଗୀକରଣ (ଏନ୍‌ଆଇସି) କୋଡ୍ ୨୦୦୮ ସଂଯୁକ୍ତ ତାଲିକା ସହିତ ବଦଳାଯାଇ ଶିକ୍ଷାନବିସ ତାଲିମର ପରିସରକୁ ବିସ୍ତାର କରିବା ଏବଂ ଆଇଟି, ସଫ୍ଟୱେର୍ ସେବା, ଟେଲି ଯୋଗାଯୋଗ, ବାୟୋଟେକ୍ନୋଲୋଜି ଏବଂ ନବୀକରଣୀୟ ଶକ୍ତି ଭଳି ଉଦୀୟମାନ କ୍ଷେତ୍ରଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ପ୍ରସ୍ତାବ ମଧ୍ୟ ଦିଆଯାଇଛି। ସଦ୍ୟତମ ତଥ୍ୟ ଦର୍ଶାଉଛି ଯେ ୨୦୨୦-୨୧ରୁ ଏନ୍‌ଏପିଏସ୍ ଅଧୀନରେ ୩.୫୫ ନିୟୁତ ଶିକ୍ଷାନବିସ ନିୟୋଜିତ ହୋଇଛନ୍ତି। ସେହିପରି ଏନ୍‌ଏଟିଏସ୍ ଅଧୀନରେ ୧.୨୯ ନିୟୁତ ନିଯୁକ୍ତ ହୋଇଛନ୍ତି। ୨୦୨୪-୨୫ ପର୍ଯ୍ୟନ୍ତ ପାଞ୍ଚ ବର୍ଷ ମଧ୍ୟରେ ଦେଶରେ ମୋଟ ୪.୮୪ ନିୟୁତ ଶିକ୍ଷାନବିସ ନିଯୁକ୍ତ ହୋଇଛନ୍ତି।

## ୧୪ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି

**ନୂଆଦିଲ୍ଲୀ :** ନିକଟରେ କେନ୍ଦ୍ର କ୍ୟାବିନେଟ ବୈଠକରେ ଅନେକ ବଡ଼ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର କ୍ୟାବିନେଟ ୨୦୨୫-୨୬ ଖରିଫ ଋତୁ ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)କୁ ୬୯ ଟଙ୍କା ବୃଦ୍ଧି କରି ୨,୩୬୯ ଟଙ୍କା କରିବାକୁ ମଞ୍ଜୁରୀ ଦେଇଛନ୍ତି। ଏଥିପାଇଁ ୨ ଲକ୍ଷ ୭ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, କୃଷକମାନଙ୍କ ପାଇଁ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। ଗତ ୧୦-୧୧ ବର୍ଷ ମଧ୍ୟରେ ଖରିଫ ଫସଲ ପାଇଁ ଏମ୍‌ଏସ୍‌ପିରେ ଏକ ବଡ଼ ବୃଦ୍ଧି କରାଯାଇଛି। ଏଥର ୨୦୨୫-୨୬ ଖରିଫ ଋତୁ ପାଇଁ ଏମ୍‌ଏସ୍‌ପିକୁ କ୍ୟାବିନେଟ ଅନୁମୋଦନ କରିଛି। ମୋଟ ପରିମାଣ ପ୍ରାୟ ୨,୦୭,୦୦୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ପ୍ରତ୍ୟେକ ଫସଲ ପାଇଁ ଖର୍ଚ୍ଚ ସହିତ ୫୦ ପ୍ରତିଶତ ହିସାବରେ ନିଆଯାଇଛି। କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ଚାଷୀଙ୍କ ପାଇଁ ସୁଧ ଛାଡ ବଜାୟ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଯାହାର ମୂଲ୍ୟ ୧୫ ହଜାର



୬୪୨ କୋଟି ଟଙ୍କା ହେବ। ସେ କହିଛନ୍ତି, କିଷାନ କ୍ରେଡିଟ କାର୍ଡ (କେସିସି) ଉପରେ ୪ପ୍ରତିଶତ ସୁଧରେ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି। ଦେଶରେ ୭.୭୫ କୋଟିରୁ ଅଧିକ କିଷାନ କ୍ରେଡିଟ କାର୍ଡ ଆକାଉଣ୍ଟ ଅଛି। ଏହା ଏବେ କ୍ଷୁଦ୍ର ଏବଂ ସୀମାନ୍ତ ଚାଷୀଙ୍କ ପାଇଁ ଏକ ବଡ଼ ଲାଭ ହେବ। କେନ୍ଦ୍ରମନ୍ତ୍ରୀ କହିଛନ୍ତି, କେନ୍ଦ୍ର କ୍ୟାବିନେଟ ସୁଧ ସବସିଡି ଯୋଜନାକୁ ମଞ୍ଜୁରୀ ଦେଇଛି। ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବା ସମୟରେ କିଷାନ କ୍ରେଡିଟ କାର୍ଡ ପ୍ରଚଳନ କରାଯାଇଥିଲା। ଏହା ଚାଷୀମାନଙ୍କୁ ସେମାନଙ୍କ କାମ ପାଇଁ ଋଣ ନେବା ବହୁତ ସହଜ କରିଛି। ଏହି ଯୋଜନାରେ, ଚାଷୀମାନଙ୍କୁ ୪ ପ୍ରତିଶତ ସୁଧରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପାଇବାକୁ ଧ୍ୟାନ ଦିଆଯାଇଛି। ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ କୌଣସି ଗ୍ୟାରେଣ୍ଟି ନିଆଯିବ ନାହିଁ। ଏହା ସହିତ, ମଧ୍ୟପ୍ରଦେଶର ରତଲାମ ଏବଂ ନାଗଡା ମଧ୍ୟରେ ରେଳ ଲାଇନକୁ ୪ ଲେନ କରିବାକୁ ଅନୁମୋଦନ ଦିଆଯାଇଛି, ଯାହା ୪୧ କିଲୋମିଟର ଲମ୍ବା। ସେହି ସମୟରେ, ମହାରାଷ୍ଟ୍ରର ୱାର୍ଦ୍ଧା ରେଳ ଲାଇନ ଏବଂ ତେଲଙ୍ଗାନାର ବଲ୍ଲାରଶା ରେଳ ଲାଇନକୁ ୪ ଲେନ କରିବାକୁ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର କ୍ୟାବିନେଟ ବଡ଼ଭେଲ-ଗୋପାଭରମ ଗ୍ରାମ (ଏନ୍‌ଏଚ୍-୬୭)ରୁ ଆନ୍ଧ୍ର ପ୍ରଦେଶର ଗୁରୁବିନ୍ଦପୁଡି (ଏନ୍‌ଏଚ୍-୧୬) ପର୍ଯ୍ୟନ୍ତ ୪ ଲେନ ବିଶିଷ୍ଟ ବଡ଼ଭେଲ-ନେଲୋର ରାଜପଥ ନିର୍ମାଣକୁ ମଞ୍ଜୁରୀ ଦେଇଛି। ଏହି ରାଜପଥର ଲମ୍ବ ୧୦୮.୧୩୪ କିଲୋମିଟର, ଯାହା ପାଇଁ ୩୬୫୩.୧୦ କୋଟି ଟଙ୍କା ଖର୍ଚ୍ଚ ହେବ।

### ଆତ୍ମନିର୍ଭର ଭାରତ ଉପରେ ବଢୁଛି ବିଶ୍ୱାସ

# ବିଦେଶୀ ସାମଗ୍ରୀ ବର୍ଜନ କରିବାକୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଆହ୍ୱାନ

**ନୂଆଦିଲ୍ଲୀ :** ବଦଳୁଛି ଭାରତ। ବାଣିଜ୍ୟକୁ ନେଇ ସାରା ବିଶ୍ୱରେ ତୀବ୍ର ପ୍ରତିଯୋଗିତା ଚାଲିଥିବାବେଳେ ଦେଶବାସୀଙ୍କୁ ବିଦେଶୀ ସାମଗ୍ରୀ ବର୍ଜନ କରିବାକୁ ଆହ୍ୱାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ଗୁଜରାଟରେ ଜନସଭାକୁ ସମ୍ବୋଧିତ କରିବା ଅବସରରେ ଯେତେ କ୍ଷତି ସହିଲେ ବି ବିଦେଶୀ ଜିନିଷ କ୍ରୟ କରିବା ଅନୁଚିତ କହି ସ୍ଥାନୀୟ ଉତ୍ପାଦକୁ ଗୁରୁତ୍ୱ ଦେଇଛନ୍ତି ମୋଦି। ଭାରତକୁ ଆତ୍ମନିର୍ଭର ଓ ଶକ୍ତିଶାଳୀ ରାଷ୍ଟ୍ର ଭାବେ ଗଢ଼ିବାକୁ ସର୍ବପ୍ରଥମେ ଆମଦାନୀ ସାମଗ୍ରୀ ଉପରୁ ନିର୍ଭରଶୀଳତା କମାଇବାକୁ ଅପିଲ୍ କରିଛନ୍ତି ପ୍ରଧାନମନ୍ତ୍ରୀ। ୨୦୨୦ରୁ ଆତ୍ମନିର୍ଭର ଭାରତ ଅଭିଯାନ ଦେଶରେ ନୂଆ ଉଦ୍ୟୋଗୀଙ୍କୁ ସଶକ୍ତ ବାଣିଜ୍ୟ ଭିତ୍ତିଭୂମି ଯୋଗାଇ ଦେଇଛି। ନିମ୍ନମାନର ଶସ୍ତା ବିଦେଶୀ ସାମଗ୍ରୀ ବଦଳରେ ସ୍ଥାନୀୟ ଉଦ୍ୟୋଗରୁ ଉଚ୍ଚମାନର ସାମଗ୍ରୀ ଉତ୍ପାଦନ ପାଇଁ ମେକ୍ ଇନ୍ ଇଣ୍ଡିଆ ମାଧ୍ୟମରେ ଗତ ୧୦ ବର୍ଷ ମଧ୍ୟରେ ଭାରତୀୟ ଉଦ୍ୟୋଗୀଙ୍କୁ ସଫଳ କରିଛି। ଦେଶବାସୀ ସମୟର ଏହି ଆହ୍ୱାନକୁ ଗ୍ରହଣ କରିବାକୁ ଅପିଲ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ପାରମ୍ପରିକ ପର୍ବପର୍ବାଣୀ ସମୟରେ ବିଦେଶୀ ସାମଗ୍ରୀ ଉପରେ ନିର୍ଭରଶୀଳତା କମ କରିବା ଜରୁରୀ। ବିଶେଷ କରି ହୋଲି, ଦୀପାବଳି ଓ ଗଣେଶ ପୂଜା ଭଳି ପର୍ବପର୍ବାଣୀ ସମୟରେ



ଦେଶରେ ତିଆରି ଜିନିଷ କିଣିଲେ ସ୍ଥାନୀୟ ଉଦ୍ୟୋଗୀଙ୍କୁ ବଳ ମିଳିବା ସହ ଦେଶର ଆର୍ଥିକ ବିକାଶ ତ୍ୱରାନ୍ୱିତ ହେବ ବୋଲି କହିଛନ୍ତି ମୋଦି। ପାର୍ବଣ ସମୟରେ ଦେଶରେ ଭର୍ତ୍ତି ହୋଇଯାଉଥିବା ନିମ୍ନ ମାନର ବିଦେଶୀ ଉତ୍ପାଦକୁ ଟାର୍ଗେଟ୍ କରିଛନ୍ତି ପ୍ରଧାନମନ୍ତ୍ରୀ। ବାହାରୁ ଆସୁଥବା ଗଣେଶ ମୂର୍ତ୍ତି ଗୁଡ଼ିକରେ ଆଖି ଏତେ ଛୋଟ ଯେ ତାହା ଠିକ୍ ଭାବେ ଖୋଲୁନାହିଁ ବୋଲି ପରୋକ୍ଷରେ ଚୀନ ସାମଗ୍ରୀ ବର୍ଜନ କରିବାକୁ ଆହ୍ୱାନ ଦେଇଛନ୍ତି ମୋଦି। ହୋଲିରେ ରାସାୟନିକ ରଙ୍ଗ, ଦୀପାବଳିରେ ବିଦେଶରୁ ଆସୁଥିବା ସାମଗ୍ରୀ କ୍ରୟକୁ ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି କହିଛନ୍ତି ମୋଦି। ବିଦେଶୀ ସାମଗ୍ରୀ ଯୋଗୁଁ ପ୍ରଭାବିତ ହେଉଛନ୍ତି ସ୍ଥାନୀୟ କାରିଗର। ସ୍ୱଦେଶୀ ସାମଗ୍ରୀର ବିକ୍ରି ବଢିବା ସହ ସ୍ଥାନୀୟ ଅର୍ଥନୀତି ମଧ୍ୟ ଦୃଢ଼ ହେବ ବୋଲି କହିଛଥନ୍ତି। କେବଳ ଗତବର୍ଷ ଦୀପାବଳି ସମୟରେ ଭାରତ ବଜାରରେ ଚୀନର ବ୍ୟବସାୟ ୧.୨୫ ଲକ୍ଷ କୋଟି ହ୍ରାସ ପାଇଛି। ସେହିପରି ହୋଲି ସମୟରେ ୧୦ ହଜାର କୋଟିର କ୍ଷତି ସହିଛି ଚୀନ। ଗତ ୫ ବର୍ଷ ମଧ୍ୟରେ ଭାରତରେ ପର୍ବପର୍ବାଣୀ ସମୟରେ ଚୀନର ବ୍ୟବସାୟ କ୍ରମାଗତ ଦ୍ରୁତଗତିରେ କମୁଛି। ଏହାସହିତ ଏଫ୍‌ଏମ୍‌ସିଜି ଉତ୍ପାଦ, ସୌଖିନ ସାମଗ୍ରୀ, ଘରୋଇ ବ୍ୟବହାର ସାମଗ୍ରୀ, ଫ୍ୟାବ୍ରିକ, ଖେଳନା ସାମଗ୍ରୀରେ ସ୍ୱଦେଶୀ ଉତ୍ପାଦର ଚାହିଦା ବଢୁଛି। ଭାରତ ବନୁଛି ଆତ୍ମନିର୍ଭର।



## ଜେଲ୍ ଗଲେ ଇଡି ଅଧିକାରୀ

**ଭୁବନେଶ୍ୱର :** କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ହାତରେ ଧରାପଡିଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଭୁବନେଶ୍ୱର ଶାଖାର ଅତିରିକ୍ତ ନିର୍ଦ୍ଦେଶକ ଚିନ୍ତନ ରଘୁବଂଶୀ ଗିରଫ ହୋଇଛନ୍ତି। ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ୨୦୧୩ ବ୍ୟାଚ୍ର ଭାରତୀୟ ରାଜସ୍ୱ ସେବା (ଆଇଆରଏସ୍) ଅଧିକାରୀ ଚିନ୍ତନ ରଘୁବଂଶୀଙ୍କୁ ପ୍ରାୟ ୧୨ ଘଣ୍ଟାର ପଚରାଉଚୁରା ପରେ ସିବିଆଇ ଗିରଫ କରିଥିବା ଜଣାପଡ଼ିଛି। ଏହା ପରେ ରଘୁବଂଶୀଙ୍କୁ ଭୁବନେଶ୍ୱରସ୍ଥିତ ସିବିଆଇ କୋର୍ଟରେ ହାଜର କରାଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ପରବର୍ତ୍ତୀ ଶୁଣାଣି ଜୁନ୍ ୧୪ ତାରିଖରେ ହେବ। ଏହା ପୂର୍ବରୁ ଅଭିଯୁକ୍ତ ଅଧିକାରୀଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଚିନ୍ତନ ରଘୁବଂଶୀ ଏକ ବଡ଼ଧରଣର ଖଣି ସଂପର୍କିତ ମାମଲାର ରଫାଦଫା କରିବା ପାଇଁ ଉଦ୍ୟମ ଚଳାଇଥିଲେ। ଏଥି ପାଇଁ ସେ ୫୦ ଲକ୍ଷ ଟଙ୍କା ଦାବି କରିଥିଲେ।

## ସରକାରୀ ଆଇଟିଆଇ ନିଯୁକ୍ତି ନିୟମ ବଦଳିଲା

**ଭୁବନେଶ୍ୱର:** ଓଡ଼ିଶା ସରକାରୀ ଆଇଟିଆଇ ପ୍ରଶିକ୍ଷକ ସେବା ନିୟମରେ ସରକାର ସଂଶୋଧନ କରିଛନ୍ତି। ଏ ନେଇ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ ଉପ-ପ୍ରଶିକ୍ଷଙ୍କ ପଦ ପୂରଣ ସମୟରେ ସର୍ବନିମ୍ନ ୫୦% ଆସନ ଏନ୍ସିସି/ଏନ୍ଏସି/ଆଇଟିଆଇ ବର୍ଗର ଯୋଗ୍ୟ ପ୍ରାର୍ଥୀଙ୍କୁ ନେଇ ପୂରଣ କରାଯିବ। ସେହିପରି ସର୍ବାଧିକ ୫୦% ଆସନ ଯୋଗ୍ୟ ଡିପ୍ଲୋମା, ଡିଗ୍ରୀ ବର୍ଗରୁ ପଦୋନ୍ନତି ଜରିଆରେ ପୂରଣ କରାଯିବ। ପ୍ରଶିକ୍ଷଣ ଅଧିକାରୀ ପଦ ପାଇଁ ସର୍ବନିମ୍ନ ୫୦%ଙ୍କୁ ଉପ ପ୍ରଶିକ୍ଷଣ ଅଧିକାରୀ ବର୍ଗର ପ୍ରାର୍ଥୀଙ୍କୁ ନେଇ ପୂରଣ କରାଯାଇ ପାରିବ। ଓପିଏସ୍ସି ଜରିଆରେ ସର୍ବନିମ୍ନ ୫୦% ଅଧକ୍ଷ ଏବଂ ଉପାଧକ୍ଷ ପଦ ସିଧାସଳଖ ନିଯୁକ୍ତି ଜରିଆରେ ପୂରଣ କରାଯିବ। ସେହିପରି ସର୍ବାଧିକ ୫୦% ଅଧକ୍ଷ, ଉପାଧକ୍ଷ ପଦ ପ୍ରଶିକ୍ଷଣ ଅଧିକାରୀଙ୍କୁ ପଦୋନ୍ନତି ଦେଇ ପୂରଣ କରାଯିବ। ଯୁଗ୍ମ ନିର୍ଦ୍ଦେଶକଙ୍କ ପଦ ମଧ ପଦୋନ୍ନତି ଜରିଆରେ ପୂରଣ ହେବ। ପଦୋନ୍ନତି ସମୟରେ ବରିଷ୍ଠତାକୁ ଅଗ୍ରାଧିକାର ଦିଆଯିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି।

# ଓଡ଼ିଶାରେ ଅଟଳ ନେଟୱାର୍କ ଫର ନଲେଜ୍, ସହରୀକରଣ ଏବଂ ସଂସ୍କାର ଆରମ୍ଭ

**ଭୁବନେଶ୍ୱର :** ଓଡ଼ିଶାରେ ସହର ବିକାଶର ଭବିଷ୍ୟତକୁ ପୁନଃପରିଭାଷିତ କରିବା ଦିଗରେ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ, ଗୃହ ଏବଂ ନଗର ଉନ୍ନୟନ ବିଭାଗ ଅଙ୍କୁର - ଅଟଳ ନେଟୱାର୍କ ଫର ନଲେଜ୍, ସହରୀକରଣ ଏବଂ ସଂସ୍କାର ଆରମ୍ଭ କରିଛି। ଏହା ରାଜ୍ୟ ସାରା ଅନ୍ତର୍ଭୁକ୍ତ, ସ୍ଥାୟୀ ଏବଂ ଅଭିନବ ସହର ବିକାଶକୁ ଗଢି ତୋଳିବା ପାଇଁ ଏକ ରଣନୈତିକ ପଦକ୍ଷେପ। ଗୃହ ଓ ନଗର ଉନ୍ନୟନ ବିଭାଗ ବିଭାଗ ଏବଂ ସହର ବିକାଶ ଇକୋସିଷ୍ଟମରେ କାର୍ଯ୍ୟ କରୁଥିବା ଛଅଟି ପ୍ରମୁଖ ଅନୁଷ୍ଠାନ ଏବଂ ସଂଗଠନ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ଡକ୍ଟର ମହାପାତ୍ର କହିଥିଲେ ଯେ "ଅଙ୍କୁର" ଏକ ସାମୂହିକ ପ୍ରତିଶ୍ରୁତିକୁ ପ୍ରତିନିଧିତ୍ୱ କରେ - ଦକ୍ଷ, ସ୍ମାର୍ଟ ଏବଂ ସର୍ବୋପରି ନାଗରିକ-କୈନ୍ଦ୍ରିକ ସହର ନିର୍ମାଣ କରିବା। ଏହା ବିକଶିତ ଓଡ଼ିଶା ଆଡ଼କୁ ଏକ ଆନ୍ଦୋଳନ, ଯାହା ସମ୍ପ୍ରଦାୟ, ଅନୁଷ୍ଠାନ ଏବଂ





ସରକାରଙ୍କ ଦ୍ୱାରା ସହଭାଗୀ।" ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢୀ ସ୍ୱାଗତ ଭାଷଣରେ ଆରମ୍ଭ ହେବାକୁ ଥିବା କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଅଙ୍କୁରର ଉତ୍ପତ୍ତି ଗୋଟିଏ ମୁହୂର୍ତ୍ତ ନୁହେଁ, ବରଂ ପ୍ରତିଫଳନ, ଆଲୋଚନା ଏବଂ ସହଯୋଗର ଏକ ଶୃଙ୍ଖଳା ଥିଲା। ଏହା ଆମ ବିଭାଗ ମଧ୍ୟରେ ଏକ ବର୍ଦ୍ଧିତ ଅନୁଭବରୁ ଜନ୍ମ ନେଇଛି - ଯେ ଓଡ଼ିଶାରେ ସହରୀକରଣର ଗତି ଏବଂ ଜଟିଳତା ପାଇଁ ନୂତନ ଚିନ୍ତାଧାରା, ନୂତନ ସହଭାଗୀତା ଏବଂ ନୂତନ ପ୍ଲାଟଫର୍ମ ଆବଶ୍ୟକ। ଗତ ବର୍ଷ ଧରି, ଦେଶ ଏବଂ ବାହାରର ବିଶେଷଜ୍ଞ, ଅଭ୍ୟାସକାରୀ ଏବଂ ସଂସ୍ଥା ସହିତ ଆଭ୍ୟନ୍ତରୀଣ ପରାମର୍ଶ ଏବଂ ସମ୍ପର୍କ ମାଧ୍ୟମରେ, ଏକ ଦୃଷ୍ଟିକୋଣ ରୂପ ନେବା ଆରମ୍ଭ କରିଛି। ଅଙ୍କୁର ସେହି ପ୍ରଶ୍ନଗୁଡ଼ିକର ଉତ୍ତର ଭାବରେ ଉଭା ହୋଇଛି - ସମାଧାନ ସହ-ସୃଷ୍ଟି କରିବା, ନବସୃଜନକୁ ପ୍ରତିଷ୍ଠା କରିବା ଏବଂ ଆଗାମୀ ଦଶନ୍ଧିର ସହରାଞ୍ଚଳ ବିକାଶରେ ଆମକୁ ନେଇପାରିବା ସହଭାଗୀତାକୁ ବଜାୟ ରଖିବା ପାଇଁ ଏକ ପ୍ଲାଟଫର୍ମ। ଯେହେତୁ ୨୦୩୬ ସୁଦ୍ଧା ଓଡ଼ିଶାର ସହରାଞ୍ଚଳ ଜନସଂଖ୍ୟା ତିନିଗୁଣ ବୃଦ୍ଧି ପାଇବାର ଆକଳନ କରାଯାଇଛି, ଅଙ୍କୁରକୁ ସ୍ଥିର, ବାସଯୋଗ୍ୟ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ସହରଗୁଡ଼ିକୁ ସହ-ସୃଷ୍ଟି କରିବା ପାଇଁ ଏକ ପରିବର୍ତ୍ତନକାରୀ ପ୍ଲାଟଫର୍ମ ଭାବରେ କଳ୍ପନା କରାଯାଇଛି। ସହଯୋଗୀ ଶାସନର ମୂଲ୍ୟବୋଧରେ ଆବଦ୍ଧ, ଅଙ୍କୁର ବିକଶିତ ଭାରତର ଜାତୀୟ ଆକାଂକ୍ଷା ସହିତ ସମନ୍ୱିତ। ଓଡ଼ିଶାର ଅନନ୍ୟ ସାମାଜିକ-ଆର୍ଥିକ ଏବଂ ସହରାଞ୍ଚଳ ପରିପ୍ରେକ୍ଷୀରେ ପ୍ରତିକ୍ରିୟା ଦେଇ,ଏହା ସହରାଞ୍ଚଳ ବିକାଶର ଚାରୋଟି ରଣନୈତିକ ସ୍ତମ୍ଭକୁ ମଜବୁତ କରିବ - କ୍ଷମତା ନିର୍ମାଣ, ଜ୍ଞାନ ଏବଂ ଗବେଷଣା, କାର୍ଯ୍ୟାନ୍ୱୟନ ସମର୍ଥନ ଏବଂ ନବସୃଜନ। ଭାରତରତ୍ନ ଅଟଳ ବିହାରୀ ବାଜପେୟୀଜୀଙ୍କ ଐତିହ୍ୟ ଦ୍ୱାରା ଅନୁପ୍ରାଣିତ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ, ଅଙ୍କୁର ରାଜ୍ୟରେ ସଂସ୍କାର, ନବସୃଜନ ଏବଂ ପ୍ରମାଣ-ଆଧାରିତ ସହରାଞ୍ଚଳ ନିଷ୍ପତ୍ତି ଗ୍ରହଣକୁ ପ୍ରୋତ୍ସାହିତ କରିବା ପାଇଁ ସାଂସ୍ଥାଗତ ମେରୁଦଣ୍ଡ ଭାବରେ କାର୍ଯ୍ୟ କରିବ। ଏହା ସହିତ, ସରକାର ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଅର୍ବାନ୍ ଆଫେୟାର୍ସ, ଟାଟା ଷ୍କିଲ୍ ଫାଉଣ୍ଡେସନ୍, ୱାର୍ଲ୍ଡ ରିସୋର୍ସେସ୍ ଇନଷ୍ଟିଚ୍ୟୁଟ୍ ଏବଂ ଓଡ଼ିଶାର ସହରାଞ୍ଚଳ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିବା ଅନ୍ୟାନ୍ୟ ସଂଗଠନଗୁଡ଼ିକର ଦୀର୍ଘକାଳୀନ ସମର୍ଥନକୁ ସ୍ୱୀକାର କରିଛନ୍ତି। ଅଙ୍କୁର ଓଡ଼ିଶାର ସହରାଞ୍ଚଳ ସଂସ୍କାର ଏଜେଣ୍ଡାର ସ୍ନାୟୁ କେନ୍ଦ୍ର ହେବାକୁ ପ୍ରସ୍ତୁତ। ବିକେନ୍ଦ୍ରୀକରଣ, ଅନ୍ତର୍ଭୁକ୍ତି ଏବଂ ଜ୍ଞାନ-ନେତୃତ୍ୱାଧୀନ କାର୍ଯ୍ୟ ପ୍ରତି ପ୍ରତିବଦ୍ଧତା ସହିତ, ଏହି ପଦକ୍ଷେପ ସହରାଞ୍ଚଳ ସହଭାଗୀତାର ଏକ ନୂତନ ଯୁଗକୁ ପ୍ରୋତ୍ସାହିତ କରିବ - ଏହା ନିଶ୍ଚିତ କରିବ ଯେ କୌଣସି ସହର ଏବଂ କୌଣସି ନାଗରିକ ପଛରେ ରହିବେ ନାହିଁ। ବିଭାଗର ବରିଷ୍ଠ ଅଧିକାରୀ ଏବଂ ପ୍ରମୁଖ ଜାତୀୟ ଏବଂ ଆନ୍ତର୍ଜାତୀୟ ଅଂଶୀଦାରମାନେ ଖାରବେଳଭବନ ୮ମ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏମଓୟୁ ସ୍ୱାକ୍ଷର ସମାରୋହରେ ଉପସ୍ଥିତ ଥିଲେ।

### ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା

# ଓଡ଼ିଶାକୁ ୫୦୦ କୋଟି ଟଙ୍କା କମ୍ ଅନୁଦାନ

**ଭୁବନେଶ୍ୱର :** ରାଜ୍ୟର ୮୩୦୦ ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଏଯାଏଁ ସଡ଼କ ସଂଯୋଗ ହୋଇପାରି ନାହିଁ। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଗତ ଅଧିବେଶନରେ ବିଧାନସଭାରେ ଏହି ତଥ୍ୟ ପ୍ରଦାନ କରିବା ସହ ୧୦୦ ଜନସଂଖ୍ୟା ବିଶିଷ୍ଟ ଗାଁକୁ ସବୁଦିନିଆ ରାସ୍ତା କରିବାକୁ ଘୋଷଣା କରିଥିଲେ। ମାତ୍ର କେନ୍ଦ୍ର ସରକାର ଓଡ଼ିଶାକୁ ଅନୁଦାନ ହ୍ରାସ କରିବା ପରେ ରାଜ୍ୟ ସରକାରଙ୍କ ଏହି ଘୋଷଣାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠିଛି। ବିଡ଼ମ୍ବନା ହେଉଛି ନବୀନ ପଟ୍ଟନାୟକ ସରକାରଙ୍କ ଶେଷ ଆର୍ଥିକ ବର୍ଷରେ ଓଡ଼ିଶାକୁ କେନ୍ଦ୍ର ସରକାର ଯେତିକି ଅନୁଦାନ ପ୍ରଦାନ କରିଥିଲେ, ଏବେ ବିଜେପି ସରକାରଙ୍କ ସମୟରେ ତା'ଠାରୁ ଓଡ଼ିଶା ୫୦୦ କୋଟି ଟଙ୍କା କମ୍ ପାଇଛି। ଓଡ଼ିଶାରେ ବିଜେପି କ୍ଷମତାକୁ ଆସିଲେ କେନ୍ଦ୍ରରୁ ବିପୁଳ ଅର୍ଥ ରାଶି ମିଳିବ ବୋଲି ଦଳୀୟ ନେତାମାନେ ମାରିଥିବା ବାହାଦୂରୀ ଏବେ ଛଳନା ବୋଲି ପ୍ରମାଣିତ ହୋଇଛି। କେନ୍ଦ୍ରୀୟ ଯୋଜନାର ଅର୍ଥ ହ୍ରାସକୁ ନେଇ ରାଜନୈତିକ ମହଲରେ ରାଜ୍ୟ ସରକାର ସମାଲୋଚନାର ଶିକାର ହୋଇଛନ୍ତି। ସାଧାରଣତଃ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ କିସ୍ତି ଆକାରରେ ରାଜ୍ୟଗୁଡ଼ିକୁ ଅର୍ଥ ପ୍ରଦାନ କରାଯାଏ। ଯେଉଁ ରାଜ୍ୟଗୁଡ଼ିକ ସେମାନଙ୍କ କାମ ଶେଷ କରି 'ୟୁସି' ଦାଖଲ କରନ୍ତି, ସେମାନଙ୍କୁ ପରବର୍ତ୍ତୀ କିସ୍ତିରେ ଅର୍ଥ ମିଳିଥାଏ। ଫଳରେ ସମ୍ପୃକ୍ତ ରାଜ୍ୟଗୁଡ଼ିକ କେନ୍ଦ୍ରରୁ ଅଧିକ ଅର୍ଥ ପାଇବାକୁ ସମର୍ଥ ହୋଇଥାଆନ୍ତି। ମାତ୍ର





ସରକାର ପରିବର୍ତ୍ତନ ପରେ ପ୍ରଶାସନିକ ସ୍ଥାଣୁତା ଓ ବିକାଶ କାର୍ଯ୍ୟରେ ପ୍ରତିବନ୍ଧକ ରାଜ୍ୟକୁ କେନ୍ଦ୍ରୀୟ ଅନୁଦାନ କ୍ଷେତ୍ରରେ ବାଧକ ହୋଇଛି। ବିରୋଧୀମାନେ ଏ ସଂକ୍ରାନ୍ତରେ କରୁଥିବା ଅଭିଯୋଗ ସତ୍ୟ ସାବ୍ୟସ୍ତ ହୋଇଛି ଓ ଏହା ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନା କ୍ଷେତ୍ରରେ ଦୃଶ୍ୟମାନ ହୋଇଛି। ପୁନଶ୍ଚ ୨୦୧୧ ଜନଗଣନା ଆଧାରରେ ୨୦୧୭-୧୮ ମସିହାରେ ପ୍ରସ୍ତୁତ ସୂଚୀରେ ରାଜ୍ୟରେ ୫୯,୯୭୧ଟି ରାଜସ୍ୱ ଗ୍ରାମ ରହିଥିଲା। ସେଥିମଧ୍ୟରୁ ୫୧,୬୭୧ଟି ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଓ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ଯୋଜନାରରେ ପର୍ଯ୍ୟାୟକ୍ରମେ ସଡ଼କ ସଂଯୋଗୀକରଣ ହୋଇପାରିଛି। ଏବେ ବି ରାଜ୍ୟର ୮୩୦୦ ଗ୍ରାମକୁ ସଡ଼କ ସଂଯୋଗ ହୋଇନାହିଁ। ଏହାମଧ୍ୟରେ କୋରାପୁଟ ଜିଲ୍ଲାର ସର୍ବାଧିକ ୧୩୭୪ଟି ଗ୍ରାମ ଥିବାବେଳେ ରାୟଗଡାର ୧୦୯୯, ନବରଙ୍ଗପୁରର ୬୪୧, କଳାହାଣ୍ଡିର ୫୭୪ ଗ୍ରାମ ରହିଛି। ତାଲିକାରେ ଝାରସୁଗୁଡା ଜିଲ୍ଲାର ୩୪ ଗ୍ରାମ ରହିଥିବା ଜଣାପଡ଼ିଛି।

## ବଢ଼ିଲା ମନ୍ତ୍ରୀ, ଅଫିସରଙ୍କ ଗାଡ଼ି ଖର୍ଚ୍ଚ

**ଭୁବନେଶ୍ୱର :** ଓଡ଼ିଶା ସରକାର ବିଭିନ୍ନ ଅଫିସର ଏବଂ ମନ୍ତ୍ରୀମାନଙ୍କ ମାସିକ ଗାଡ଼ିଭଡ଼ା ବାବଦକୁ ବରାଦ ରହିଥିବା ଅର୍ଥରାଶିରେ ବୃଦ୍ଧି କରିଛନ୍ତି। ୨୦୧୯ ମସିହାରେ ଅର୍ଥ ବିଭାଗ ପକ୍ଷରୁ ଯେଉଁ ଗାଡ଼ି ଭଡ଼ା ରାଶି ବରାଦ ରହିଥିଲା ଏଥିରେ ପରିବର୍ତ୍ତନ କରାଯାଇଛି। ଅର୍ଥ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ପୂର୍ବରୁ ମନ୍ତ୍ରୀମାନଙ୍କ ଭଡ଼ା ବାବଦକୁ ଯେଉଁ ୪୨ ହଜାର ଟଙ୍କା ମାସିକ ଦିଆଯାଉଥିଲା ତାହା ଏବେ ୫୦ ହଜାର ୪୦୦ଟଙ୍କାକୁ ବୃଦ୍ଧି କରାଯାଇଛି। ରାଜ୍ୟର ଉଚ୍ଚପଦସ୍ଥ ଆଇଏଏସ୍ ଅଫିସରଙ୍କୁ ମଧ୍ୟ ସମାନ ଗାଡ଼ି ଭଡ଼ା ପ୍ରଦାନ କରାଯିବ। ଗୋଟିଏ ଲିଟରରେ ସର୍ବାଧିକ ୯ କି.ମି. ଯାଉଥିବା ଗାଡ଼ି ପାଇଁ ଏହି ଅର୍ଥରାଶି ବରାଦ ହୋଇଛି। ସେହିପରି ଆପେକ୍ସ ସ୍କେଲ୍ର ଅଫିସରମାନେ ମଧ୍ୟ ଗାଡ଼ି ଭଡ଼ା ବାବଦକୁ ମାସିକ ୫୦ ହଜାର ୪୦୦ ଟଙ୍କା ପାଇବେ। ପ୍ରମୁଖ ସଚିବ ର୍ୟାଙ୍କ୍ ଅଫିସର ଯେଉଁମାନେ ପୂର୍ବରୁ ୩୦ ହଜାର ଟଙ୍କା ଲେଖାଏ ଗାଡ଼ିଭଡ଼ା ପାଉଥିଲେ ସେମାନେ ଏଣିକି ଯେଉଁ ଗାଡ଼ି ବ୍ୟବହାର କରିବେ ତା'ର ଭଡ଼ା ବାବଦକୁ ୩୬ହଜାର ଟଙ୍କା ଲେଖାଏ ସ୍ଥିର କରାଯାଇଛି। ସ୍ୱତନ୍ତ୍ର ସଚିବ, ଅତିରିକ୍ତ ସଚିବ ଏବଂ ନିର୍ଦ୍ଦେଶକ ପାହ୍ୟାର ଅଫିସରମାନେ ଯେଉଁ ଗାଡ଼ି ବ୍ୟବହାର କରୁଥିଲେ ପୂର୍ବରୁ ତା'ର ମାସିକ ଭଡ଼ା ୨୬ ହଜାର ଟଙ୍କା ଥିବାବେଳେ ଏବେ ତାହା ୩୧ହଜାର ୨୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଡିପାର୍ଟମେଣ୍ଟର ମୁଖ୍ୟ ଯେଉଁମାନେ ଗାଡ଼ି ଭଡ଼ା ବାବଦକୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ପାଉଥିଲେ ସେମାନଙ୍କ ଗାଡ଼ି ଭଡ଼ା ୨୪ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଜିଲାପାଳ, ଏସ୍ପି ଏହିପରି ସମାନ ର୍ୟାଙ୍କ୍ ଅଫିସର ଯେଉଁ ଗାଡ଼ି ବ୍ୟବହାର କରୁଥିଲେ ସେ ବାବଦକୁ ଆଗରୁ ୩୭ ହଜାର ଟଙ୍କା ପାଉଥିବା ବେଳେ ଏବେ ସେମାନଙ୍କ ମାସିକ ଗାଡ଼ିଭଡ଼ା ୪୪ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ବ୍ଲକ୍, ତହସିଲର ଅଫିସରଙ୍କ ଗାଡ଼ି ଭଡ଼ା ୩୧ ହଜାର ଟଙ୍କାରୁ ୩୭ ହଜାର ୨୦୦ ଟଙ୍କା କରାଯାଇଛି।

## ସବୁ ଯୋଜନାରୁ ବାଦ ପଡ଼ିଥିଲେ ମିଳିବ ଘର : ମନ୍ତ୍ରୀ

**ଭୁବନେଶ୍ୱର :** ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ ବଡ଼ ସୂଚନା ଦେଇଛନ୍ତି। ସବୁ ଯୋଜନାରୁ ବାଦ ପଡ଼ିଥିଲେ ଅନ୍ତ୍ୟୋଦୟ ଯୋଜନାରେ ଘର ମିଳିବ ବୋଲି ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୬୦ ହଜାର ଘର ଦିଆଯାଇଛି। ଏବେ ତାଲିକା ପ୍ରସ୍ତୁତି ଚାଲିଛି, ୨ ମାସ ଭିତରେ ପ୍ରକ୍ରିୟା ସରିବ। ମୌସୁମୀ ପରେ ଦ୍ୱିତୀୟ ପର୍ଯ୍ୟାୟ ଘର ବଣ୍ଟନ ହେବ। ସୂଚନାଯୋଗ୍ୟ, ରାଜ୍ୟରେ 'ଅନ୍ତ୍ୟୋଦୟ ଗୃହ ଯୋଜନା'ରେ ସମାଜର ଦୁର୍ବଳ ବର୍ଗର ସବୁ ଲୋକଙ୍କୁ ପକ୍କାଘର ଯୋଗାଇ ଦିଆଯିବ। ପ୍ରଚଳିତ ଗୃହନିର୍ମାଣ ଯୋଜନାରେ ଉପକୃତ ହୋଇ ନ ଥିବା ଯୋଗ୍ୟ ପରିବାରଗୁଡିକୁ ଏହି ଯୋଜନାରେ ପକ୍କାଘର ଦିଆଯିବ। ୨୫ବର୍ଗ ମିଟର ପରିଧିର ପକ୍କାଘର ନିର୍ମାଣ ପାଇଁ ୧.୨୦ଲକ୍ଷ ଟଙ୍କାର ଆର୍ଥିକ ସହାୟତା ସରକାର ଦେବେ। ୩ବର୍ଷ ମଧ୍ୟରେ ଏହି ଯୋଜନାରେ ଅତିକମରେ ୨.୨୫ଲକ୍ଷ ଘର ମଞ୍ଜୁର କରାଯିବ। ଏଥିପାଇଁ ପକ୍କାଘରର ସଂଜ୍ଞା ଓ ପରିବାରର ସଂଜ୍ଞାକୁ ମଧ୍ୟ ସରକାର କୋହଳ କରିଛନ୍ତି। ଏହି ଯୋଜନା ପାଇଁ ୭୫୫୦କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏହି ଯୋଜନାରେ ପକ୍କାଘରର ସଂଜ୍ଞାକୁ ସରଳୀକରଣ



କରାଯାଇ ଆଜବେଷ୍ଟସ, ଟିଣ ଓ ଟାଇଲ ଛାତଘରକୁ କଚ୍ଚାଘର ରୂପେ ବିବେଚନା କରାଯାଇଛି। କେବଳ ସିମେଂଟ ଯୋ କାନ୍ଥ ସହିତ ଆରସିସି ଛାତକୁ ପକ୍କାଘର ଭାବେ ବିବେଚନା କରାଯିବ। ପରିବାରର ସଂଜ୍ଞାକୁ ମଧ୍ୟ ସରଳୀକରଣ କରାଯାଇ ଯୋଜନାରେ ପରିବାରର ଅର୍ଥ ସ୍ୱାମୀ,ସ୍ତ୍ରୀ, ନିର୍ଭରଶୀଳ ପିତାମାତା ଓ ସନ୍ତାନଙ୍କୁ ବୁଝାଉଛି। ଏହାଦ୍ୱାରା ସୃଷ୍ଟି ହୋଇଥିବା ନୂଆ ପରିବାରମାନେ ଯୋଜନାରେ ଉପକୃତ ହୋଇପାରିବେ। ଏହି ଯୋଜନାରେ ହିତାଧିକାରୀଙ୍କୁ (ଶୌଚାଳୟ ଅଞ୍ଚଳକୁ ବାଦ ଦେଇ) ୨୫ବର୍ଗ ମିଟର ବିଶିଷ୍ଟ ପକ୍କାଘର ନିର୍ମାଣ ପାଇଁ ୧.୨୦ଲକ୍ଷ ଟଙ୍କା ଆର୍ଥିକ ସହାୟତା ରାଶି ପାଇବେ।

### ମହିଳା ଓ ଶିଶୁ ବିକାଶ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ

## ନିର୍ଭୟା ପାଣ୍ଠିକୁ ବ୍ୟବହାର କରି ମହିଳା ହିଂସା ରୋକିବା ଉପରେ ଫୋକସ

**ଭୁବନେଶ୍ୱର :** ଲୋକସେବା ଭବନସ୍ଥିତ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କର କାର୍ଯ୍ୟାଳୟରେ ମହିଳା ଓ ଶିଶୁ ବିକାଶ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା ଆୟୋଗର ନୂତନ ୱେବସାଇଟର ଡାଞ୍ଚା ପ୍ରସ୍ତୁତିର ସମୀକ୍ଷା କରିବା ସହ ମହିଳା ଆୟୋଗର ନ୍ୟୁଜ୍ ଲେଟରର ଉନ୍ମୋଚନ କରିଛନ୍ତି। ଯେପରି ଗ୍ରାମାଞ୍ଚଳର ଲୋକମାନେ ୱେବସାଇଟକୁ ସହଜରେ ବ୍ୟବହାର କରିପାରିବେ ସେହିପରି ଭାବେ ୱେବସାଇଟକୁ ସରଳ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଗୁରୁତ୍ୱ ଦେଇଛନ୍ତି। ଏହାସହ ସୁଭଦ୍ରା ସମବେଦନା ଯୋଜନାର ରୂପରେଖ ପ୍ରସ୍ତୁତି ସମ୍ପର୍କରେ ମଧ୍ୟ ଶ୍ରୀମତୀ ପରିଡା ସମୀକ୍ଷା କରିଛନ୍ତି। ଏହି ଯୋଜନା ମାଧ୍ୟମରେ ଆତ୍ମରକ୍ଷା କୌଶଳ, ମାନସିକ ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଓ ବ୍ୟାପକ



ଜନସଚେତନତା ଉପରେ ଶ୍ରୀମତୀ ପରିଡା ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ନିର୍ଭୟା ପାଣ୍ଠିକୁ ବ୍ୟବହାର କରି ମହିଳା ହିଂସା ରୋକିବା ଉପରେ ସେ ଆଲୋକପାତ କରିଥିଲେ। ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧୀନରେ ଅଙ୍ଗନବାଡି କର୍ମୀ ଓ ସହାୟିକା ମାନଙ୍କୁ ସ୍ମାର୍ଟ ତାଲିମ ପ୍ରଦାନ କରିବା ଉପରେ ଆଲୋଚନା କରାଯାଇଥିଲା। ଡିଜିଟାଲ ଟେକ୍ନୋଲୋଜି ମାଧ୍ୟମରେ କାର୍ଯ୍ୟ କରିବା ନିମନ୍ତେ ତାଲିମ ଦେଇ ସ୍ମାର୍ଟ ଅଙ୍ଗନବାଡି କର୍ମୀ ସୃଷ୍ଟି କରାଯିବା ଉପରେ ପ୍ରାଧାନ୍ୟ ଦିଆଯାଇଛି। ସମାଜ କଲ୍ୟାଣ ବୋର୍ଡରେ ଏନଜିଓ ମାନଙ୍କୁ ତାଲିକାଭୁକ୍ତ କରିବା ପାଇଁ ଆପ୍ଲିକେସନ ଡାଞ୍ଚା ପ୍ରସ୍ତୁତି ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଏହି ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ବିଭାଗୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

## ଦିବ୍ୟାଙ୍ଗ ଦମ୍ପତିଙ୍କୁ ମିଳିବ ଆର୍ଥିକ ପ୍ରୋତ୍ସାହନ : ମନ୍ତ୍ରୀ



**ଭୁବନେଶ୍ୱର :** ସାମାଜିକ ସୁରକ୍ଷା ଏବଂ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ସଶକ୍ତିକରଣ (ଏସଏସଇପିଡି) ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଯେଉଁମାନେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ସହିତ ବିବାହ କରିଛନ୍ତି ସେମାନଙ୍କୁ ସାତ ଦିନ ମଧ୍ୟରେ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରନ୍ତୁ। ମୁଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛି ଯେ, ଯୋଗ୍ୟ ବ୍ୟକ୍ତିମାନଙ୍କୁ ଯଥାଶୀଘ୍ର ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯିବା ନିଶ୍ଚିତ କରନ୍ତୁ। ଭବିଷ୍ୟତରେ ଲୋକମାନେ ଯେପରି ଏପରି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ପଦକ୍ଷେପ ନେବାକୁ ମଧ୍ୟ ମୁଁ ସେମାନଙ୍କୁ କହିଛି ବୋଲି ମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ସାମାଜିକ ସଦ୍ଭାବକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଓଡ଼ିଶା ସରକାର ଜଣେ ସାଧାରଣ ବ୍ୟକ୍ତି ଏବଂ ଜଣେ ଦିବ୍ୟାଙ୍ଗଙ୍କ ମଧ୍ୟରେ ବିବାହ ପାଇଁ ୨.୫ ଲକ୍ଷ ଟଙ୍କାର ନଗଦ ପୁରସ୍କାର ପ୍ରଦାନ କରୁଛନ୍ତି। ତେବେ ଦମ୍ପତିଙ୍କୁ ସେମାନଙ୍କର ବିବାହ ପଞ୍ଜିକରଣ ପ୍ରମାଣପତ୍ର ସହିତ ଆର୍ଥିକ ପ୍ରୋତ୍ସାହନ ପାଇଁ ଆବେଦନ କରିବାକୁ ପଡିବ। ଉପଯୁକ୍ତ ଯାଞ୍ଚ ପରେ ଦମ୍ପତିଙ୍କ ମିଳିତ ଆକାଉଣ୍ଟରେ ୨.୫ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ଜମା କରାଯିବ କିନ୍ତୁ ସେମାନେ ମିଳିତ ସ୍ୱାକ୍ଷର ଅନୁଯାୟୀ ତିନି ବର୍ଷ ପରେ ହିଁ ଟଙ୍କା ଉଠାଇ ପାରିବେ।

### ଖରିଫ୍ ଫସଲ ନେଇ ରାଜ୍ୟ ସରକାରଙ୍କ ରଣନୀତି ପ୍ରସ୍ତୁତ


# ୫୮.୫୦ ଲକ୍ଷ ହେକ୍ଟର ଜମିରେ ହେବ ଖରିଫ୍ ଫସଲ

**ଭୁବନେଶ୍ୱର :** ଭାରତର କୃଷି ଅର୍ଥନୀତି ଖରିଫ ଫସଲ ଉପରେ ନିର୍ଭରଶୀଳ। ବର୍ଷାଋତୁର ଆଗମନରେ ଚାଷୀ ନିଜକୁ ପ୍ରସ୍ତୁତ କରିଥାଏ ଖରିଫ୍ ଫସଲ ପାଇଁ। ଓଡ଼ିଶାରେ ଖରିଫ୍ ଫସଲରେ ମୁଖ୍ୟତଃ ଧାନ, ମକା, ଡାଲିଜାତୀୟ ଫସଲ, ତୈଳବୀଜ, ମାଣ୍ଡିଆ ଓ କପା ଚାଷ କରାଯାଇଥାଏ। ଏଗୁଡିକ ମଧ୍ୟରୁ ଧାନ ମୁଖ୍ୟ ଖାଦ୍ୟ ଶସ୍ୟ ହୋଇଥିବାରୁ ଏହାର ବିହନ ବିତରଣ ଠାରୁ ଆରମ୍ଭ କରି ସାମଗ୍ରୀ ପରିଚାଳନା, ଯାନ୍ତ୍ରିକୀକରଣ, ରୋଗ ପୋକ ନିୟନ୍ତ୍ରଣ ଅନ୍ତର୍ଭୁକ୍ତ ଅଟେ। ଏଥିପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଖରିଫ୍ ୨୦୨୫ ପାଇଁ ରଣନୀତି ପ୍ରସ୍ତୁତ କରାଯାଇଛି। ସମୃଦ୍ଧ କୃଷକ ହେଲ୍ପଲାଇନ ଯୋଗେ ନିୟମିତ ଭାବେ ଚାଷୀଙ୍କୁ ସୂଚନା ମଧ୍ୟ ପ୍ରଦାନ କରାଯାଉଛି। ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଚଳିତବର୍ଷ ସ୍ୱାଭାବିକ ବର୍ଷା ହେବ ଯାହା ଚାଷୀଙ୍କ ପାଇଁ ବେଶ୍ ସୁହାଇବ। ରିପୋର୍ଟ ଅନୁଯାୟୀ, ଖରିଫ



୨୦୨୫ରେ ବିଭିନ୍ନ ଫସଲ ଅଧୀନରେ ପ୍ରାୟ ୫୮.୫୦ ଲକ୍ଷ ହେକ୍ଟର ଜମି ଅନ୍ତର୍ଭୁକ୍ତ ହେବ। ତନ୍ମଧ୍ୟରେ ୩୫.୯୫ ଲକ୍ଷ ହେକ୍ଟର ଧାନ, ୬.୧୦ ଲକ୍ଷ ହେକ୍ଟର ଡାଲିଜାତୀୟ ଫସଲ, ୨.୨୫ ଲକ୍ଷ ହେକ୍ଟର ତୈଳବୀଜ, ୨.୬୦ ଲକ୍ଷ ମାଣ୍ଡିଆ ଜାତୀୟ ଶସ୍ୟ, ୨.୭୦ ଲକ୍ଷ ହେକ୍ଟର ମକା, ୨.୫୪ ଲକ୍ଷ ହେକ୍ଟର କପା ଓ ଅନ୍ୟାନ୍ୟ ତନ୍ତୁ ଜାତୀୟ ଫସଲ, ୧.୧୫ ଲକ୍ଷ ହେକ୍ଟର ମସଲା, ୫ ଲକ୍ଷ ହେକ୍ଟର ପନିପରିବା ଏବଂ ଅନ୍ୟାନ୍ୟ ଫସଲ ସାମିଲ ରହିଛି। ଖରିଫ ୨୦୨୫ ରେ ପ୍ରମୁଖ-ମଧ୍ୟମ, କ୍ଷୁଦ୍ର, କ୍ଷୁଦ୍ର ଉଠା, ବୃହତ ଉଠ ଜଳସେଚନ ଇତ୍ୟାଦି ସହିତ ୩୭.୬୬ ଲକ୍ଷ ହେକ୍ଟରକୁ ସାମିଲ୍ କରି ଜଳସେଚନ ପ୍ରକ୍ରିୟାକୁ ସୁନିଶ୍ଚିତ କରାଯାଉଛି। ସେହିପରି ଓଡ଼ିଶା ରାଜ୍ୟ ବିହନ ନିଗମ ଜରିଆରେ ଓ ଘରୋଇ ମାଧ୍ୟମରେ ପ୍ରାୟ ୪ ଲକ୍ଷ କ୍ୱିଣ୍ଟାଲ ଉଚ୍ଚଗୁଣବତ୍ତା ସମ୍ପନ୍ନ ପ୍ରମାଣିତ ବିହନ ଯୋଗାଣ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ରାଜ୍ୟ ସରକାର ୧୦୦ କୋଟି ଟଙ୍କାର କର୍ପସ ପାଣ୍ଠିର ବ୍ୟବସ୍ଥା ମଧ୍ୟ କରିଛନ୍ତି। ଆବଶ୍ୟକ ଅନୁସାରେ ପ୍ରାୟ ୯.୫୫ ଲକ୍ଷ ମେଟ୍ରିକ୍ ଟନ୍ ସାର ଯଥା ୟୁରିଆ, ଡିଏପି, ଏମଓପି, ଏନପିଏକେଏସ ଯୋଗାଇ ଦିଆଯିବ। ବିସ୍ତୃତ ଖାଦ୍ୟଶସ୍ୟ ଓ ଅବହେଳିତ ଫସଲର ପୁନରୁଦ୍ଧାର, ଦସ୍ତାବିଜକରଣ, ସଂରକ୍ଷଣ, ଧାନ ପରବର୍ତ୍ତୀ ପଡ଼ିଆ ଜମି ପରିଚାଳନା, କୃଷି ଯାନ୍ତ୍ରିକୀକରଣ, ଖରିଫ ଫସଲ ପାଇଁ କ୍ଷେତ୍ର ପ୍ରଦର୍ଶନ, ଫସଲ ସୁରକ୍ଷା ଏବଂ କୀଟନାଶକ ଇତ୍ୟାଦିର ଆୟୋଜନ କରାଯାଇଛି। ଓଡ଼ିଶା ବଳଭଦ୍ର ଜୈବିକ ଚାଷ ଅଧୀନରେ ଶ୍ରୀ ଜଗନ୍ନାଥ ମନ୍ଦିରକୁ "କୋଠ ଭୋଗ" ଓ "ମହାପ୍ରସାଦ" ପାଇଁ ଆଗାମୀ ୫ ବର୍ଷ ମଧ୍ୟରେ ଅମୃତ ଅନ୍ନ ପ୍ରକଳ୍ପରେ ୩୪୫୦ ହେକ୍ଟରରେ ଜୈବିକ ଉତ୍ପାଦନ ଯୋଜନା କରାଯାଇଛି। ଫସଲ ଉତ୍ପାଦନ ପରେ ଏହାକୁ ସଂରକ୍ଷିତ ରଖିବା ପାଇଁ ୫୮ ଗୋଟି ଶୀତଳ ଭଣ୍ଡାର ସ୍ଥାପନ ଓ ଏହାର ଆର୍ଥିକ ସହାୟତା ବ୍ୟବସ୍ଥା ରାଜ୍ୟ ସରକାର କରିଛନ୍ତି ଏବଂ ଏହା ଉପରେ ଉଦ୍ୟୋଗୀମାନଙ୍କୁ ସବସିଡ଼ି ମଧ୍ୟ ପ୍ରଦାନ କରାଯାଉଛି। ଏଥିସହିତ ଅଚଳ ଶୀତଳଭଣ୍ଡାର ଗୁଡିକର ପୁନରୁଦ୍ଧାର କରାଯାଉଛି। ଆର୍ଥିକ ବର୍ଷ ୨୦୨୪-୨୫ ରେ ପାଖାପାଖି ୧୧୫୨ଟି କୃଷି ଉଦ୍ୟୋଗକୁ ୧୬୦ କୋଟି ଟଙ୍କାର ସବସିଡ଼ି ପ୍ରଦାନ କରାଯାଇଛି, ଯାହା ବର୍ତ୍ତମାନସୁଦ୍ଧା ସର୍ବାଧିକ ଏବଂ ଗତବର୍ଷ ତୁଳନାରେ ପ୍ରାୟ ଦେଢ ଗୁଣ ଅଧିକ। ଏହାବ୍ୟତୀତ, ସରକାର ଆଳୁ ଚାଷ, ତାଳ ତେଲ ଚାଷ, ପଣସ ମିଶନ୍, ମସଲା ମିଶନ୍, ପରିବା ଚାଷକୁ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। କୃଷକ ବନ୍ଧୁମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟର ପରିଚାଳନା, ସମୃଦ୍ଧ କୃଷକ ଯୋଜନାରେ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଇନପୁଟ୍ ସହାୟତା ରାଶି, ଏଗ୍ରୀ ଷ୍ଟାକ, କୃଷକ ରେଜିଷ୍ଟ୍ରି ଭଳି ଡିଜିଟାଲ ସେବା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଲାଭ ଉଠାଇବାକୁ ବିଭାଗ ତରଫରୁ ପରାମର୍ଶ ଦିଆଯାଇଛି।

କାହା କଥାରେ ଯଦି କୌଣସି ଭୁଲ୍
କିମ୍ବା ଠିକ୍ ହୋଇଯାଉଥାନ୍ତା,
ତେବେ ଦୁନିଆ ସ୍ୱର୍ଗ ପାଲଟି
ଯାଇଥାନ୍ତା।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨ - ୮ ଜୁନ୍, ୨୦୨୫

# ଦେଶର ସୁରକ୍ଷା ମୂଳ ପ୍ରସଙ୍ଗ

କଂଗ୍ରେସ ମିତ୍ର ପାକିସ୍ତାନର ଗୋଟିଏ ପରେ ଗୋଟିଏ ମିଛକୁ ଧରା ପକେଇଦେଇଛି ଅପରେସନ ସିନ୍ଦୁର। ବିଶ୍ୱବାସୀ ଏ ବିଷୟରେ ଉଣାଅଧିକ ଜାଣିସାରିଥିଲେ ବି ପାକିସ୍ତାନ ଯୁଦ୍ଧ ଜିତିଥିବା କହି ବିଜୟ ଉତ୍ସବ ପାଳନ କରିଛି ଏହା ହାସ୍ୟାସ୍ପଦ ଓ ଲଜ୍ଜାଜନକ ହୋଇଥିଲେ ବି ଆମ ଦେଶରେ କଂଗ୍ରେସ ନେତା ପାକିସ୍ତାନର ଭାଷା କହୁଛନ୍ତି। ଭରାତବାସୀଙ୍କୁ ବିଭ୍ରାନ୍ତ କରିବା ପାଇଁ ନୂଆ ନୂଆ ପ୍ରସଙ୍ଗ ଉଠାଇବା କେତେ ଭୁଲ ତାହା ବୋଧେ କଂଗ୍ରେସ ରାଜକୁମାର ରାହୁଲ ଜାଣିନାହାନ୍ତି ବା ବୁଝିନାହାନ୍ତି। ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଯବାହାର ଲାଲ ନେହେରୁଙ୍କ ସିନ୍ଧୁ ଜଳ ରାଜିନାମା କେତେବଡ଼ ଭୁଲ ଥିଲା ତାହା ଯେତେବେଳେ ଦେଶବାସୀ ଜାଣିବାକୁ ପାଉଛନ୍ତି ତାହା ଭାରତରେ କଂଗ୍ରେସ ଦଳର ମୁଖା ଖୋଲୁଥିଲା ବେଳେ ଔଷଧ ବିକଳରେ ତାଟିଆ କାମୁଡୁଛି କଂଗ୍ରେସ। ସେ ବୁଝିପାରୁନି ଯେ ନେହେରୁଙ୍କ ପାକିସ୍ତାନ ପ୍ରୀତି ଭାରତ ପାଇଁ ଆତଙ୍କର ବଡ଼ କାରଣ। ସେଭଳି ସିମଲା ରାଜିନାମା ନେହେରୁଙ୍କ ଅନ୍ୟ ଏକ ବଡ଼ ଭୁଲ ସତ୍ତ୍ୱେ ନିଜକୁ ଏଥିପାଇଁ ଦୋଷୀ ମନେ କରିବା ବଦଳରେ ରାହୁଲ ଅପରେସନ ସିନ୍ଦୂର ପରେ କାହିଁକି ଏଭଳି ବିଚଳିତ ହୋଇ ପଡିଛନ୍ତି ତାହା ଆଶ୍ଚର୍ଯ୍ୟ ଲାଗୁଛି। ଭୋଟ ନପାଇ ନେହେରୁ ଯେଭଳି ପ୍ରଧାନମନ୍ତ୍ରୀ ହୋଇଥିଲେ ଓ ଏହାର ବଡ଼ ସୂତ୍ରଧର ଥିଲେ ମହାତ୍ମା ଗାନ୍ଧୀ। ଏଥିରୁ ବିଚାର କରାଯାଉ ଭୋଟ ପାଇଥିବା ସର୍ଦ୍ଦାର ପଟେଲଙ୍କୁ କିଏ ପ୍ରଧାନମନ୍ତ୍ରୀ ହେବାରୁ ବଞ୍ଚିତ କରିଥିଲେ! ତଥାପି ଦୀର୍ଘବର୍ଷ ହେଲା କଂଗ୍ରେସ ନିଜର ତ୍ରୁଟି ସୁଧାରିବା ବଦଳରେ ସେହି ପୁରୁଣା ଫର୍ମୁଲା ଦ୍ୱାରା ଭୋଟ ହାତେଇ ଶାସନ କ୍ଷମତା ଦଖଲ ଚିନ୍ତା କରୁଛି। ଦେଶର ଜନତା ଗତ ଏଗାର ବର୍ଷ ତଳେ ଯେତେବେଳେ ଏହି କଥାଟିକୁ ବୁଝିପାରିଲେ ସେମାନେ ସରକାର ପରିବର୍ତ୍ତନ ଚାହିଁଲେ ଏବଂ ଏହା ମଧ୍ୟ ଘଟିଲା। ୨୦୧୪ ମସିହାରୁ ଏଯାବତ ଏନଡିଏ ହାତରେ ଦେଶର ଶାସନ କ୍ଷମତା ରହିଆସିଛି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶକୁ ସୁଶାସନ ଦେଉଛନ୍ତି। ଦେଶର ଅଭିବୃଦ୍ଧି, ପ୍ରତିରକ୍ଷା ଏବଂ ପ୍ରଗତି ଏହାକୁ ବୋଧେ ହଜମ କରିପାରୁନି କଂଗ୍ରେସ। କଂଗ୍ରେସ କ୍ଷମତା ପାଇଁ ଯେତେ ସବୁ କଦର୍ଯ୍ୟ ବାଟ ଆପଣେଇ ବିଦେଶରେ ଦେଶର ଛବି ଖରାପ କରିଚାଲିଛି। ଏହାଫଳରେ ଦେଶର ଅଖଣ୍ଡତା ଏବଂ ସାର୍ବଭୌମତାକୁ ନେଇ ଏକ ବିଚିତ୍ର ପରିସ୍ଥିତି କଂଗ୍ରେସ ସୃଷ୍ଟି କରୁଛି। ଗାନ୍ଧୀ ପରିବାରର ସଦସ୍ୟଙ୍କ ବ୍ୟତୀତ ବା ପାକିସ୍ତାନର ପୋଷ୍ଟର ବୟ ରାହୁଲଙ୍କ ବ୍ୟତୀତ କେହି ଆମ ଭାରତୀୟ ସେନାଙ୍କ ବୀରତ୍ୱ ଉପରେ ପ୍ରଶ୍ନ କରୁନାହାନ୍ତି। କିନ୍ତୁ ଗାନ୍ଧୀ ପରିବାର ଅଗ୍ନି ବୀର ଯୋଜନା ଠାରୁ ଆରମ୍ଭ କରି ଦେଶର ସୁରକ୍ଷା ପ୍ରସଙ୍ଗରେ କିଛି ସ୍ପଷ୍ଟ ମତ ରଖିଛନ୍ତି କି? ଦେଶରେ ଅପରେସନ ସିନ୍ଦୂରକୁ ନେଇ କଂଗ୍ରେସ ଅନେକ ପ୍ରଶ୍ନ ତିଆରି କରୁଥିଲା ବେଳେ ସେପଟେ ପାକ ପ୍ରଧାନମନ୍ତ୍ରୀ ଶେହେବାଜ ସରିଫ ଗତ ଗୁରୁବାର 'ଅପରେସନ ସିନ୍ଦୂର'କୁ ନେଇ ଏକ ବଡ଼ ସ୍ୱୀକାର କରିଛନ୍ତି। ସରିଫ କହିଛନ୍ତି ଯେ ପାକିସ୍ତାନ ସେନା ଭାରତ ଉପରେ ଆକ୍ରମଣ କରିବାର ସମୟ ଧାର୍ଯ୍ୟ କରୁଥିଲା ବେଳେ ଭାରତୀୟ ସେନା ପାକିସ୍ତାନ ଭିତରେ ଥିବା ପ୍ରମୁଖ ଟାର୍ଗେଟ ଉପରେ ଆଗୁଆ ବ୍ରହ୍ମୋସ ଆକ୍ରମଣ କରିଥିଲା। ଅଜରବୈଜାନରେ ସରିଫ ପ୍ରକାଶ କରିଛନ୍ତି ଯେ ସକାଳ ନମାଜ ପରେ ପାକିସ୍ତାନ

**ସମ୍ପାଦକୀୟ**
**ତାରକ ମହାନ୍ତି**



ସେନା ଭାରତ ଉପରେ ଯୋଜନାବଦ୍ଧ ଆକ୍ରମଣ କରିବାର ନିଷ୍ପତ୍ତି ହୋଇଥିଲା। ତେବେ ଏହାର କିଛି ଘଣ୍ଟା ପୂର୍ବରୁ ହିଁ ମେ ୧୦ ତାରିଖ ସକାଳେ ରାୱଲପିଣ୍ଡି ବିମାନ ବନ୍ଦର ସମେତ ଅନେକ ପ୍ରଦେଶକୁ ଟାର୍ଗେଟ କରି ବ୍ରହ୍ମୋସ କ୍ଷେପଣାସ୍ତ୍ର ଆକ୍ରମଣ କରିଥିଲା। ସରିଫ କହିଛନ୍ତି, ଆମେ ମେ ୯-୧୦ ରାତିରେ ଆମେ ଭାରତୀୟ ଆକ୍ରମଣର ମୁକାବିଲା କରିବାକୁ ନିଷ୍ପତ୍ତି ନେଇଥିଲୁ। ପାକିସ୍ତାନ ଏକ ମିଛୁଆ ଦେଶ ତଥା ଭାରତର ଶତ୍ରୁ ସେ ଆମ ବିରୋଧରେ ଅନେକ ମିଛ କହିପାରିବ। ହେଲେ ଆମ ଦେଶର ନେତା ମନ୍ତ୍ରୀ ଜନତା ଏହା ସ୍ୱୀକାର କରିବା ଉଚିତ କି? ସର୍ବଦା ଦେଶର ସ୍ୱାର୍ଥ ପ୍ରତି ଗୁରୁତ୍ୱ ଦେଇ ରାଜନୈତିକ ଦଳ କାର୍ଯ୍ୟ କରିବା କଥା। ହେଲେ ଭୋଟ ହାସଲ ପାଇଁ ଦେଶ ଭିତରେ ବିଭ୍ରାଟ ସୃଷ୍ଟି କରିବା, ଅଯଥା ବିବାଦ ଠିଆ କରିବା ଦ୍ୱାରା ଆମର ହିଁ କ୍ଷତି ହେବ। କଂଗ୍ରେସ ସେଇ ପନ୍ଥା ଆପଣେଇ ଚାଲୁଥିବାର ଅନେକ ଘଟଣା ଦେଖିବାକୁ ମିଳୁଛି। ସ୍ୱାଧୀନତା ପରଠାରୁ ପାକିସ୍ତାନ ସହ ସବୁ ଯୁଦ୍ଧ ଆମେ ଜିତିଥିଲେ ସୁଦ୍ଧା କଂଗ୍ରେସ ପାକିସ୍ତାନକୁ ଶତ୍ରୁ ଦେଶ ମନେ କରେନାହିଁ। ଏହା ପଛରେ କେଉଁ କାରଣ ରହିଛି ତାହା ଅନେକ ଜାଣନ୍ତି। ଗୋଟିଏ ଭାରତକୁ ୨ଖଣ୍ଡ କରିବା ପଛରେ କାହାର ସ୍ୱାର୍ଥ ନିହିତ ଥିଲା ତାହା ବୁଝିବା କଣ ବାକି? ରାଜତନ୍ତ୍ର ଭଳି ପରିବାରବାଦ କଂଗ୍ରେସକୁ ଏଭଳି ଗ୍ରାସ କରିଛି ଯେ ସେ ଏହାକୁ ଅନ୍ୟ କାହାରି ହାତକୁ ଦେବା କେବେ ବି ସଠିକ ମଣିବନି।

ସେଥିପାଇଁ କଂଗ୍ରେସ ଯେବେ ବି ଯାହା କରିଛି ଦେଶ ବିଭାଜନ ଠାରୁ ସବୁଥିରେ ପାକ ପ୍ରତି ନରମ ମନୋଭାବ ରହିଆସିଛି। ତେଣୁ ମୋଦିଙ୍କ ଶାସନ କାଳରେ ଶତ୍ରୁ ରାଷ୍ଟ୍ର ପାକିସ୍ତାନର ଆତଙ୍କବାଦୀ ନୀତି ବିରୋଧରେ ଦମ ଦେଖାଉଛି ଭାରତ। ପହେଲଗାମ ଆକ୍ରମଣ ହିଁ ଅପରେସନ ସିନ୍ଦୂରକୁ ଆହ୍ୱାନ ଦେଉଛି ଆତଙ୍କବାଦୀଙ୍କୁ ବିନାଶ କରିବା ପାଇଁ। ବିଶ୍ୱର ଅନେକ ରାଷ୍ଟ୍ର ଭାରତର ବୈଦେଶିକ ନୀତିକୁ ପ୍ରଶଂସା କରୁଥିଲା ବେଳେ ଦେଶ ଭିତରେ କେବଳ କଂଗ୍ରେସ ଏଥିପାଇଁ ପ୍ରଶ୍ନ ଉଠାଉଛି ଏବଂ ଆମ ସେନା ଉପରେ ସନ୍ଦେହ ପ୍ରକଟ କରୁଛି। କଣ ପାଇଁ ଏଭଳି ରାଜନୀତି, ଯେତେବେଳେ ଦେଶ ଏକ ହୋଇ ଆତଙ୍କବାଦ ବିରୋଧରେ ଲଢେଇ ଚାହୁଁଛି ସେତେବେଳେ କଂଗ୍ରେସ ନୂଆ ନୂଆ ରାଜନୀତି ଆରମ୍ଭ କରୁଛି। ଯେବେଠାରୁ ରାହୁଲ ଗାନ୍ଧୀ ବିରୋଧୀ ଦଳ ନେତା ଭାବେ ଶାସକ ବିଜେପିକୁ ଟାର୍ଗେଟ କରୁଛନ୍ତି ସେତେବେଳେ ସେ ଯାହା କହୁଛନ୍ତି ତାହା ବୋଧେ ଭାବିଚିନ୍ତି କହୁନାହାନ୍ତି। ଇଣ୍ଡି ମେଣ୍ଟ ସୁଦୃଢ଼ ହେବା ବଦଳରେ ଦିନକୁ ଦିନ ଯେଭଳି ଖଣ୍ଡ ବିଖଣ୍ଡିତ ହୋଇଚାଲିଛି ତାହା ରାହୁଲଙ୍କ ନେତୃତ୍ୱ ପ୍ରତି ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦେଶ ବିକାଶର ପଥେ ଚାଲିଥିଲା ବେଳେ କଂଗ୍ରେସ ଗଠନମୂଳକ ପରାମର୍ଶ ଦେବା ବଦଳରେ କେବଳ ମୋଦୀଙ୍କୁ ବିରୋଧ କରିବା ପାଇଁ ଯେତେଯେତେ ଝଡ ସୃଷ୍ଟି କରୁଛି ମୋଦୀ ତାହାକୁ ଅନାୟସରେ ପ୍ରତିହତ କରିଚାଲିଛନ୍ତି। କଂଗ୍ରେସ ଶାସନ ସମୟରେ ପାକିସ୍ତାନ ପାଇଁ ଯେତିକି ସୁବିଧା ସୁଯୋଗ ସୃଷ୍ଟି କରାଯାଇଛି ତାହା ଗୋଟିଏ ଶତ୍ରୁ ରାଷ୍ଟ୍ର ପାଇଁ ସମ୍ପୂର୍ଣ୍ଣ ଅନୁଚିତ ପଦକ୍ଷେପ। ଭୋଟ ବ୍ୟାଙ୍କ ପଲଟିକ୍ସ ଏବଂ ଦେଶର ସୁରକ୍ଷା ଭିନ୍ନ ପ୍ରସଙ୍ଗ। ତେଣୁ ଶତ୍ରୁ ସହ ଲଢ଼େଇରେ ଜିତିଥିବା ଭାରତୀୟ ସେନା ବାହିନୀକୁ କଂଗ୍ରେସ ସନ୍ଦେହ କରିବା କେତେ ଯଥାର୍ଥ ତାହା ଦେଶବାସୀ ବୁଝି ସାରିଲେଣି। ବିରୋଧ କରିବା ଅଭ୍ୟାସ ଏବଂ ବିରୋଧ ପ୍ରଦର୍ଶନ ଦ୍ୱାରା ଦେଶର କେତେ ଲାଭ କେତେ କ୍ଷତି ସେ ଦିଗ ପ୍ରତି ଯତ୍ନବାନ ନହେଲେ ଭବିଷ୍ୟତରେ କଂଗ୍ରେସ ରହିବ ତ?

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଚତୁର୍ଥ ସର୍ବବୃହତ ଅର୍ଥବ୍ୟବସ୍ଥାର ସତ୍ୟତା !



**ଅସିତ ମହାନ୍ତି**



ନାମମାତ୍ର ଜିଡିପି ଦୃଷ୍ଟିରୁ ଭାରତ ପ୍ରକୃତରେ ଜାପାନକୁ ପଛରେ ପକାଇ ଚତୁର୍ଥ ସର୍ବବୃହତ ଅର୍ଥବ୍ୟବସ୍ଥାରେ ପରିଣତ ହୋଇଛି, ଯାହା ପାଖାପାଖି ୪.୧୮୭ଟ୍ରିଲିୟନ ଡଲାରରେ ପହଞ୍ଚିଛି। ତେବେ କେବଳ ଜିଡିପି ହାରାହାରି ନାଗରିକଙ୍କ ଆର୍ଥିକ କଲ୍ୟାଣକୁ ପ୍ରତିଫଳିତ କରେ ନାହିଁ। ନାମମାତ୍ର ଜି.ଡି.ପି.-ଯାହା ଏକ ଅର୍ଥବ୍ୟବସ୍ଥାରେ ଉତ୍ପାଦିତ ସମସ୍ତ ଦ୍ରବ୍ୟ ଏବଂ ସେବାର ମୋଟ ମୂଲ୍ୟକୁ ସୂଚିତ କରେ, ଯାହା ମୁଦ୍ରାସ୍ଫୀତି ସହିତ ସମାଯୋଜନ ନକରି ବର୍ତ୍ତମାନର ବଜାର ମୂଲ୍ୟରେ ମାପ କରାଯାଏ। ନାମମାତ୍ର ଜିଡିପିର ପ୍ରମୁଖ ବୈଶିଷ୍ଟ୍ୟ - ମୂଲ୍ୟ ପରିବର୍ତ୍ତନ ଅନ୍ତର୍ଭୁକ୍ତଃ ଯଦି ମୁଦ୍ରାସ୍ଫୀତି କାରଣରୁ ମୂଲ୍ୟ ବୃଦ୍ଧି ପାଏ, ତେବେ ନାମମାତ୍ର ଜି.ଡି.ପି. ବୃଦ୍ଧି ପାଏ, ଯଦିଓ ପ୍ରକୃତ ଉତ୍ପାଦନ ସମାନ ରହେ। ବର୍ତ୍ତମାନର ଆର୍ଥିକ ସ୍ଥିତିକୁ ପ୍ରତିଫଳିତ କରିଥାଏ ଏହା ବର୍ତ୍ତମାନର ମୂଲ୍ୟରେ ପ୍ରକୃତ ମୁଦ୍ରା ମୂଲ୍ୟ ଦୃଷ୍ଟିରୁ ଅର୍ଥବ୍ୟବସ୍ଥାର ଆକାରକୁ ଦର୍ଶାଏ। ବାସ୍ତବ ଜି. ଡି. ପି. ଠାରୁ ଭିନ୍ନ ପ୍ରକୃତ ଜି.ଡି.ପି. ମୁଦ୍ରାସ୍ଫୀତି ସହ ଖାପ ଖୁଆଇଥାଏ, ଯାହା ପ୍ରକୃତ ଆର୍ଥିକ ଅଭିବୃଦ୍ଧିର ଏକ ସ୍ପଷ୍ଟ ଚିତ୍ର ପ୍ରଦାନ କରିଥାଏ।

ମୋଟ ଘରୋଇ ଉତ୍ପାଦ (ଜି.ଡି.ପି.) ହେଉଛି ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଏକ ଦେଶ ମଧ୍ୟରେ ଉତ୍ପାଦିତ ସମସ୍ତ ଚୂଡ଼ାନ୍ତ ଦ୍ରବ୍ୟ ଏବଂ ସେବାର ମୋଟ ବଜାର ମୂଲ୍ୟ, ସାଧାରଣତଃ ଏକ ବର୍ଷ। ଏହା ଏକ ରାଷ୍ଟ୍ରର ଆର୍ଥିକ ସ୍ୱାସ୍ଥ୍ୟ ଏବଂ ପ୍ରଦର୍ଶନର ଏକ ପ୍ରମୁଖ ସୂଚକ ଭାବରେ କାର୍ଯ୍ୟ କରେ। ଜି.ଡି.ପି.କୁ ବିଭିନ୍ନ ଉପାୟରେ ଆକଳନ କରାଯାଇପାରିବ। ନାମମାତ୍ର ଜି.ଡି.ପି.: ମୁଦ୍ରାସ୍ଫୀତି ସହିତ ସମାଯୋଜନ ନକରି, ବର୍ତ୍ତମାନର ବଜାର ମୂଲ୍ୟରେ ଦ୍ରବ୍ୟ ଏବଂ ସେବାର ମୂଲ୍ୟକୁ ମାପ କରେ।

ବାସ୍ତବ ଜି.ଡି.ପି.: ମୁଦ୍ରାସ୍ଫୀତି ପାଇଁ ସମାଯୋଜନ, ସମୟ ସହିତ ଅର୍ଥନୈତିକ ଅଭିବୃଦ୍ଧିର ଅଧିକ ସଠିକ୍ ପ୍ରତିଫଳନ ପ୍ରଦାନ କରେ। ମୁଣ୍ଡ ପିଛା ଜି. ଡି.ପି.: ମୋଟ ଜି. ଡି. ପି. କୁ ଜନସଂଖ୍ୟା ଦ୍ୱାରା ବିଭାଜିତ କରିଥାଏ, ଯାହା ବ୍ୟକ୍ତି ପିଛା ହାରାହାରି ଆର୍ଥିକ ଉତ୍ପାଦନ ବିଷୟରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥାଏ। ଜିଡିପି ଅଭିବୃଦ୍ଧି ହାର ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଜିଡିପିରେ ପ୍ରତିଶତ ପରିବର୍ତ୍ତନକୁ ଟ୍ରାକ୍ କରେ, ଯାହା ଅର୍ଥନୈତିକ ବିସ୍ତାର କିମ୍ବା ସଙ୍କୋଚନକୁ ସୂଚିତ କରେ। କ୍ରୟ ଶକ୍ତି ସମାନତା (ପିପିପି) ଜିଡିପି ଦେଶମାନଙ୍କ ମଧ୍ୟରେ ଜୀବନଧାରଣ ମୂଲ୍ୟରେ ପାର୍ଥକ୍ୟ ପାଇଁ ସମାଯୋଜନ, ଆନ୍ତର୍ଜାତୀୟ ତୁଳନାକୁ ଅଧିକ ଅର୍ଥପୂର୍ଣ୍ଣ କରିଥାଏ। ଆର୍ଥିକ ପ୍ରଗତିର ଆକଳନ କରିବା ପାଇଁ ଜି.ଡି.ପି. ବ୍ୟାପକ ଭାବେ ବ୍ୟବହୃତ ହୁଏ, କିନ୍ତୁ ଏହାର ସୀମାବଦ୍ଧତା ରହିଛି-ଏହା ଆୟ ଅସମାନତା, ପରିବେଶ ପ୍ରଭାବ କିମ୍ବା ଅବୈତନିକ ଶ୍ରମ ପାଇଁ ହିସାବ କରିନଥାଏ। ମାନବ ବିକାଶ ସୂଚକାଙ୍କ (ଏଚ.ଡି.ଆଇ.) ଭଳି କେତେକ ବିକଳ୍ପ ପଦକ୍ଷେପ କଲ୍ୟାଣ ଏବଂ ଆର୍ଥିକ ସ୍ଥିରତା ଉପରେ ଏକ ବ୍ୟାପକ ଦୃଷ୍ଟିକୋଣ ପ୍ରଦାନ କରିବାକୁ ଲକ୍ଷ ରଖିଛି। ନାମମାତ୍ର ଜିଡିପି ଖର୍ଚ୍ଚ ପଦ୍ଧତି ବ୍ୟବହାର କରି ଗଣନା କରାଯାଏ, ଯାହା ବର୍ତ୍ତମାନର ବଜାର ମୂଲ୍ୟଟି ହେଲା {Nominal GDP} = C + I + G + (X-M)]C = ବ୍ୟକ୍ତିଗତ ଉପଭୋଗ (ପରିବାର ଦ୍ୱାରା ଖର୍ଚ୍ଚ) I = ମୋଟ ନିବେଶ (ପୁଞ୍ଜିଗତ ଦ୍ରବ୍ୟରେ ବ୍ୟବସାୟିକ ନିବେଶ) G = ସରକାରୀ ଖର୍ଚ୍ଚ (ଭିତ୍ତିଭୂମି, ପ୍ରତିରକ୍ଷା ଇତ୍ୟାଦି ଉପରେ) X = ରପ୍ତାନୀ (ବିଦେଶରେ ବିକ୍ରି ହେଉଥିବା ସାମଗ୍ରୀ ଓ ସେବା) M = ଆମଦାନୀ (ଅନ୍ୟ ଦେଶରୁ କ୍ରୟ କରାଯାଇଥିବା ସାମଗ୍ରୀ ଓ ସେବା) ବିକଳ୍ପ ଭାବେ, ଜି.ଡି.ପି. ଡିଫ୍ଲେଟର ଆଭିମୁଖ୍ୟ ବ୍ୟବହାର କରି ନାମମାତ୍ର ଜି.ଡି.ପି. ଗଣନା କରାଯାଇପାରେ।

ଏହି ପଦ୍ଧତି ମୁଦ୍ରାସ୍ଫୀତିର ପ୍ରଭାବକୁ ଅନ୍ତର୍ଭୁକ୍ତ କରି ପ୍ରକୃତ ଜି.ଡି.ପି.କୁ ସମାୟୋଜିତ କରିଥାଏ, ଏହା ସୁନିଶ୍ଚିତ କରିଥାଏ ଯେ ଜି.ଡି.ପି. ବର୍ତ୍ତମାନର ମୂଲ୍ୟ ସ୍ତରକୁ ପ୍ରତିଫଳିତ କରୁଛି। ଜିଡିପି ବନାମ. ମୁଣ୍ଡପିଛା ଆୟ ବିତର୍କ - ଯଦିଓ ଭାରତର ମୋଟ ଆର୍ଥିକ ଉତ୍ପାଦନ ବୃଦ୍ଧି ପାଇଛି, ଏହାର ମୁଣ୍ଡ ପିଛା ଆୟ ବିକଶିତ ଦେଶ ତୁଳନାରେ ଯଥେଷ୍ଟ କମ୍ ରହିଛି। ଭାରତର ମୁଣ୍ଡପିଛା ଜିଡିପି ୨,୮୭୮ଡଲାର ଥିବାବେଳେ ଜାପାନର ୩୩,୯୯୫ ଡଲାର ରହିଛି। ଏହି ସ୍ପଷ୍ଟ ବୈପରୀତ୍ୟ ଆୟ ଅସମାନତା ଏବଂ ସମ୍ପତ୍ତିର ଅସମାନ ବଣ୍ଟନକୁ ଦର୍ଶାଇଥାଏ। ଆର୍ଥିକ ସୂଚକ ଭାବେ ବ୍ୟବହୃତ ହେଲେ ନାମମାତ୍ର ଜିଡିପିର ଅନେକ ସୀମା ରହିଥାଏ, କାରଣ ଏହା ସର୍ବଦା କୌଣସି ଦେଶର ପ୍ରକୃତ ଆର୍ଥିକ କଲ୍ୟାଣକୁ ପ୍ରତିଫଳିତ କରିନଥାଏ। ଏଠାରେ କିଛି ପ୍ରମୁଖ ଅସୁବିଧା ଅଛି: ମୁଦ୍ରାସ୍ଫୀତି ବିକୃତି - ନାମମାତ୍ର ଜି.ଡି.ପି. ମୁଦ୍ରାସ୍ଫୀତି ସହ ଖାପ ଖୁଆଇ ନଥାଏ, ଅର୍ଥାତ୍ ଜି.ଡି.ପି.ରେ ବୃଦ୍ଧି ଉତ୍ପାଦନରେ ପ୍ରକୃତ ଅଭିବୃଦ୍ଧି ପରିବର୍ତ୍ତେ ମୂଲ୍ୟ ବୃଦ୍ଧି କାରଣରୁ ହୋଇପାରେ। ଏହା ଆର୍ଥିକ ସମ୍ପ୍ରସାରଣର ଏକ ବିଭ୍ରାନ୍ତିକର ଧାରଣା ଦେଇପାରେ। ସମୟକ୍ରମେ ବିଭ୍ରାନ୍ତିକର ତୁଳନା -

ଯେହେତୁ ନାମମାତ୍ର ଜି.ଡି.ପି.ରେ ମୂଲ୍ୟ ପରିବର୍ତ୍ତନ ଅନ୍ତର୍ଭୁକ୍ତ, ବିଭିନ୍ନ ବର୍ଷର ଆର୍ଥିକ ଅଭିବୃଦ୍ଧିର ତୁଳନା ପାଇଁ ଏହା ବିଶ୍ୱସନୀୟ ନୁହେଁ। ଯଦି ମୁଦ୍ରାସ୍ଫୀତି ଅଧିକ ହୁଏ, ତେବେ ପ୍ରକୃତ ଉତ୍ପାଦନ ସ୍ଥିର ରହିଲେ ମୂଲ୍ୟ ଜି.ଡି.ପି. ବୃଦ୍ଧି ପାଇପାରେ। ଦେଶ ମଧ୍ୟରେ ପାର୍ଥକ୍ୟ - ନାମମାତ୍ର ଜି.ଡି.ପି. ରାଷ୍ଟ୍ରମାନଙ୍କ ମଧ୍ୟରେ ଜୀବନଧାରଣର ମୂଲ୍ୟର ପାର୍ଥକ୍ୟ ପାଇଁ ହିସାବ କରେ ନାହିଁ। ଉଚ୍ଚ ଜି.ଡି.ପି. ଥିବା ଦେଶରେ ଜୀବନଧାରଣ ମାନ ନିମ୍ନମାନର ହୋଇପାରେ, ଯଦି ଆୟ ବଣ୍ଟନ ଅସମାନ ହୋଇଥାଏ କିମ୍ବା କ୍ରୟ କ୍ଷମତା ଦୁର୍ବଳ ହୋଇଥାଏ। ଆୟବଣ୍ଟନକୁ ଅଣଦେଖା କରେ - ନାମମାତ୍ର ଜିଡିପି ପ୍ରତିଫଳିତ କରେ ନାହିଁ ଯେ ଏକ ଦେଶ ମଧ୍ୟରେ ସମ୍ପଦ କିପରି ବଣ୍ଟନ କରାଯାଏ। ଉଚ୍ଚ ଜିଡିପି ଅର୍ଥ ନୁହେଁ ଯେ ଅଧିକାଂଶ ନାଗରିକ ଆର୍ଥିକ ଦୃଷ୍ଟିରୁ ସୁରକ୍ଷିତ ଅଛନ୍ତି। ଅଣ-ବଜାର କାର୍ଯ୍ୟକଳାପକୁ ବାଦ ଦିଆଯାଇଛି - ଅନେକ ଆର୍ଥିକ କାର୍ଯ୍ୟକଳାପ, ଯେପରିକି ଘରୋଇ ଶ୍ରମ, ସ୍ୱେଚ୍ଛାସେବୀ କାର୍ଯ୍ୟ, ଏବଂ ଅନୌପଚାରିକ କ୍ଷେତ୍ରର କାରବାର, ଜିଡିପି ଗଣନାରେ ଅନ୍ତର୍ଭୁକ୍ତ ନୁହେଁ, ଯଦିଓ ସେମାନେ ଅର୍ଥନୈତିକ କଲ୍ୟାଣରେ ଯୋଗଦାନ କରନ୍ତି। ପରିବେଶ ଓ ସାମାଜିକ ବ୍ୟୟ - ପ୍ରଦୂଷଣ, ସମ୍ବଳ ହ୍ରାସ କିମ୍ବା ସାମାଜିକ ଅସମାନତା ଭଳି ନକାରାତ୍ମକ ବାହ୍ୟ ବିଷୟଗୁଡ଼ିକ ପାଇଁ ଜି.ଡି.ପି. ଦାୟୀ ନୁହେଁ। ଗୋଟିଏ ଦେଶର ଜି.ଡି.ପି. ଅଭିବୃଦ୍ଧି ଅଧିକ ହୋଇପାରେ, କିନ୍ତୁ ପରିବେଶ ଅବକ୍ଷୟ ଏବଂ ନିମ୍ନମାନର ଜୀବନଶୈଳୀ ଯୋଗୁଁ କ୍ଷତିଗ୍ରସ୍ତ ହୋଇଥାଏ। ଭୂତଳ ଅର୍ଥନୀତି - ନାମମାତ୍ର ଜିଡିପି କଳା ବଜାର କାର୍ଯ୍ୟକଳାପ କିମ୍ବା ଅନୌପଚାରିକ କାରବାରକୁ ଗ୍ରହଣ କରେ ନାହିଁ, ଯାହା କିଛି ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ହୋଇପାରେ। ଏହା ପ୍ରକୃତ ଆର୍ଥିକ କାର୍ଯ୍ୟକଳାପକୁ କମ୍ ଆକଳନ କରିଥାଏ। ସରକାରୀ କଲ୍ୟାଣ ଏବଂ ଅର୍ଥନୈତିକ ବାସ୍ତବତା - ବାସ୍ତବତା ହେଉଛି ଯେ ୮୦ କୋଟି ଭାରତୀୟ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଭଳି ଯୋଜନା ଅଧୀନରେ ରିହାତି ଦରରେ ଖାଦ୍ୟଶସ୍ୟ ପାଉଛନ୍ତି। ଅନ୍ନ ଯୋଜନା ସୂଚିତ କରେ ଯେ ଜନସଂଖ୍ୟାର ଏକ ବଡ଼ ଅଂଶ ଏପର୍ଯ୍ୟନ୍ତ ମୌଳିକ ଆବଶ୍ୟକତା ସହିତ ସଂଘର୍ଷ କରୁଛି। ଏହାଦ୍ୱାରା ପ୍ରଶ୍ନ ଉଠୁଛି ଯେ ଅର୍ଥନୈତିକ ଅଭିବୃଦ୍ଧି ପ୍ରକୃତରେ ସମାବେଶୀ କି ନୁହେଁ କିମ୍ବା ଏହା ମୁଖ୍ୟତଃ କେତେକ କ୍ଷେତ୍ରକୁ ଲାଭାନ୍ୱିତ କରୁଛି। ଯଦି ଆପଣ ଅମ୍ବାନୀ ଏବଂ ଆଦାନୀଙ୍କ ସମ୍ପତ୍ତିକୁ ବାଦ ଦିଅନ୍ତି, ତେବେ ଭାରତର ପି.ସି.ଆଇ. ୨୬୬୨ ଡଲାରକୁ ହ୍ରାସ ପାଇବ। ୯୦ % ଭାରତୀୟଙ୍କ ଆୟ ୨୫ ହଜାର ଟଙ୍କାରୁ କମ୍ ରହିଛି। ସବୁଠାରୁ ଧନୀ ୧% ଭାରତୀୟଙ୍କ ପାଖରେ ଭାରତର ୪୧ % ସମ୍ପତ୍ତି ଅଛି। ସରକାର ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି କି? ସମ୍ପୂର୍ଣ୍ଣ ପ୍ରତାରଣା ପରିବର୍ତ୍ତେ, ସରକାର ସମ୍ଭବତଃ ଜିଡିପି ଅଭିବୃଦ୍ଧି ପରି ବୃହତ ସୂଚକ ମାଧ୍ୟମରେ ଅର୍ଥନୈତିକ ସଫଳତା ପ୍ରସ୍ତୁତ କରୁଛନ୍ତି, ଯାହା ସମସ୍ତଙ୍କ ପାଇଁ ଉନ୍ନତ ଜୀବନଧାରଣ ମାନରେ ରୂପାନ୍ତରିତ ହୁଏ ନାହିଁ। 'ମେକ୍ ଇନ୍ ଇଣ୍ଡିଆ', 'ଡିଜିଟାଲ୍ ଇଣ୍ଡିଆ' ଏବଂ ଭିତ୍ତିଭୂମି ନିବେଶ ଭଳି ନୀତିଗତ ପରିବର୍ତ୍ତନଗୁଡ଼ିକ ଅଭିବୃଦ୍ଧିରେ ଯୋଗଦାନ ଦେଇଥିବା ବେଳେ, ଆର୍ଥିକ ସମ୍ପ୍ରସାରଣ ଏବଂ ନ୍ୟାୟସଂଗତ ସମୃଦ୍ଧି ମଧ୍ୟରେ ଥିବା ପାର୍ଥକ୍ୟକୁ ପୂରଣ କରିବା ହେଉଛି ପ୍ରକୃତ ଆହ୍ୱାନ। ସାମଗ୍ରିକ ଆର୍ଥିକ ପଦକ୍ଷେପ ନେବାର ଆବଶ୍ୟକତା - କେବଳ ଜି. ଡି. ପି. ରାଙ୍କିଙ୍ଗ ଉପରେ ଧ୍ୟାନ ଦେବା ପରିବର୍ତ୍ତେ, ଭାରତ ନିମ୍ନଲିଖିତ ବିଷୟକୁ ପ୍ରାଥମିକତା ଦେବା ଉଚିତ - ନିଯୁକ୍ତି ସୃଷ୍ଟି ଏବଂ ଅଧିକ ମଜୁରୀ। ସମ୍ପତ୍ତି ଅସମାନତାକୁ ହ୍ରାସ କରିବା। ସାମାଜିକ କଲ୍ୟାଣ ଯୋଜନାଗୁଡ଼ିକୁ ସୁଦୃଢ଼ କରିବା। ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ପୂର୍ବରୁ ଏଚପି ଏବଂ ମୋଟୋରୋଲା ସହିତ ମୁଖ୍ୟ ବିପଣନ ଅଧିକାରୀ ଭାବେ କାର୍ଯ୍ୟ କରିଥିବା ପ୍ରଖ୍ୟାତ ବ୍ୟବସାୟିକ କାର୍ଯ୍ୟନିର୍ବାହୀ ତଥା ଉଦ୍ୟୋଗୀ ଲୟଡ ମାଥିଆସ୍ କହିଛନ୍ତି, ଜାପାନକୁ ପଛରେ ପକାଇ ଭାରତ ବିଶ୍ୱର ଚତୁର୍ଥ ସର୍ବବୃହତ ଅର୍ଥବ୍ୟବସ୍ଥା ହେବା ନେଇ ଯଥାର୍ଥ ଉତ୍ସାହ ରହିଥିବା ବେଳେ ମୁଣ୍ଡ ପିଛା ଜିଡିପି ବୃଦ୍ଧି କରିବା ହେଉଛି ପ୍ରକୃତ ଆହ୍ୱାନ। ଏଥିରେ ଭାରତ ଭିଏତନାମ, ଶ୍ରୀଲଙ୍କା ଏବଂ ଫିଲିପାଇନ୍ସ ପଛରେ ଏବଂ ବାଂଲାଦେଶ ଠାରୁ ଠିକ୍ ଆଗରେ ୧୨୨ ତମ ସ୍ଥାନରେ ରହିଛି।

*ସୁଜନପୁର, ଯାଜପୁର*
*ଦୂରଭାଷ : ୯୪୩୭୨୮୮୦୨୮*

# ପୂଣ୍ୟଶ୍ଳୋକ ଦେବୀ ଅହଲ୍ୟା ବାଈ - ନାରୀ ଶକ୍ତିର ଉତ୍ସ



**ନନ୍ଦିନୀ ଶତପଥୀ**

ଯା ଦେବୀ ସର୍ବ ଭୂତେସୁ ମାତୃ ରୁପେଣ ସଂସ୍ଥିତା ନମୋସ୍ତସେ ନମୋସ୍ତସେ ନମୋସ୍ତସେ ନମୋ ନମଃ

ଦେବ ଭୂମି, ପୂଣ୍ୟ ଭୂମି, ଧର୍ମ ଭୂମି ଭାରତ ବର୍ଷର ଧରା ପୃଷ୍ଠରେ ଅନେକ ବୀରାଙ୍ଗନା ଜନ୍ମ ନେଇଛନ୍ତି। ସେମାନଙ୍କର କୀର୍ତ୍ତି ଇତିହାସର ସ୍ୱର୍ଣ୍ଣାକ୍ଷର ରେ ଲିପବଦ୍ଧ ହୋଇଛି। ଉପରୋକ୍ତ ଶ୍ଳୋକନୁସାରେ ଯୁଗେ ଯୁଗେ ଭାରତରେ ମାତୃ ଶକ୍ତିର ବନ୍ଦନା କରାଯାଇଛି। ସେଥିପାଇଁ ଭାରତ ମାତା ଆଜି ସର୍ବାଗ୍ରେ ବନ୍ଦନୀୟା। ଆମ ଭାରତର ପ୍ରତ୍ୟେକ ସମ୍ପ୍ରଦାୟର ପରିବାରରେ ନାରୀ ମାନେ ହିଁ ଗୃହର ମେରୁଦଣ୍ଡ କହିଲେ ଅତ୍ୟୁକ୍ତି ହେବ ନାହିଁ। ବିଶେଷ କରି ନାରୀ ମାନଙ୍କୁ ନାରାୟଣୀ ରୂପରେଖ ଦେଇ ବିଶ୍ୱ ଦରବାରରେ ଏକ ମହାନ ଉଦାହରଣ ସୃଷ୍ଟି କରିଥିବା ମହାନ ଦେଶ ହେଉଛି ଭାରତବର୍ଷ। ସେହି ଶ୍ରେଷ୍ଠତାକୁ ବଜାୟ ରଖିବା ନିମନ୍ତେ ସର୍ବଦା ଚେଷ୍ଟିତ ଆମର ଯଶସ୍ୱି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ରାଣୀ ଅହଲ୍ୟା ବାଈ ହୋଲକରଙ୍କର ୩୦୦ ବର୍ଷ ଜନ୍ମ ଜୟନ୍ତୀ କୁ ସାରା ଦେଶ ବ୍ୟାପୀ ନାରୀ ଶକ୍ତିର ଉତ୍ସବ ଭାବରେ ପାଳନ କରୁଛନ୍ତି। ସେଇ ନାରୀ ଯିଏକି ଏକ ଛୋଟ ଗ୍ରାମୀଣ ବାଳିକାରୁ ରାଣୀର ଆସନ ଅଳଙ୍କୃତ କରିଥିଲେ ପୁଣି ଏପରି ଭାବରେ ଶାସନ କରିଥଲେ ଯେ ପରିଶେଷରେ ଦେବୀଙ୍କ ପରି ପୂଜା ପାଇ ଅମର ହୋଇ ରହି ଯାଇଥିଲେ।

ଦେବି ଅହଲ୍ୟା ବାଈ ହୋଲକରଙ୍କ ଜନ୍ମ : ଦେବୀ ଅହଲ୍ୟା ବାଈ ହୋଲକରଙ୍କ ଜନ୍ମ ୩୧ ମଇ ୧୭୨୫ ମସିହାରେ ମହାରାଷ୍ଟ୍ର ରାଜ୍ୟର ଚୌଡି ନାମକ ଗ୍ରାମରେ ହୋଇଥିଲା। ସେ ଜଣେ ସାଧାରଣ କୃଷକଙ୍କର ଝିଅ ଥିଲେ। ତାଙ୍କର ବାପା ମାକନୋଜୀ ଶିନ୍ଦେ ଜଣେ ସାଧାରଣ କୃଷକ ଥିଲେ। ସେ ତାଙ୍କ ବାପାଙ୍କ ଏକ ମାତ୍ର କନ୍ୟା ସନ୍ତାନ ଥିଲେ। ଅହଲ୍ୟା ବାଈ ପିଲାଦିନେ ଜଣେ ସାଧାରଣ ଗ୍ରାମୀଣ କନ୍ୟା ରୂପରେ ଜୀବନ ଯାପନ କରୁଥିଲେ। ବାଲ୍ୟ ସମୟରେ ସେ ପ୍ରତିଦିନ ପ୍ରଭୁ ଶିବଙ୍କର ମନ୍ଦିରକୁ ପୂଜା କରିବାକୁ ଯାଉଥିଲେ।

ଦେବୀ ଅହଲ୍ୟା ବାଈ ହୋଲକରଙ୍କ ଜୀବନ ପରିଚୟ: ହୋଲକର ବଂଶର ମହ୍ଲାରରାଓ ହୋଲକରଙ୍କ ପୁତ୍ର ଖଣ୍ଡେରାଓଙ୍କ ସହିତ ତାଙ୍କର ବିବାହ ହୋଇଥିଲା। ନିଜର କର୍ତ୍ତବ୍ୟ ନିଷ୍ଠା ଯୋଗୁ ସେ ତାଙ୍କର ଶ୍ୱଶୁର, ସ୍ୱାମୀ ତଥା ଅନ୍ୟ ସମସ୍ତ ସମ୍ପର୍କୀୟ ମାନଙ୍କର ହୃଦୟ ଜିତି ଥିଲେ। ଗୋଟିଏ ପୁତ୍ର ଏବଂ ଗୋଟିଏ ପୁତ୍ରିର ମାତା ମଧ୍ୟ ସେ ହୋଇଥିଲେ। ଯୌବନ ଅବସ୍ଥାରେ ୨୯ ବର୍ଷ ଆୟୁରେ ତାଙ୍କର ସ୍ୱାମୀଙ୍କର ଦେହାନ୍ତ ହୋଇଯାଇଥିଲା।୧୭୬୬ ରେ ଶ୍ୱଶୁର ମାହ୍ଲାରରାଓ ମଧ୍ୟ ଦେହ ତ୍ୟାଗ କରିଥିଲେ। ଶ୍ୱଶୁରଙ୍କ ପରେ ଶାସନର ସମସ୍ତ କାର୍ଯ୍ୟ ତାଙ୍କୁ ସମ୍ଭାଳିବା ପାଇଁ ପଡିଥିଲା। ଅସମୟରେ ତାଙ୍କର ଏକ ମାତ୍ର ପୁତ୍ର ମାଲେ ରାଓ, ଜ୍ୱାଇଁ ଫଂରାସେ, ଝିଅ ମୁକ୍ତାର ମଧ୍ୟ ଦେହାନ୍ତ ହୋଇଯାଇଥିଲା। ଏହି ସବୁ ଦୁର୍ଦ୍ଦିନ ଦେଖି ମଧ୍ୟ ସେ ବିଚଳିତ ନହୋଇ ନିଜ ଜୀବନକୁ ପ୍ରଜା ମାନଙ୍କ ହିତ ସାଧନ ନିମନ୍ତେ ଉତ୍ସର୍ଗ କରିବା ପାଇଁ ପ୍ରତିଜ୍ଞା ନେଇଥିଲେ।

ଦେବୀ ଅହଲ୍ୟା ବାଈଙ୍କର ଜନ କଲ୍ୟାଣକାରୀ କାର୍ଯ୍ୟ : ଅହଲ୍ୟା ବାଈ ସଦାସର୍ବଦା ଜନ କଲ୍ୟାଣକାରୀ କାର୍ଯ୍ୟରେ ନିଜକୁ ନିୟୋଜିତ କରି ରଖୁଥିଲେ। ସେ ନର୍ମଦା ନଦୀ ତଟରେ ସ୍ଥିତ ପ୍ରାଚୀନ ଐତିହାସକ ନଗର ମହେଶ୍ୱର କୁ ନିଜର ରାଜଧାନୀ କରିଥଲେ। ଦେଶ ସାରାର ବୁଣାକାର ମାନଙ୍କୁ ମହେଶ୍ୱର ଠାରେ ବ୍ୟବସାୟ କରିବା ନିମନ୍ତେ ପ୍ରୋତ୍ସାହନ ଦେଇଥିଲେ। ମହେଶ୍ୱରକୁ ଶାଢ଼ୀ ନିମନ୍ତେ ଏକ ନୂଆ ପରିଚୟ ଦେଇଥିଲେ। ଦେବୀ ଅହଲ୍ୟାବାଈ ଦେଶ ସାରାର ଶିଳ୍ପକାର ମାନଙ୍କୁ ଏକତ୍ରିତ କରି ଦେଶର ତୀର୍ଥ ସ୍ଥାନ ମାନଙ୍କରେ ଥିବା ମନ୍ଦିର ମାନଙ୍କର ମରାମତି କାମରେ ନିଯୁକ୍ତ କରିଥଲେ। ମନ୍ଦିର ମାନଙ୍କର ରକ୍ଷଣବେକ୍ଷଣ ମଧ୍ୟ କରିଥିଲେ। ନଦୀ ମାନଙ୍କରେ ଘାଟ ନିର୍ମାଣ କରିଥିଲେ। ଅନେକ ସ୍ଥାନରେ ଦେଶସାରା ଧର୍ମଶାଳାମାନ ନିର୍ମାଣ କରାଇଥିଲେ। ସେ ସବୁବେଳେ କହୁଥିଲେ ମୋ ଜୀବନରେ କେବେ ନିର୍ମାଣ କାର୍ଯ୍ୟ ବନ୍ଦ ହେବ ନାହିଁ। ଏହି କାରଣ ହେତୁ ଆଜି ଆମେ ଦେବୀ ଅହଲ୍ୟା ବାଈଙ୍କ ଦ୍ୱାରା କରାଯାଇଥିବା ନିର୍ମାଣ କାର୍ଯ୍ୟ ବଦ୍ରିନାଥ, କେଦାରନାଥ ଠାରୁ ନେଇ ରାମେଶ୍ୱରମ ପର୍ଯ୍ୟନ୍ତ ତଥା ସୋମନାଥ ଠାରୁ ନେ଼ଇ ଗଙ୍ଗା ସାଗର ପର୍ଯ୍ୟନ୍ତ ପ୍ରତ୍ୟେକ ତୀର୍ଥ କ୍ଷେତ୍ର ଦର୍ଶନ କରିପାରୁଛନ୍ତି। ତାଙ୍କର ନିର୍ମାଣ କାର୍ଯ୍ୟର ବିଶେଷତା ଏହା ଥିଲାକି ସେ ସମସ୍ତ ଖର୍ଚ୍ଚ ସରକାରୀ କୋଷରୁ ନକରି ନିଜର ବ୍ୟକ୍ତିଗତ ସମ୍ପତ୍ତିରୁ କରୁଥିଲେ।

ଦେବୀ ଅହଲ୍ୟାବାଈଙ୍କର ନ୍ୟାୟ ପ୍ରିୟତାର ସୁ ପରିଚୟ : ତାଙ୍କର ନ୍ୟାୟ ପ୍ରିୟତାର ଖ୍ୟାତି ସାରା ଦେଶରେ ସୁପ୍ରସିଦ୍ଧ ଥିଲା। ଦେଶର ବିଭିନ୍ନ ରାଜ୍ୟର ରାଜାମାନେ ନିଜ ନିଜ ଭିତରେ ଥିବା ବିବାଦର ସମାଧାନ ନିମନ୍ତେ ତାଙ୍କ ପାଖକୁ ଆସୁଥିଲେ ଏବଂ ସେଠାରୁ ସମାଧାନ ନେଇ ପୁଣି ନିଜ ନିଜ ରାଜ୍ୟକୁ ଫେରି ଯାଉଥିଲେ। ବନବାସୀ, କୃଷକ, ବ୍ୟାପାରୀ ତଥା ସରକାରୀ କର୍ମଚାରୀମାନଙ୍କର ସମସ୍ୟା ପ୍ରତି ତାଙ୍କର ବିଶେଷ ଦୃଷ୍ଟି ରହୁଥିଲା। ସେ ତାଙ୍କର ରାଜ୍ୟକୁ ଭଗବାନ ଶିବ ଙ୍କୁ ସମର୍ପଣ କରିଦେଇଥିଲେ। ସେ ଶିବଙ୍କର ପ୍ରତିନିଧି ଭାବରେ କାର୍ଯ୍ୟ କରୁଥିଲେ। ରାଜ କାର୍ଯ୍ୟ କରିବା ସମୟରେ ସେ ସଦାସର୍ବଦା ଶିବ ଲିଙ୍ଗ କୁ ନିଜ ହାତରେ ଧାରଣ କରୁଥିଲେ। ତାଙ୍କର ଆଦର୍ଶ ଶାସନ ତଥା ଜନହିତକାରୀ ନୀତି ନିମନ୍ତେ ପ୍ରଜା ମାନେ ତାଙ୍କ ଜୀବନ କାଳରେ ହିଁ ତାଙ୍କୁ ଦେବୀ ବୋଲି ମାନିବା ପାଇଁ ବାଧ ହୋଇଥିଲେ।୧୩ ଅଗଷ୍ଟ ୧୭୯୫ ରେ ମହେଶ୍ୱର ରେ ୭୦ ବର୍ଷ ବୟସ ରେ ତାଙ୍କର ମୃତ୍ୟୁ ହୋଇଥିଲା। ପ୍ରଜାଙ୍କ ସୁଖରେ ନିଜ ସୁଖକୁ ଦେଖିଥିବା ମହାନ ଦେବୀ ରାଣୀ ଅହଲ୍ୟା ବାଈ ହୋଲକରଙ୍କର ମୃତ୍ୟୁ ହୋଇ ମଧ୍ୟ ସେ ଚିରକାଳ ପାଇଁ ଜନ ମାନସରେ ଅମର ହୋଇ ରହିଛନ୍ତି ଓ ରହିଥିବେ।



*ରାଜ୍ୟ ସମ୍ପାଦିକା, ମହିଳା ମୋର୍ଚ୍ଚା,*
*ଭରତୀୟ ଜନତା ପାର୍ଟୀ*

## ଧାରାବାହିକ ଉପନ୍ୟାସ

# ମହାନାୟକ

**କ୍ଷୀରୋଦ ଦାସ**



ସମକାଳୀନ ଓଡ଼ିଆ କଥା ସାହିତ୍ୟର ଏକ ଦମ୍‌ଦାର ସ୍ୱର କ୍ଷୀରୋଦ ଦାସ। କେତେବେଳେ ସୁଦୂର ଅତୀତର ଅଭୁଲା ସ୍ମୃତି ତ କେତେବେଳେ ଆମ ସମୟର ଯନ୍ତ୍ରଣା, ଜଞ୍ଜାଳ, ସଂପର୍କ ଓ ସଂଘାତିକୁ ନିଜ କାହାଣୀ ତଥା ଉପନ୍ୟାସରେ ବିଶ୍ୱସ୍ତ ଭାବେ ପରଷି ଦେବାରେ ସେ ସିଦ୍ଧହସ୍ତ। ତାଙ୍କ କାହାଣୀ ଭିତରେ କେଉଁ କଳ୍ପଲୋକର ରୂପକଥା ନଥାଏ, ଥାଏ ଆମ ଆଖପାଖର ଚିତ୍ର, ଥାଆନ୍ତି ଆମ ଆଖପାଖର ମଣିଷମାନେ। ଓଡ଼ିଆ ଘରର ରୀତିନୀତି, ହାନିଲାଭ, ପ୍ରେମ ପ୍ରଣୟ, ସୁଖଦୁଃଖକୁ ବେଶ୍ ରୁଚିପୂର୍ଣ୍ଣ ଢଙ୍ଗରେ ଉପସ୍ଥାପିତ କରିବାରେ ସେ ଅନେକ ସଫଳତାର ଅଧିକାରୀ।

ଭାଗ-୧୧

*(ପୂର୍ବପ୍ରକାଶ ଉତ୍ତାରୁ*

: ଦେଖାଦେଖି ନାହିଁ। ତୁ ଅଲବତ୍ ଘରକୁ ଯିବୁ। - ଗମ୍ଭୀର ସ୍ୱରରେ କହିଲେ ଗଦାବାବୁ। ତବ ଆଜ୍ଞା ଶିରୋଧାର୍ଯ୍ୟ।

: ନିଶ୍ଚୟ ଶିରୋଧାର୍ଯ୍ୟ। - ହସିହସି କହିଲେ ଗଦାବାବୁ।

: ତେବେ ବାହାରିଲି ଏବେ।

: ଆସନ୍ତୁ ମଣିମା ... ପରିହାସ କରି କହିଲେ ଗଦାବାବୁ।

ଶ୍ରାବଣ ମାସ। ସକାଳ ପ୍ରହରୁ ମାଠିଆ ମୁହଁରେ ପାଣି ଓଜାଡିବା ପରି ବର୍ଷା ଢାଳୁଛି ଅନବରତ। ତା' ସାଙ୍ଗକୁ ଅଳ୍ପ ଅଳ୍ପ କୋହଲା ପବନ। ଘନଦାଦା ଠିକ୍ ରାତି ଆଠଟା ବେଳକୁ ବସ୍ ଧରିଲେ ବାଦାମବାଡି ବସ୍‌ଷ୍ଟାଣ୍ଡରୁ।

ପାତ୍ରପୁର ବସ୍‌ଷ୍ଟାଣ୍ଡରେ ଠିକ୍ ସାଢ଼େ ନ'ଟା ସୁଧା ବସ୍ ପହଞ୍ଚିବା କଥା। ହେଲେ ଦୁର୍ଯ୍ୟୋଗକୁ ଠିକ୍ କନ୍ଦରପୁର ପାଖରେ ବସର୍ ପଛଚକା ଫାଟିଗଲା। ଚକ ସଜଡା ସରୁସରୁ ବିତିଗଲା ପାଖାପାଖି ଘଣ୍ଟାଏ। ପାତ୍ରପୁର ବଜାରରେ ବସ୍ ପହଞ୍ଚିବା ବେଳେକୁ ରାତି ସାଢ଼େ ଦଶଟା।

ବଜାରରୁ ତାଙ୍କ ଘର ଚାରି କିଲୋମିଟର ଦୂର। ରାତି ବଢ଼ିବା ସହିତ ବଢୁଥିଲା ବର୍ଷା ଓ ପବନର ବେଗ। ପ୍ରତିକୂଳ ପାଗ ଯୋଗୁଁ ବଜାରର ପ୍ରାୟ ସବୁ ଦୋକାନ ବନ୍ଦ। କିଟିକିଟି ଅନ୍ଧାର ଚାରିଆଡ଼େ। ତାଙ୍କୁ ଚାଲିଚାଲି ଯିବାକୁ ହେବ ଏତେଗୁଡାଏ ବାଟ। ତଥାପି ସେ ହତୋତ୍ସାହିତ ହେଉନଥିଲେ। ରାତି ଅଧରେ ଅକସ୍ମାତ ଘରେ ପହଞ୍ଚି ମାନୀଖୁଡୀଙ୍କୁ ଚକିତ କରିଦେବାର ନିଶାଟା ତାଙ୍କୁ କବଳିତ କରିପକାଇଥିଲା।

ଘନଦାଦା ପକେଟରେ ହାତ ମାରିଲେ। ସିଗାରେଟ୍ ଶେଷ। ବନ୍ଦଥିବା ଗୋଟାଏ କେବିନ୍ ଭିତରୁ ଧୀରେ ମଳିଛିଆ ଆଲୁଅ ଦେଖି ସେ ଯାଇ କବାଟ ଖଡ୍‌ଖଡ୍ କଲେ।

ଭିତରୁ ଶୁଭିଲା ଅସନ୍ତୋଷ ଓ ବିରକ୍ତିର ସ୍ୱର - 'କିଏ ବେ?

: ଦୁଇ ପ୍ୟାକେଟ୍ କ୍ୟାଭେଣ୍ଡର ସିଗାରେଟ୍ ଦରକାର। ଦିଆସିଲି ପ୍ୟାକେଟ୍‌ଟାଏ ବି। ମିଳିବ କି? - ବାହାରେ ଥାଇ ପଚାରିଲେ ଘନଦାଦା।

: ଷାଠିଏ ଟଙ୍କା ଦିଅ - ଭିତରୁ କହିଲେ ଦୋକାନୀ।

ଘନଦାଦା ପଇସା ବଢ଼ାଇଲେ। ଦୋକାନୀଟି କେବିନ୍ କବାଟ ଅଳ୍ପ ଟେକି ତାଙ୍କ ହାତରୁ ପଇସା ନେଇ ସିଗାରେଟ୍ ଦେଉଥିବାବେଳେ ତାଙ୍କ ମୁହଁକୁ ଚାହିଁ କହିଲା - କିଓ, ଘନ ଭାଇନା! ତମେ! ଏତେ ରାତିରେ କ'ଣ? କୋଉଥିରେ ଆସିଲ? ବସ୍‌ରେ ନ ଟ୍ରେନ୍‌ରେ?

ଯାତ୍ରାପାର୍ଟିର ଜଣେ ଖ୍ୟାତନାମା କଳାକାର ଭାବରେ ଘନ ଦାଦାଙ୍କର ଖୁବ୍ ନାଁ ଡାକଥିଲା। ତାଙ୍କ ପୋଷ୍ଟର ବି ଲାଗୁଥିଲା ଯାତ୍ରାପାର୍ଟି ପଡୁଥିବା ଅଞ୍ଚଳର କାନ୍ଥବାଡ଼୍‌ରେ। ଘନ ମହାରାଜ ଭାବରେ ସେ ବେଶ୍ ପରିଚିତ ଥିଲେ ସାରା ଅଞ୍ଚଳରେ।



ଦୋକାନରୁ ଫେରି ବର୍ଷା ପବନକୁ ଖାତିର୍ ନକରି ସେ ପାଦ ପକାଇଲେ ଗାଁ ଆଡେ। ସେଇଟା କେଉଁ ତିଥି ଥିଲା କେଜାଣି ଜହ୍ନ ନଥିଲା ଆକାଶରେ। ଥିଲେ ବି କ'ର ମେଘ ବାଦଲ ଘୋଡା ଆକାଶରୁ ଦେଖି ପାରୁଥାଆନ୍ତା ପୃଥିବୀକୁ। କିନ୍ତୁ ଚାରିଆଡେ ଟିକେ ଫର୍ଚ୍ଛା ଦିଶିବାକୁ ଆରମ୍ଭ କରିଥିଲା।

ତଥାପି ଝିପିଝିପି ବର୍ଷା ଝରି ପଡୁଥିଲା ପୃଥିବୀ ଉପରକୁ।

ରାତି ଏଗାରଟା।

ନାରଣପୁର ଗାଁ ବୁଡିଯାଇଥିଲା ଗଭୀର ଅନ୍ଧାର ଭିତରେ। ବିଜୁଳି ଆଲୁଅ ନଥିଲା। ସହଜେ ଯେ ତ ଗାଁ! ହେଲେ ଖୋଦ୍ ରାଜଧାନୀରେ ପରା ଟିକିଏ ବର୍ଷା କି ପବନ ହେଲେ ବିଜୁଳି ଅନ୍ତର୍ଦ୍ଧାନ ହୋଇଯାଏ। ଅନ୍ତର୍ଦ୍ଧାନ ହୋଇଯାଏ କି ତାକୁ ଅନ୍ତର୍ଦ୍ଧାନ କରି ଦିଆଯାଏ, ତାହା ଦୋସରା କଥା।

ଦାଣ୍ଡ ପୋଖରୀରେ ଆଣ୍ଠୁଯାଏ କାଦୁଅ ହୋଇଯାଇଥିବା ଗୋଡ ଧୋଇଲେ ଘନଦାଦା। ଆଗରେ ତାଙ୍କ ଘର। ଝରକା ଫାଙ୍କରୁ ମଳିଛିଆ ଲଣ୍ଠନ ଆଲୁଅ ଧାରେ ଛିଟିକି ପଡିଥିଲା ବାହାରକୁ। ଘନଦାଦା ଭାବିଲେ, ମାନୀ ବୋଧହୁଏ ଶୋଇପଡିଛି। ଲାଇନ୍ ନଥିବାରୁ ଲଣ୍ଠନ ବତୀକୁ କମାଇ ଦେଇ ଜଳାଇ ରଖିଛି। ଭଲ କରିଛି। ଏକୁଟିଆ ସ୍ତ୍ରୀ ଲୋକଟିଏ। ଅନ୍ଧାରରେ ତାକୁ ଡର ଲାଗିବନି।

ସେ କବାଟ୍ ଠକ୍ ଠକ୍ କଲେନି। ତାଙ୍କ ଆସିବା ଖବର ମାନୀକୁ ଆଗରୁ ନଦେଇ ହଠାତ୍ ପହଞ୍ଚିଯାଇ ତାକୁ ଚକିତ ତଥା ଚମତ୍କୃତ କରି ପକାଇବାର ନିଶାଟା ତାଙ୍କୁ ଆଚ୍ଛନ୍ନ କରି ରଖିଥିଲା। ହଠାତ୍ ମାନୀ ତାଙ୍କୁ ଦେଖି ବିଶ୍ୱାସ କରିପାରିବ ନାହିଁ। ଆଖିକୁ। ଭାବିବ, ସେ ବୋଧହୁଏ ମଧୁର ସ୍ୱପ୍ନଟିଏ ଦେଖୁଛି! ନିଦ ଛାଡ଼ିନଥିବା ଆଖିକୁ ଦୁଇ ପାପୁଲିରେ ମଳିବ ଏବଂ ପୁଣି ଦେଖିବ, ତା' ଦେଖିବାଟା ସ୍ୱପ୍ନ ନା ସତ୍ୟ! ପରେପରେ ଉଲ୍ଲାସର ଢ଼େଉ ପିଟିହେବ ଆସି ତା' ମୁହଁରେ, ଦେହରେ।

ଘନଦାଦା ଝରକା ଫାଙ୍କରେ ଚାହିଁଲେ ଭିତରକୁ।

ଘର ଭିତରର ଦୃଶ୍ୟ ତାଙ୍କୁ ଉଚ୍ଚଶକ୍ତିସମ୍ପନ୍ନ କରେଣ୍ଟରେ ଏତେ ଶକ୍ତିଶାଳୀ ଧକ୍କାଟିଏ ଦେଲା ଯେ ସେ ଛିଟିକି ପଡିଲେ କେଇ ପାହୁଣ୍ଡ ପଛକୁ। ଘର ଭିତରର ସେଇ ବୀଭତ୍ସ ବିଶ୍ୱବ୍ରହ୍ମାଣ୍ଡ ତୀବ୍ର ବେଗରେ ଘୂରୁଥିବା ବେଳେ, ତାଙ୍କ ତଣ୍ଟି ଶୁଖି ଯାଉଥିବା ବେଳେ ସେ ଲକ୍ଷ କଲେ, ତାଙ୍କ ସୁଖ ସଂସାରକୁ ଛିନ୍‌ଛତ୍ର କରି ତାଙ୍କ ଶୋଇବା ଘରେ ଛ' ଫୁଟ୍‌ରେ ଛ' ଫୁଟ୍‌ର ଖଟ ଉପରେ ସଂଘଟିତ ହେଉଛି ସଂସାରର ସବୁଠୁ ବୀଭତ୍ସ ମହାନାଟକ।

ସେଇ ନାଟକର ନାୟିକା ଥିଲେ ତାଙ୍କ ସହ ବର୍ଷ ବର୍ଷ ଧରି ସଂସାର ଆପିଥିବା ମାନୀ ଏବଂ ମାସକୁ ହଜାର ଟଙ୍କାର ଦରମା ନେଇ ଘରର ହାନିଲାଭ ବୁଝୁଥିବା, ମାନକୁ ଭାଉଜ ନୁହେଁ, ମା ରୂପରେ ଦେଖୁଥିବା ସାନଭାଇ ପଦନା ଥିଲା ନାୟକ।

*(କ୍ରମଶଃ)*

---



## ବିଶେଷ କବିତା



## ଏ ପାଖ ସେପାଖ

**ଗଜାନନ ମିଶ୍ର**

ଝାଡାବାନ୍ତିରେ
ଗ୍ୟାସ ରୋଗରେ
ଅସୁସ୍ଥ ଅଧିକାଂଶ।
ଦହିପାଣି, କାଂଜି ତୋରାଣୀ,
ବିଶୁଦ୍ଧ ଜଳ ଅଭାବ।

ପ୍ରଚଣ୍ଡ ରୌଦ୍ରତାପରେ
ଶ୍ରଦ୍ଧାଳୁଙ୍କ ଭିଡ, ଘମାଘୋଟ
ନୃତ୍ୟ ଗୀତ ବାଦ୍ୟ ଆଉ
ଡାଲଖାଇ ରସରକେଲି,
ମାଟି ପାଣି ପବନରେ
ଏଠାକାର ମହୋତ୍ସବ।

କାଦୋବାହାଲରେ
ନାମଯଜ୍ଞ,
ଆବାସ ଦୁର୍ନୀତି,
ମଦ ଗଂଜେଇ ସର୍ବତ୍ର।

ଖେଳନା ବନ୍ଧୁକ ଦେଖାଇ
ଦେବାନନ୍ଦ ମାଲେମାଲ୍।

ପ୍ରଶାସନ ହାତରେ
ବନ୍ଧା କୁଟିଆ କନ୍ଧ।

ଓଡିଆ ଭକୁଆ
ଅନୁକରଣ କରି ବି
ସବୁଥିରେ ବିଫଳ।

ସୁରକ୍ଷା ଖବର
ସହଦେବ ପାରୁ ନି ଜାଣି।

କିଏ କେତେବେଳେ
ହେଉଛି ନିଖୋଜ କୋଉଠୁ।

ଏପାଖ ସେପାଖ ହେଉ ହେଉ
ହରଣଚାଳ ସବୁ।

ପ୍ରାମାଣିକ ମିଳୁଛି କଣ!
ଆଲୋଚନା ପର୍ଯ୍ୟାଲୋଚନା
ସବୁରେ ବିରାମ
ମୂଳଚାଲ କଲାବେଳକୁ
ଗାଏବ୍ ମୁଖିଆ ଦୃଶ୍ୟରୁ।

*ତପୋବନ, ଟିଟିଲାଗଡ-୭୬୭୦୩୩*




## ଆସୁଛି ତୁମ ନିକଟକୁ

**ପଲ୍ଲବୀ ଦାସ**

ତୁମର ଲିଭି ଆସୁଥିବା ହସକୁ
ଭରସାର ଘିଅ ଢାଳିଦେବି
ରୁହ , ଅଶୁଭ ଆଶଙ୍କାର ଛାଇ ଘୁଞ୍ଚିଯିବ।
ମୁଠେ ଅନ୍ନ, ଦିଢୋକା ଜଳ
ସ୍ନାୟୁରେ ବିଚଳ
ଆଖିରେ ତୁମର ସମ୍ଭାବିତ ଝଡ।
ବାଟ ଆହୁରି ଅନେକ
ଦିଶୁନାହାନ୍ତି କାକପିକ
ମାନବିକତା ଧୀରେଧୀରେ ଅପହଞ୍ଚ।
ରୁହ , ମୋ ହାତରେ ଶାଣଦିଆ ଅସ୍ତ୍ର
ଅଚିହ୍ନା ପାତକ ବେପରୁଆ
ଗଳିବାଟ ବିପଦସଂକୁଳ
କଟାସ ମାତିଛନ୍ତି
ମୁଁ ଧାଉଁଛି ତୁମ ନିକଟକୁ
ହେବ ଆଉ ଏକ ମହାଭାରତ।
ବାଟ ପଚାରିବି ନାହିଁ
ଉଦ୍ଦେଶ୍ୟ ଖୋଲିବି ନାହିଁ
ହସର ହଳଦୀବସନ୍ତ ଡାଳକୁ ଫେରିନାହିଁ
ଉଦାର ଅନୁଚିନ୍ତାରେ ପ୍ରତୀକ୍ଷାରତ ସକାଳ
ରୁହ, ମୁଁ ଆସୁଛି
ବର୍ଷା ପରି, ଗର୍ଭ ବେଦନାରୁ ଫିଟି।
ମୁଁ ଠକିଯିବି ନାହିଁ  ଜମା ଥକିବି ନାହିଁ
ଅଜସ୍ର ବୁଝେଇବି ହୀନମନକୁ, ଫେରିଯା କହିବି
ରାତିର ପ୍ରୟାସ ଅସଫଳ ହେଲେ
ସକାଳକୁ ଲକ୍ଷ୍ୟଭେଦ
ଇଏ ଆକାଶର ଆହ୍ୱାନ
ନହେଲେ, ମାଟି ବି ଦୋଷଦେବ ମୋତେ।
ଦେଖିବ, ତୁମ ସୁଖବେଳର ସୁଖ
ଲିଭି ଆସୁଥିବା ହସବେଳର ହସ,
ନିଜକୁ ସଜେଇ ସାରିଥିବି।
କଥା ଦେଉଛି, କେହି କିଛି ଜାଣିବା ଆଗରୁ
ତମ ଛାତି ଭିତରେ
ଏକ ଅଜଣା ପୁଲକ ଓ
ଦମ୍ଭ ହୋଇ ଛିଡା ହୋଇଥିବି।

*ଜୁନାଗଡ , କଳାହାଣ୍ଡି*
*ଦୂରଭାଷ : ୮୬୫୮୭୪୦୨୯୧*



## ସାଧବ ବୋହୁ

**ଡ.ଶୁଭେନ୍ଦୁ ମେହେର**

ଆସିଲା ଯହୁଁ ବରଷା କାଳ
ଆକାଶେ ମେଘ ମାଳ।
ସବୁଠି ହସେ କଅଁଳ ଘାସ
ଧରା ଦିଶେ ଶ୍ୟାମଳ।
ଝିପି ଝିପି ଝିପି ମେଘ ବରଷେ
ଓଦା ହୁଏ ଗାଁ ଭୂଇଁ।
ଚାଷୀଭାଇର ମନ ଉଚ୍ଛନ୍ନ
ହଳ କରିବା ପାଇଁ।
ପହିଲି ବର୍ଷା ପଡଇ ଯେବେ
ଆସଇ ଶିହରଣ।
ନାନା ଜାତିର ଫୁଟଇ ଫୁଲ
ପ୍ରକୃତିର ଏ ଦାନ।
ଗାଁ ଦାଣ୍ଡରେ ବରଷା ପାଣି
କାଗଜ ଡଙ୍ଗା ଭାସେ।
ନାଲି ନାଲିଆ ସାଧବ ବୋହୁ
କେଡେ ସୁନ୍ଦର ଦିଶେ।
ନାଲି ଟୁକୁ ଟୁକୁ ରଙ୍ଗଟି ତାର
ମସୃଣ ପରି ଦେହ।
ବରଷା କାଳ ଆସିଲେ ଆସେ
ସଜେଇ ହେଇ ମୁହଁ।
ଘାସ ଗାଲିଚାରେ ଚାଲଇ ଯେବେ
ଦିଶଇ କେଡେ ଶୋଭା।
ସୁନ୍ଦରତା ଆଉ ମଖମଲ୍ଲି ଦେହ
ସତେ କେଡେ ମନଲୋଭା।
ଥିରି ଥିରି ଚାଲେ ନୂଆ ବୋହୁ ପରି
ସୁନ୍ଦର ଦିଶଇ ଦେହ।
କେଉଁ ମାଦକତା ଭରିଛି ବିଧାତା
ମୋହେ ସଭିଙ୍କ ହୃଦୟ।
ପିଲା ବେଳରେ ଖେଳିଛି କେତେ
ସାଧବ ବୋହୁ ସାଥେ।
କୋମଳ ଦେହ ମଖମଲ୍ଲି ରେ
ବିଭୋର କରେ ମୋତେ।
ନାହିରେ ଆଉ ଖେଳ ପଡିଆ
ଗୋଚର ଜମି ନାହିଁ।
ସାଧବ ବୋହୁ ଖୋଜି ବୁଲିଛି
ସୁନ୍ଦର ଗାଁ ଭୂଇଁ।
କେତେ ଯତନେ ସୁନ୍ଦର ଦେହେ
ଗଢ଼ିଛି ରେ ବିଧାତା।
ଛୋଟ ହେଲେବି ସଭିଙ୍କୁ ମୋହେ
ଦେଖେଇ ମହାନତା।

*ଯାଲୋଏ, ସୁବର୍ଣ୍ଣପୁର*



## ଆତଙ୍କର ପୃଷ୍ଠା

**ସୁଚରିତା ମହାନ୍ତି**

ଦୁଃଖର ପୃଷ୍ଠା ଗୁଡ଼ିକ
ସତରେ କ'ଣ ଏଡ଼େ ମଜବୁତ୍

ସେମାନେ ତ ଯାଇଥିଲେ
ମାତ୍ର ଦୁଇମୁଠା ଖୁସି ସାଉଁଟିବାକୁ
ଦୂର ସହରକୁ ।

ସ୍ୱର୍ଗୀୟ ଆନନ୍ଦରେ
ବୁଡ଼ି ଯାଇଥିଲା ଦେହ ଓ ମନ

ଜାଣିବାକୁ କିମ୍ବା କିଛି ବୁଝିବାକୁ
ସମସ୍ତେ ଥିଲେ ଅସମର୍ଥ

ହଠାତ୍ ଖେଳିଗଲା
ଆତଙ୍କର କଳାବାଦଲ
ରକ୍ତ ରଞ୍ଜିତ ହୋଇ ଉଠିଲା
ଭ୍ରମଣ କାହାଣୀ

ହତ୍ୟା ହେଲା ମାନବିକତାର

ଧର୍ମଦ୍ରୋହୀ
ଦେଶଦ୍ରୋହୀଙ୍କ ବର୍ବରତା

ସଧବା ମୁଣ୍ଡରୁ
ପୋଛି ଦେଲା 'ସିନ୍ଦୂର'


ଇତିହାସ ବାରମ୍ବାର ଦୋହରାଉଥିବ
ସେଇ ଦୁଃଖଦାୟକ
ରୋମହର୍ଷଣ ଆତଙ୍କୀ ପୃଷ୍ଠାକୁ
ଯାହା କେବେ ଭୁଲିବାର ନୁହେଁ।

*ବାରିପଦା,ମୟୂରଭଞ୍ଜ*
*ଦୂରଭାଷ : ୮୯୧୭୫୭୧୨୦୨*

---

# ଡାକବାଲା

**ଲଳିତ ମୋହନ ମିଶ୍ର**



ଡାକବାଲା ଘରର କବାଟ ଠକ୍ ଠକ୍ କରି କହିଲା, 'ଚିଠି ନିଅ... ଚିଠି...! ଘର ଭିତରୁ ଗୋଟିଏ ଝିଅର ସ୍ୱର ଭାସି ଆସିଲା, 'ମୁଁ ଆସୁଛି... ଆସୁଛି! କିନ୍ତୁ ତିନି ଚାରି ମିନିଟ୍ ଯିବା ପରେ ମଧ୍ୟ କାହାର ଦେଖା ଦର୍ଶନ ନାହିଁ। କେହି ଘରୁ ବାହାରୁ ନ ଥିବାରୁ ପୁଣି ପୋଷ୍ଟମ୍ୟାନ୍ ଡାକ ପକାଇ କହିଲା, ଆରେ ଭାଇ! ଘରେ କେହି ଅଛନ୍ତି ନା ନାଇ ମ..., ଆପଣଙ୍କ ଚିଠି ନେଇ ଯାଆନ୍ତୁ... ପୁଣି ଡାକ ପକାଇଲେ। ଝିଅଟିର ସ୍ୱର ପୁଣି ଶୁଭିଲା,... ପୋଷ୍ଟମ୍ୟାନ୍ ଆଜ୍ଞା କବାଟ ତଳେ ଚିଠିଟିକୁ ଫିଙ୍ଗି ଦିଅ... ମୁଁ ଆସୁଛି। ପୋଷ୍ଟମ୍ୟାନ୍ କହିଲେ - ନା... ନା... ସେମିତି କେମିତି ହେବ... ରେଜିଷ୍ଟ୍ରେଡ୍ ଡାକ... ଦସ୍ତଖତ କରିବାକୁ ପଡ଼ିବ... ମୁଁ ଅପେକ୍ଷା କରି ଛିଡ଼ା ହୋଇଛି। ପ୍ରାୟ ଛଅ ସାତ ମିନିଟ୍ ପରେ ଘରର କବାଟ ଖୋଲିଲା। ପୋଷ୍ଟମ୍ୟାନ୍ ରାଗରେ ନିଆଁବାଣ ହୋଇ କିଛି କହିବାକୁ ଯାଉଥିଲେ କିନ୍ତୁ କବାଟ ଖୋଲିବା ମାତ୍ରେ ତାଙ୍କ ସାମ୍ନାରେ ଗୋଡ଼ ନଥିବା ଜଣେ ଦିବ୍ୟାଙ୍ଗ ଝିଅକୁ ଦେଖି ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପୋଷ୍ଟମ୍ୟାନ୍ ଚୁପ୍ ଚାପ୍ ଚିଠିଟି ଦେଇ ଦସ୍ତଖତ କରି ନେଲେ। ସପ୍ତାହେ ଦୁଇ ସପ୍ତାହରେ ଯେତେବେଳେ ଝିଅଟିର ଚିଠି ଆସେ, ସେ ଆସିବା ପର୍ଯ୍ୟନ୍ତ ଘର ଆଗରେ ଠିଆ ହୋଇ ରୁହନ୍ତି। ଦିନେ ଝିଅଟି ପୋଷ୍ଟମ୍ୟାନକୁ ଖାଲି ପାଦରେ ଥିବାର ଦେଖିଲା। ପାଖେଇ ଆସୁଥିଲା ପର୍ବ। ପୋଷ୍ଟମ୍ୟାନକୁ କ'ଣ ପୁରସ୍କାର ଦିଆଯିବ ବୋଲି ସେ ଚିନ୍ତା କଲା। ଦିନେ ପୋଷ୍ଟମ୍ୟାନ୍ ଚିଠି ଦେଇ ଚାଲି ଯାଉଥିବା ବେଳେ ଯୁବତୀ ଜଣକ ସେହି ସ୍ଥାନର ମାଟିରେ ପୋଷ୍ଟମ୍ୟାନ୍‌ର ପାଦଚିହ୍ନ ଦେଖିବାକୁ ପାଇଲା। ସେ ଏକ କାଗଜ ଖଣ୍ଡ ନେଇ ସେଥିରେ ପୋଷ୍ଟମ୍ୟାନର ପାଦ ଚିହ୍ନ ଫଟୋ ଆଙ୍କି ରଖିଲା। ତା'ପରେ ତାର ଚାକରାଣୀକୁ ସେହି ସାଇଜ୍‌ର ଚପଲ କିଣି ଆଣି ଦେବାକୁ ଟଙ୍କା ଦେଲେ। ଏହା ଭିତରେ ଦୁଇ ଜଣଙ୍କ ମଧ୍ୟରେ ଏକ ଆତ୍ମୀୟତା ଆସି ଯାଇଥିଲା। ପର୍ବ ପାଖେଇ ଆସିଲା, ଦିନେ ଡାକବାଲାଟି ସେ ରାସ୍ତା ଦେଇ ଯାଉଥିଲା । ଡାକବାଲା ଭାବିଲା ଯେତେବେଳେ ଏ ଆଡକୁ ଆସିଛି, ଝିଅଟିକୁ ଟିକେ ନିଶ୍ଚିତ ଦେଖିକରି ଯିବି। ସେ କବାଟ ଠକ୍ ଠକ୍ କଲା, ଭିତରୁ ସ୍ୱର ଶୁଭିଲା, କିଏ? ଡାକବାଲା ଉତ୍ତର ଦେଲେ। ମୁଁ ଡାକବାଲା... ଝିଅଟି ହାତରେ ଏକ ଉପହାର ପ୍ୟାକ୍ ଧରି ଆସି କହିଲା, କାକା... ଏହା ତୁମ ପାଇଁ ମୋ ତରଫରୁ ଏକ ଛୋଟିଆ ଉପହାର। ଡାକବାଲା କହିଲେ, ତୁ ମୋର ଝିଅ ପରି... ଝିଅଠାରୁ କିଏ କ'ଣ ଉପହାର ନେଇପାରେ...? ଝିଅଟି ବିନତୀ କରି କହିଲା.. ଏହାକୁ ମନା କର ନାହିଁ.. ମୁଁ ବଡ ଶ୍ରଦ୍ଧାରେ ଆଣିଛି... ଠିକ୍ ଅଛି... ଯଦି କହୁଛୁ ତେବେ ନେଇ ଯାଉଛି...।

ଏତିକି କହି ଡାକବାଲା ପ୍ୟାକେଟ୍‌ଟିକୁ ନେଇ ଚାଲି ଯାଇଥିଲେ। ଝିଅଟି କହିଲା, କାକା, ଏହି ପ୍ୟାକେଟ୍‌ଟିକୁ ନେଇ ଘରେ ଖୋଲିବେ। ଘରକୁ ଯାଇ ପ୍ୟାକେଟ୍‌ଟି ଖୋଲିବା ପରେ ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସେଥିରେ ଜୋତା ହଳଟିଏ ଥିଲା। ତାଙ୍କ ଆଖିରୁ ଅଜାଣତରେ ଲୁହ ଝରି ଆସିଥିଲା। ପରଦିନ ସେ ଅଫିସ୍‌କୁ ଯାଇ ବଦଳି ହେବାକୁ ପୋଷ୍ଟମାଷ୍ଟରଙ୍କୁ ଅନୁରୋଧ କରିଥିଲା। ପୋଷ୍ଟମାଷ୍ଟର ବଦଳି ହେବା ପାଇଁ ଇଚ୍ଛାର କାରଣ ପଚାରିଥିଲେ। ଡାକବାଲାଟି ଟେବୁଲ ଉପରେ ଜୋତା ହଳକ ରଖି ଭିଜା ଭିଜା ଆଖି ଲୁହରେ ପୂରା କାହାଣୀ କହିଥିଲେ। ଆଜିଠାରୁ ମୁଁ ସେହି ଜାଗାକୁ ଆଉ ଯାଇପାରିବି ନାହିଁ। କାରଣ ଗୋଡ ନଥିବା ଦିବ୍ୟାଙ୍ଗ ଝିଅଟି ମୋର ଖାଲି ପାଦକୁ ଦେଖି ସେ ମୋତେ ଉପହାର ସ୍ୱରୂପ ଜୋତା ହଳଟିଏ ଦେଇଥିଲା। କିନ୍ତୁ ତାର ପ୍ରତିବଦଳରେ ମୁଁ ତାକୁ ଗୋଡ଼ ଦେଇପାରୁନାହିଁ। ଯାହା ତା ପାଇଁ ଅତ୍ୟନ୍ତ ଦରକାର। ସେଥିପାଇଁ ଧିକ ମୋର ଜୀବନକୁ।



*ନୟାଗଡ଼*
*ଦୂରଭାଷ : ୯୪୩୭୯୮୫୮୬୬*

# ଭବାନୀପାଟଣା ଟାଉନ ହଲରେ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ



**କଳାହାଣ୍ଡି :** କଳାହାଣ୍ଡି ଜିଲ୍ଲା ଶିକ୍ଷା ବିଭାଗ, ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ୍ ୟୁଥ୍ ଅର୍ଗାନାଇଜେସନ୍ ମୁଣ୍ଡରାଗୁଡ଼ା ଓ ରୋଟାରୀ କ୍ଲବ୍ ଭବାନୀପାଟଣାର ମିଳିତ ଉଦ୍ୟମରେ ସିବିଏସଇ, ଆଇସିଏସଇ ଓ ସିଏଚଏସଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା କରିବା ପାଇଁ 'ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ-୨୦୨୫' ଭବାନୀପାଟଣା ଟାଉନ ହଲରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବ୍ ଅଧ୍ୟକ୍ଷ ଜୟରାମ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡ. ନିବେଦିତା ନାଥ, ସରକାରୀ ପଲିଟେକନିକ ଭବାନୀପାଟଣାର ଅଧ୍ୟକ୍ଷ ଅମୂଲ୍ୟ କୁମାର ପଣ୍ଡା, ସହକାରୀ କମିଶନର (ଜିଏସଟି) ସ୍ମୃତିରେଖା ବାଗ, ବିଶିଷ୍ଟ ଶିକ୍ଷାବିତ ଡ. ଉମେଶ ଶତପଥୀ, ସମାଜସେବୀ ଚିନ୍ମୟ ବେହେରା ଏବଂ ସଂଗଠନ ସଭାପତି ଗିରିଜା ପ୍ରସାଦ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଆୟୋଜନକୁ ସମସ୍ତେ ସ୍ୱାଗତଯୋଗ୍ୟ ଓ ପ୍ରଶଂସନୀୟ ବୋଲି ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମଟିକୁ ସୁସାହିତ୍ୟିକ ବିରଞ୍ଚି ନାରାୟଣ ମୁଣ୍ଡ ସଂଯୋଜନା କରିଥିବା ବେଳେ ସମାଜସେବୀ ହେମନ୍ତ କୁମାର ମୁଣ୍ଡ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲ୍ଲାର ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଜବାହର ନବୋଦୟ ବିଦ୍ୟାଳୟ, ନର୍ଲା, କେନ୍ଦ୍ରୀୟ ବିଦ୍ୟାଳୟ, ଭବାନୀପାଟଣା, ପ୍ରଗତି ଶିକ୍ଷାନୁଷ୍ଠାନ, ବିମଳା କନଭେଣ୍ଟ, ବିକାଶ ଶିକ୍ଷାନୁଷ୍ଠାନ ଏବଂ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନରୁ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ ଓ ପୁରସ୍କୃତ କରାଯାଇଥିଲା। ଚଳିତ ଶିକ୍ଷାବର୍ଷରେ ବିଭିନ୍ନ ବୋର୍ଡ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ପ୍ରଗତି ଶିକ୍ଷାନୁଷ୍ଠାନର ସମ୍ପାଦକ ଇଂ ଅଜୟ କୁମାର ପଣ୍ଡାଙ୍କୁ ମଧ୍ୟ ସମ୍ବର୍ଦ୍ଧନା କରାଯାଇଥିଲା। ଭାରତୀୟ ଷ୍ଟେଟ ବ୍ୟାଙ୍କ (ମୁଖ୍ୟ ଶାଖା, ଭବାନୀପାଟଣା), ବ୍ୟାଙ୍କ ଅଫ ଇଣ୍ଡିଆ, ବନ୍ଧନ ବ୍ୟାଙ୍କ, ଲକ୍ଷ୍ମୀ ପ୍ରିୟା ଜ୍ୱେଲର୍ସ ଆଦି ଅନୁଷ୍ଠାନ କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ପୁରସ୍କାର ଯୋଗାଇ ଦେଇଥିଲେ। କାର୍ଯ୍ୟକ୍ରମରେ ଡିପିଇଓ ରୂପସିଂ ରାଉତ, ଅଧ୍ୟାପକ ଶାନ୍ତନୁ କୁମାର ପରିଡ଼ା, ମୋହନ ଚରଣ ବିଷି, ଶିକ୍ଷକ ସୋମନାଥ ସାହୁ, ବୀରେନ୍ଦ୍ର ଆଚାର୍ଯ୍ୟ, ପ୍ରଶାନ୍ତ ନନ୍ଦ, ଯୁବ ସଂଗଠକ ଲଳିତ କୁମାର ବିଶି, ବେଦ ପ୍ରକାଶ ପଣ୍ଡା, ଦୁଷ୍ମନ୍ତ କୁମାର ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସଂଗଠନ ସମ୍ପାଦକ ଅବିନାଶ ମୁଣ୍ଡ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିବା ବେଳେ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ। ସଞ୍ଜୀବ କୁମାର ଠାକୁର ମାନପତ୍ର ପାଠ କରିଥିଲେ। ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷକ, କୃତୀ ଛାତ୍ରଛାତ୍ରୀଙ୍କ ଅଭିଭାବକ, ଶିକ୍ଷାପ୍ରେମୀ, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏହି ଉଦ୍ୟମକୁ ବିଭିନ୍ନ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଘରୋଇ ...

ବେପାର କରିବା କେତେଦୂର ଯଥାର୍ଥ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟ ଘରୋଇ ଦୁଗ୍ଧ ଉତ୍ପାଦନକାରୀ ସଂସ୍ଥା ଡିଲରଙ୍କୁ ସରକାରୀ ଜମି ଯୋଗାଇ ଦିଅନ୍ତି ନାହିଁ। ହେଲେ ସେମାନଙ୍କର ବେପାର ବୃଦ୍ଧି ପାଉଛି କିପରି ? ଅଥଚ ଓମ୍‌ଫେଡ ଲାଇସେନ୍ସ ନେଇ ଯେଉଁମାନେ ଓମ୍‌ଫେଡର ଉତ୍ପାଦ ବିକୁ ନାହାନ୍ତି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବା ଉଚିତ୍। ଯଦି ଓମ୍‌ଫେଡ଼ ବୁଥ ସରକାରୀ ଜମିରେ ରହିଛି ଏଥିରେ କେବଳ ଓମ୍‌ଫେଡ ଉତ୍ପାଦ ବିକ୍ରି ହେବା ଉଚିତ। କାରଣ ଓମ୍‌ଫେଡ ନାଁରେ ସେମାନେ ବିନା ଘର ଭଡାରେ ଦୋକାନ କରିଛନ୍ତି। ହେଲେ ସେଠାରେ ଓମ୍‌ଫେଡ ଉତ୍ପାଦ ଅପେକ୍ଷା ଅନ୍ୟ ବେପାର ଚାଲୁଛି। ଅଥଚ ଏନେଇ ଓମ୍‌ଫେଡ ପକ୍ଷରୁ କୌଣସି କଟକଣା ନଥିବାରୁ ଦୀର୍ଘବର୍ଷ ହେବ ଏଭଳି ବେଆଇନ କାର୍ଯ୍ୟ ଚାଲିଛି। କୌଣସି ଓମ୍‌ଫେଡ ବୁଥ କେବଳ ନିଜର ଉତ୍ପାଦ ବିକୁଥିବା ନଜିର ନାହିଁ। ଏନେଇ ରାଜ୍ୟ ସରକାର କିମ୍ବା ଓମ୍‌ଫେଡ କେହିହେଲେ ଗୋଟିଏ ବୁଥ କେତେ ଜମିରେ ରହିବ ଓ ସେଠାରେ କଣ କଣ ବିକ୍ରି ହେବ ତାହାର କୌଣସି ନିୟମ ନାହିଁ। ଆହୁରି ଏକ ବ୍ୟତିକ୍ରମ ହେଉଛି ଯେ, ଅଧିକାଂଶ ଓମ୍‌ଫେଡ ଦୋକାନର ମୂଳ ମାଲିକ ଦୋକାନ ଭଡା ଦେଇ ମାସକୁ ମାସ ମାତାଧିକ ଭଡା ଆଦାୟ କରୁଛନ୍ତି। ଏପରିକି ଜଣେ ଜଣେ ବ୍ୟକ୍ତି ଏକାଧିକ କ୍ୟାବିନ ପକାଇ ଓମ୍‌ଫେଡ ନାଁରେ ଭଡା ଦେଇ ଲକ୍ଷାଧିକ ଟଙ୍କା ଉପାର୍ଜନ କରୁଛନ୍ତି। ଏହାଦ୍ୱାରା ସରକାରୀ ଜମିର ଅସଦ୍‌ବ୍ୟବହାର ଏବଂ ଓମ୍‌ଫେଡ ସଂସ୍ଥା କ୍ଷତି ସହିବା ସାର ହେଉଛି। ଆଗକୁ ଏଭଳି ଚାଲିଲେ ଘରୋଇ ଦୁଗ୍ଧ ଉତ୍ପାଦନକାରୀ ସଂସ୍ଥା ଆଗକୁ ବଢ଼ିବେ ଏବଂ ଓମ୍‌ଫେଡ ଡୁବିଯିବାର ଆଶଙ୍କା ଦେଖାଦେଲାଣି।

### ପାଣ୍ଡିଆନମାର୍କା ...

ଯୁଗ୍ମ ସଚିବ ଭାବେ ନିଯୁକ୍ତି ମିଳିଛି। ସେ ଉକ୍ତ ପଦବୀରେ ୫ବର୍ଷ ଅବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ କାର୍ଯ୍ୟ କରିବେ ବୋଲି କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ରାଜ୍ୟରେ ୨୦୨୪ ଜୁନ୍ ମାସରେ ବିଜେପି ସରକାର କ୍ଷମତାକୁ ଆସିବାପରେ ଭିନିଲଙ୍କୁ ୨୦୨୪ ଜୁଲାଇ ୧୦ତାରିଖରେ କ୍ରୀଡ଼ା ବିଭାଗର ସଚିବ ପଦରୁ ହଟାଇ ଜମିଜମା ରେକର୍ଡ ଓ ବନ୍ଦୋବସ୍ତ କମିଶନର ଭଳି କମ୍ ଗୁରୁତ୍ୱ ବହନ କରୁଥିବା ପଦବୀରେ ଅବସ୍ଥାପିତ କରାଯାଇଥିଲା। ବିଜେଡି ଶାସନକାଳରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଓ ପାଣ୍ଡିଆନଙ୍କ ଖାସ୍ ଅନୁଗତ ଭାବେ ସେ ତୃତୀୟ ମହଲାର ତୃତୀୟ ପାୱାରଫୁଲ୍ ଅଫିସର ଥିଲେ। ୨୦୧୭ ଏପ୍ରିଲରୁ ୨୦୨୧ ଅଗଷ୍ଟ ପର୍ଯ୍ୟନ୍ତ ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ଓ ତା'ପରେ ସେହି ବିଭାଗର ସଚିବ ଭାବେ ବିଜେପି ସରକାର କ୍ଷମତାକୁ ଆସିବା ପର୍ଯ୍ୟନ୍ତ କାର୍ଯ୍ୟ କରୁଥିଲେ। ସେ ପାଣ୍ଡିଆନମାର୍କା ଅଫିସର ଭାବେ ଏକାଧିକ ବିଭାଗର ସୁପର ମିନିଷ୍ଟର ଭଳି ଦାୟିତ୍ୱ ତୁଲାଉଥିଲେ ବୋଲି ସେତେବେଳେ ଚର୍ଚ୍ଚା ହେଉଥିଲା। ଏହି ପାଣ୍ଡିଆନମାର୍କା ଅଫିସରମାନଙ୍କୁ କେନ୍ଦ୍ରୀୟ ଡେପୁଟେସନରୁ ପଠାଯିବା ପଛରେ ରାଜ୍ୟରେ ବିଜେପି ସରକାରର ଆବଶ୍ୟକତା ନା ବାଧ୍ୟବାଧକତା ବୋଲି ପ୍ରଶ୍ନ ଉଠିବାରେ ଲାଗିଛି। ଏହି ପାଣ୍ଡିଆନମାର୍କା ଅଫିସରମାନଙ୍କ ବିରୁଦ୍ଧରେ ସିଧାସଳଖ କୌଣସି ଦୁର୍ନୀତିର ଅଭିଯୋଗ ଆଣିବାରେ ବର୍ତ୍ତମାନର ବିଜେପି ସରକାର ବିଗତ ବର୍ଷକ ମଧ୍ୟରେ ସକ୍ଷମ ହୋଇପାରିନାହାନ୍ତି। ରାଜନୀତିକ ବିଶ୍ଳେଷକଙ୍କ ମତରେ, ବିଜେପି ସରକାର ରାଜ୍ୟରେ ପ୍ରଶାସନିକ ସଂସ୍କାର ଆଣିବାକୁ ଚାହୁଁଛନ୍ତି। ତେଣୁ ବିଜେପି ସରକାର ଜାଣିଶୁଣି ବିଜେଡି ଶାସନ କାଳରେ ପ୍ରଭାବଶାଳୀ ଥିବା ଅଫିସରମାନଙ୍କୁ କେନ୍ଦ୍ରୀୟ ଡେପୁଟେସନରେ ପଠାଇ ରାଜ୍ୟ ପ୍ରଶାସନରେ ନିଜର ନିୟନ୍ତ୍ରଣ ବଢ଼ାଇବାକୁ ଚେଷ୍ଟା କରୁଛନ୍ତି। ଏହା ଏକ ରାଜନୈତିକ ରଣନୀତି ହୋଇପାରେ, ଯାହା ଦ୍ୱାରା ବିଜେଡିର ପ୍ରଭାବକୁ କମାଇ ବିଜେପିର ନୀତି ଓ ଏଜେଣ୍ଡାକୁ ସହଜରେ କାର୍ଯ୍ୟକାରୀ କରାଯାଇପାରିବ। ଯଦିଓ ବିଜେପି ନେତାମାନେ ଏହାକୁ ପ୍ରଶାସନିକ ଆବଶ୍ୟକତା ଓ ଅଫିସରମାନଙ୍କ ବ୍ୟକ୍ତିଗତ ପସନ୍ଦ ବୋଲି ଦାବି କରୁଛନ୍ତି। ଢୋଲ ଭିତରେ ମୂଷାଙ୍କୁ ରଖି ସମ୍ପୂର୍ଣ୍ଣ ଢୋଲକୁ ନଷ୍ଟ କରିବାକୁ ବିଜେପି ଚାହୁଁନଥିବାରୁ ମୂଷାଙ୍କୁ ତଡ଼ିପାର କରାଯାଉଛି ବୋଲି ଦଳୀୟ ମହଲରେ ଚର୍ଚ୍ଚା ହେଉଛି।

### ମିଳିବ ୧୮୦ ...

ଅବଧି ୧୮୦ ଦିନରୁ କମ ରହିବ। ମାତୃତ୍ୱ ଛୁଟିରେ ଥିବା ସମୟରେ ଯଦି ଗର୍ଭପାତ ହୁଏ କିମ୍ବା ଜନ୍ମର ୨୮ ଦିନ ମଧ୍ୟରେ ଶିଶୁଟି ମରିଯାଏ ତାହେଲେ ଦୁର୍ଘଟଣା ହେବା ଦିନ ଠାରୁ ୪୨ ଦିନ ପର୍ଯ୍ୟନ୍ତ ମାତୃତ୍ୱ ଛୁଟିର ଅବଧି ରହିବ। ସେହିପରି ଶିଶୁମୃତ୍ୟୁ ଜନ୍ମର ୨୯ ଦିନରୁ ୧୨୦ ଦିନ ମଧ୍ୟରେ ଘଟିଲେ ସଂପୃକ୍ତ ମହିଳା ସରକାରୀ କର୍ମଚାରୀଙ୍କୁ ମାତ୍ର ୧୪ ଦିନ ପର୍ଯ୍ୟନ୍ତ ମିଳିବ ଛୁଟି। ପ୍ରଥମ ସନ୍ତାନ ପାଇଁ ଯେତେଥର ମାତୃତ୍ୱ ଛୁଟି ନେଇଥିଲେ ବି ଦ୍ୱିତୀୟ ଜୀବିତ ସନ୍ତାନ ରଖିବା ପାଇଁ ବାରମ୍ବାର ମାତୃତ୍ୱ ଛୁଟି ନେଇପାରିବେ। ମାତୃତ୍ୱ ଛୁଟିରେ ଥିବା ମହିଳା କର୍ମଚାରୀଙ୍କର ପଦୋନ୍ନତି ହେଲେ ସଂପୃକ୍ତ କର୍ମଚାରୀ ଉପରିସ୍ଥ ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଜଣାଇବେ। ଏହି ଛୁଟି ମହିଳା କର୍ମଚାରୀ ଏକକାଳୀନ କିମ୍ବା ବିଭିନ୍ନ ପର୍ଯ୍ୟାୟରେ ନେଇପାରିବେ। ମାତୃତ୍ୱ ଛୁଟି ପାଇବା ପାଇଁ ହେଲେ ଶିଶୁ ପ୍ରସବ ସରକାରୀ ସ୍ୱୀକୃତି ପ୍ରାପ୍ତ ଚିକିତ୍ସାଳୟରେ କରାଯିବା ଆବଶ୍ୟକ।

### ସଅଳ ଆସିଲା ...

ଯାଞ୍ଚ କରିଥାନ୍ତି ଓ ଦେଶକୁ ମୌସୁମୀର ପ୍ରବେଶ ଘୋଷଣା କରନ୍ତି। ପ୍ରଥମତଃ ପାଣିପାଗ ବିଭାଗ କେରଳ ଓ ଏହା ଆଖପାଖର ୧୪ଟି ପାଣିପାଗ କେନ୍ଦ୍ର ମଧ୍ୟରୁ ୬୦ ପ୍ରତିଶତରେ ଲଗାତାର ଦୁଇ ଦିନ ପର୍ଯ୍ୟନ୍ତ ୨.୫ ମିଲିମିଟର ବର୍ଷା ରେକର୍ଡରୁ ହୋଇଥାଏ। ଏହା ସହିତ ପଶ୍ଚିମା ବାୟୁ ୧୫ରୁ ୨୦ ନଟ ବେଗରେ ବହିବା ଆବଶ୍ୟକ। ଏହା ଛଡା ଏକ ଖାସ ଅଞ୍ଚଳରେ ଆଉଟ ଗୋଇଙ୍ଗ ଲଙ୍ଗ ୱେଭ ରେଡିଏସନ (ଓଏଲଆର) ୨୦୦ ଡବ୍ଲ୍ୟୁ/ଏମ୍[2] ହୋଇଥିବା ଆବଶ୍ୟକ। ତେବେ ଭାରତରେ ମୌସୁମୀ ବର୍ଷା ଲାଗି ଦୁଇଟି ପରିସ୍ଥିତି (ପ୍ୟାଟର୍ଣ୍ଣ) ଦାୟୀ ହୋଇଥାଏ। ଏଥିରୁ ଗୋଟିଏ ଏଲ ନିନୋ ହୋଇଥିବା ବେଳେ ଅନ୍ୟଟି ଲା ନିନା। ଏଲ ନିନୋରେ ସମୁଦ୍ର ପୃଷ୍ଠର ତାପମାତ୍ରା ୩ରୁ ୪ ଡିଗ୍ରି ବଢିଯାଇଥାଏ। ସାଧରଣତଃ ଏପରି ସ୍ଥିତି ୧୦ ବର୍ଷରେ ଦୁଇଥର ଦେଖା ଦେଇଥାଏ। ଏହାର ପ୍ରଭାବରେ ଅଧିକ ବର୍ଷା ହେଉଥିବା ସ୍ଥାନରେ କମ ବର୍ଷା ଓ କମ ବର୍ଷା ହେଉଥିବା ସ୍ଥାନରେ ଅଧିକ ବର୍ଷା କରାଇଥାଏ। ଅନ୍ୟପଟେ ଲା ନିନାରେ ସମୁଦ୍ର ପାଣି ଶିତଳ ହେବା ସହ ବିଶ୍ୱର ପାଣି ପାଗ ଉପରେ ସକରାତ୍ମକ ପ୍ରଭାବ ପକାଇଥାଏ। ଏହା ଦ୍ୱାରା ବାଦଲ ଛାଇବା ସହିତ ଭଲ ବର୍ଷା ହୋଇଥାଏ। ଚଳିତବର୍ଷ ବାୟୁମଣ୍ଡଳୀୟ ଓ ସାମୁଦ୍ରିକ କାରଣ ସାଙ୍ଗକୁ ସ୍ଥାନୀୟ କାରକ ଯୋଗୁ ମୌସୁମୀ ସଅଳ ଆସିଛି। ଏ ବର୍ଷ ମୌସୁମୀ ମେ ୧୩ ତାରିଖ ସୁଦ୍ଧା ଆଣ୍ଡାମାନ ସାଗର ଓ ଏହାର ଆଖପାଖ ଅଞ୍ଚଳକୁ ପହଞ୍ଚି ସାରିଥିଲା। ତେବେ ଏହା ମେ ୨୧ ବେଳକୁ ପହଞ୍ଚିବା କଥା। ପାଣିପାଗ ବିଭାଗ ମୌସୁମୀ ଶୀଘ୍ର ଆସିବାର ଯେଉଁ କାରକ ବୋଲି ଅନୁମାନ କରିଛି ଏଥିରେ ଏହି ସବୁ କାରଣ ରହିଛି।

### ଗୋଟିଏ ...

ଆୟୋଜନ କରିବା ସମ୍ପର୍କିତ ଏକ ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ କରି ଦାୟର ହୋଇଥିବା ଏକ ଆବେଦନ ଉପରେ ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଏହି ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଦୁଇଟି ସିଫ୍ଟରେ ପରୀକ୍ଷା ଆୟୋଜନ ଅନିୟମିତତା ସୃଷ୍ଟି କରୁଛି ଏବଂ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ)କୁ ଗୋଟିଏ ସିଫ୍ଟରେ ପରୀକ୍ଷା ଆୟୋଜନ ପାଇଁ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିଟ୍-ପିଜି ପରୀକ୍ଷା ୧୫ ଜୁନରେ ଆୟୋଜିତ ହେବାକୁ ନିର୍ଦ୍ଧାରିତ ହୋଇଛି। ଦୁଇଟି ପ୍ରଶ୍ନପତ୍ର କେବେ ବି ଅଭିନ୍ନ ଅସୁବିଧା କିମ୍ବା ସହଜତା ସ୍ତରରେ ଥାଏ ବୋଲି କୁହାଯାଇପାରିବ ନାହିଁ ବୋଲି ମୁଖ୍ୟ ବିଚାରପତି ବି ଆର ଗଭାଇ ଏବଂ ବିଚାରପତି ଅଗଷ୍ଟିନ ଜର୍ଜ ମସିହଙ୍କୁ ନେଇ ଗଠିତ ଖଣ୍ଡପୀଠ ରାୟ ଦେଇ କହିଛନ୍ତି। ଏନଟିଏକୁ ପରୀକ୍ଷା ଆୟୋଜନରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ସୁନିଶ୍ଚିତ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କମ୍ପ୍ୟୁଟର ଆଧାରିତ ଏହି ପରୀକ୍ଷାର ଫଳାଫଳ ୧୫ ଜୁଲାଇରେ ଘୋଷଣା ହେବାର ଆଶା କରାଯାଉଛି। ଖଣ୍ଡପୀଠ ଗତ ୫ ମଇରେ ଏହି ଆବେଦନ ଉପରେ ଜାତୀୟ ପରୀକ୍ଷା ବୋର୍ଡ (ଏନବିଇ), ଜାତୀୟ ଚିକିତ୍ସା ଆୟୋଗ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟଙ୍କଠାରୁ ଜବାବ ମାଗିଥିଲେ। ସମ୍ପ୍ରତି, ସର୍ବୋଚ୍ଚ ଅଦାଲତ ନିଟ୍-ପିଜି କାଉନସେଲିଂରେ ସିଟ୍ ଅବରୋଧକୁ ରୋକିବା ପାଇଁ ଏକାଧିକ ନିର୍ଦ୍ଦେଶ ଜାରି କରିଥିଲେ ଏବଂ ପରୀକ୍ଷାର ପ୍ରାଥମିକ ସ୍କୋର, ଉତ୍ତର କୀ ଏବଂ ନର୍ମାଲାଇଜେସନ ଫର୍ମୁଲା ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନିଟ୍-ପିଜି ପରୀକ୍ଷାକୁ ଦୁଇଟି ସିଫ୍ଟରେ ଆୟୋଜନ କରିବାକୁ ଚ୍ୟାଲେଞ୍ଜ କରି ଦାୟର ହୋଇଥିବା ଆବେଦନରେ କୁହାଯାଇଛି ଯେ ଏହା ସିଫ୍ଟ ମଧ୍ୟରେ ଅସୁବିଧା ସ୍ତରର ଭିନ୍ନତା ଯୋଗୁଁ ଅନ୍ୟାୟର ସମ୍ଭାବନା ସୃଷ୍ଟି କରୁଛି। ଏହି ଆବେଦନ ଆଦିତି ଏବଂ ଅନ୍ୟମାନଙ୍କ ଦ୍ୱାରା ଦାୟର କରାଯାଇଥିଲା।

### ପ୍ୟାକେଜିଂ ...

ବିଷୟରେ ଏକ ଭୁଲ ଧାରଣା ଦେଇପାରେ ବୋଲି ଏଫଏସଏଆଇ କହିଛି। ଏପରି ଭାଷା, ଯଦିଓ ମାର୍କେଟିଂରେ ଆକର୍ଷଣୀୟ ବିନ୍ଦୁ ତେବେ ଉଫଏସଏଓ ନିୟମାବଳୀର ବୈଧାନିକ ଆବଶ୍ୟକତା ସହିତ ଏହା ମେଳ ଖାଉ ନାହିଁ ବୋଲି କର୍ତ୍ତୃପକ୍ଷ କହିଛନ୍ତି। ଜାରି ହୋଇଥିବା ଉପଦେଶ ନାମାରେ ଚେତାବନୀ ଦେଇ କୁହାଯାଇଛି ଯେ ଯଦି ଏହି ଶବ୍ଦଟି ନିର୍ଦ୍ଦିଷ୍ଟ ଭାବରେ ପରିଭାଷିତ ନହୁଏ ତେବେ ଥିବା ଆଇନ ଅନୁଯାୟୀ ପ୍ରମାଣ ଦ୍ୱାରା ସମର୍ଥିତ ନହୁଏ ତେବେ '୧୦୦%' ବ୍ୟବହାର କରିବା ମିଥ୍ୟା ବିଜ୍ଞାପନ ହୋଇପାରେ। ଏଫ୍ଏସ୍ଏସ୍ଏଆଇ ଖାଦ୍ୟ ସୁରକ୍ଷା ଏବଂ ମାନକ (ବିଜ୍ଞାପନ ଏବଂ ଦାବି) ନିୟମାବଳୀ, ୨୦୧୮ ରୁ ଦୁଇଟି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ଗ୍ରହଣ କରିଛି। ଗୋଟିଏ ହେଲା- ସବ-ରେଗୁଲେସନ ୪(୧), ଯାହା ଦର୍ଶାଏ ଯେ ଖାଦ୍ୟ ଲେବଲ୍ କିମ୍ବା ବିଜ୍ଞାପନ ଉପରେ କରାଯାଇଥିବା ସମସ୍ତ ଦାବି ସତ୍ୟ, ସ୍ପଷ୍ଟ, ଭ୍ରାମକ ନୁହେଁ ଏବଂ ଗ୍ରାହକମାନଙ୍କୁ ସୂଚନାଭିତ୍ତିକ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବା ଉଚିତ। ସେହିପରି ସବ-ରେଗୁଲେସନ ୧୦(୭): ଅନ୍ୟ ଉତ୍ପାଦଗୁଡ଼ିକର ମାନକୁ ଖରାପ କରି ଦେଖାଉଥିବା କିମ୍ବା ଗ୍ରାହକଙ୍କ ଧାରଣାକୁ ଭୁଲ୍ କରୁଥିବା ଯେକୌଣସି ଦାବି କିମ୍ବା ବିଜ୍ଞାପନକୁ ନିଷେଧ କରେ। ତେଣୁ ଯେ କୌଣସି ସଂଖ୍ୟାତ୍ମକ କିମ୍ବା ସମ୍ପୂର୍ଣ୍ଣ ଶବ୍ଦ, ବିଶେଷକରି କୌଣସି ପରିଭାଷା ନ ଦେଇ, ଅସ୍ପଷ୍ଟତା ଆଣେ ତେବେ ଏହା ଏହି ବ୍ୟବସ୍ଥାଗୁଡ଼ିକୁ ଉଲ୍ଲଂଘନ କରେ ବୋଲି ଏଫ୍ଏସ୍ଏସ୍ଏଆଇ ଗୁରୁତ୍ୱାରୋପ କରିଛି।

### ପାକିସ୍ତାନକୁ ...

ଏହି ବିକାଶମୂଳକ କାର୍ଯ୍ୟକ୍ରମ ୨୪ ଏପ୍ରିଲରେ କାନପୁରରେ ଅନୁଷ୍ଠିତ ହେବାର ଥିଲା କିନ୍ତୁ ପହଲଗାମ ଆକ୍ରମଣ ଯୋଗୁଁ ମୋତେ ମୋର କାନପୁର ଗସ୍ତ ବାତିଲ କରିବାକୁ ପଡିଲା। ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ଆମର କାନପୁର ପୁଅ ଶୁଭମ ଦ୍ୱିବେଦୀ ମଧ୍ୟ ଏହି ବର୍ବରତାର ଶିକାର ହୋଇଥିଲେ। ଆମେ ସମସ୍ତେ ଝିଅ ଐଶନ୍ୟା ଦ୍ୱିବେଦୀଙ୍କ ଯନ୍ତ୍ରଣା, ଏବଂ କ୍ରୋଧକୁ ଅନୁଭବ କରିପାରିବା। ସମଗ୍ର ବିଶ୍ୱ ଅପରେସନ ସିନ୍ଦୂର ରୂପରେ ଆମ ଭଉଣୀମାନଙ୍କ କ୍ରୋଧ ଦେଖିଛି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଆମ ସେନା ଏପରି ବୀରତ୍ୱ ଦେଖାଇଲା ଯେ ପାକିସ୍ତାନୀ ସେନା ଯୁଦ୍ଧ ବନ୍ଦ କରିବାକୁ ଭିକ୍ଷା ମାଗିବାକୁ ବାଧ୍ୟ ହେଲା। ସ୍ୱାଧୀନତା ସଂଗ୍ରାମର ଏହି ଭୂମିରୁ, ମୁଁ ସେନାର ଏହି ବୀରତ୍ୱକୁ ବାରମ୍ବାର ସଲାମ କରୁଛି। ଅପରେସନ ସିନ୍ଦୂର ଏପର୍ଯ୍ୟନ୍ତ ଶେଷ ହୋଇନାହିଁ। କାନପୁରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ ଗୋଟିଏ ସମୟ ଥିଲା ଯେତେବେଳେ ଭାରତ ସାମରିକ ଆବଶ୍ୟକତା ପାଇଁ ପ୍ରତିରକ୍ଷା ପାଇଁ ଅନ୍ୟ ଦେଶ ଉପରେ ନିର୍ଭର କରୁଥିଲା। କିନ୍ତୁ ଆଜି ଆମେ ପରିବର୍ତ୍ତନ ପଥ ବାଛିଛୁ। ଆମ ଅର୍ଥନୀତି ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଯେ ଭାରତ ତାର ପ୍ରତିରକ୍ଷା ଆବଶ୍ୟକତା ପାଇଁ ଆତ୍ମନିର୍ଭରଶୀଳ ହେବା ଉଚିତ। ଏହା ଦେଶର ସ୍ୱାଭିମାନ। ସେଥିପାଇଁ ଆମେ ଦେଶକୁ ସେହି ନିର୍ଭରଶୀଳତାରୁ ମୁକ୍ତ କରିବା ପାଇଁ ଆତ୍ମନିର୍ଭରଶୀଳ ଭାରତ ଅଭିଯାନ ଆରମ୍ଭ କରିଛୁ। କାନପୁରର ଚକେରୀ ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପହଲଗାମ ଆକ୍ରମଣରେ ସହିଦ ହୋଇଥିବା ଶୁଭମ ଦ୍ୱିବେଦୀଙ୍କ ପରିବାର ସଦସ୍ୟଙ୍କୁ ଭେଟିଥିଲେ। ଏହା ପରେ, ପ୍ରଧାନମନ୍ତ୍ରୀ ମୋଦୀ କାର୍ଯ୍ୟକ୍ରମରେ ପହଞ୍ଚି ୪୭ ହଜାର କୋଟି ଟଙ୍କାର ବିକାଶ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିଥିଲେ।

### ଅଭିବୃଦ୍ଧି ...

ଆର୍ଥିକ ବର୍ଷର ଜିଡିପି ସଂଖ୍ୟା ୪ ବର୍ଷ ମଧ୍ୟରେ କମ ରହିଛି କିନ୍ତୁ ଶେଷ କ୍ୱାର୍ଟରର ଚିତ୍ର ନୂଆ ଉତ୍ସାହ ଭରିଛି। କ୍ୱାର୍ଟର ୪ ବା ମାର୍ଚ୍ଚ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ୭.୪% ରହିଛି। ଏହା ପୂରା ବର୍ଷର ସମସ୍ତ ୪ କ୍ୱାର୍ଟର ମଧ୍ୟରେ ସବୁଠାରୁ ଅଧିକ। ତୃତୀୟ କ୍ୱାର୍ଟରରେ ଅଭିବୃଦ୍ଧି ହାର ୫.୬% ରହିବ ବୋଲି ଆକଳନ କରାଯାଇଥିଲା। କିନ୍ତୁ ଏହା ୬.୨% ରହିଛି। କୋଟାକ ମହିନ୍ଦ୍ରା ବ୍ୟାଙ୍କର ମୁଖ୍ୟ ଅର୍ଥନୀତିଜ୍ଞ ଉପାସନା ଭରଦ୍ୱାଜ କହିଛନ୍ତି, କ୍ୱାର୍ଟର ୪ର ଜିଡିପି ସଂଖ୍ୟା ଆମ ଆଶା ଠାରୁ ସାମାନ୍ୟ ଅଧିକ। କିନ୍ତୁ ମୋଟାମୋଟି ସରକାର ପ୍ରାରମ୍ଭିକ ଆକଳନ ଯାହା ଥିଲା, ଏବେ ସେଇଆ ହୋଇଛି। ଘରୋଇ ଖର୍ଚ୍ଚ ଗୋଟିଏ ବର୍ଷରେ ୭.୨% ବୃଦ୍ଧି ପାଇଛି। ପୂର୍ବ ଆର୍ଥିକ ବର୍ଷରେ ଏହା ୬.୬% ରହିଥିଲା। ଗ୍ରାମାଞ୍ଚଳରେ ଖର୍ଚ୍ଚର ଚାହିଦା ବଢ଼ିବାରୁ ଏପରି ସ୍ଥିତି ଦେଖାଯାଇଛି। ଏହାକୁ ଖାଦ୍ୟ ସମାଗ୍ରୀର ଦର ହ୍ରାସ ଓ ପାର୍ବଣ ଋତୁରେ ଖର୍ଚ୍ଚ ବୃଦ୍ଧି ସହାୟତା କରିଛି। କୃଷି କ୍ଷେତ୍ରର ଅଭିବୃଦ୍ଧି ୨୦୨୪-୨୫ ଆର୍ଥିକ ବର୍ଷରେ ୪.୬% ରହିଛି। ପୂର୍ବ ବର୍ଷ ତୁଳନାରେ ଏହି କ୍ଷେତ୍ରରେ ଅଭିବୃଦ୍ଧି ହାର ୨.୭% ଅଧିକ। କ୍ୱାର୍ଟର ୪ରେ ଏହି କ୍ଷେତ୍ରରେ ୫.୪% ଅଭିବୃଦ୍ଧି ଦେଖାଯାଇଛି। ଗୋଟିଏ ବର୍ଷ ତଳେ ସମାନ କ୍ୱାର୍ଟରରେ କୃଷି ଅଭିବୃଦ୍ଧି ହାର ମାତ୍ର ୦.୯% ରହିଥିଲା। ନିର୍ମାଣ କ୍ଷେତ୍ରର ଅଭିବୃଦ୍ଧି ହାର ୯.୪% ରହିଥିବା ବେଳେ ଏହା ପୂର୍ବ ବର୍ଷର ୧୦.୪% ଅଭିବୃଦ୍ଧି ଠାରୁ କମ। କିନ୍ତୁ ୪ର୍ଥ କ୍ୱାର୍ଟରରେ ଏହି ସେକ୍ଟରରେ ଅଭିବୃଦ୍ଧି ୧୦.୮% ରହିଛି। ୨୦୨୩-୨୪ର ଶେଷ କ୍ୱାର୍ଟରରେ ନିର୍ମାଣ ଶିଳ୍ପର ଅଭବୃଦ୍ଧି ହାର ୮.୭% ରହିଥିଲା। ଉତ୍ପାଦନ କ୍ଷେତ୍ରର ଅଭିବୃଦ୍ଧି ହାର ୪,୫% ରହିଛି। ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଏହା ଯଥେଷ୍ଟ କମ। ଗତବର୍ଷ ଉତ୍ପାଦନ କ୍ଷେତ୍ରର ଅଭିବୃଦ୍ଧି ହାର ୧୨.୩% ରହିଥିଲା।

### 'ବିକଶିତ ...

ସୁଭଦ୍ରା ଭଳି ଯୋଜନା ଯୋଗୁଁ ରାଜ୍ୟର ଅନେକ ମହିଳା ଲାଭାନ୍ୱିତ। ମହିଳାଙ୍କର ସଶକ୍ତିକରଣ କଥା ହେଉ ଅବା କୃଷିର ଭିତ୍ତିଭୂମି ବିକାଶ, ସବୁଥିରେ ଓଡ଼ିଶା ସାରା ବିଶ୍ୱରେ ଦୃଷ୍ଟାନ୍ତ ହେବ, ଏହା ଆମର ବିଶ୍ୱାସ ବୋଲି କେନ୍ଦ୍ର କୃଷି ମନ୍ତ୍ରୀ କହିଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ମନ୍ତ୍ରୀ, କନକ ବର୍ଦ୍ଧନ ସିଂହ ଦେଓ କହିଥିଲେ ଯେ, 'ବିକଶିତ କୃଷି ସଂକଳ୍ପ ଅଭିଯାନ' ଏକ ସ୍ୱତନ୍ତ୍ର ମାଧ୍ୟମ, କୃଷକ ମାନଙ୍କୁ ଯାନ୍ତ୍ରିକ ସଶକ୍ତ କରାଇବା ପାଇଁ। ଏହି ଅଭିଯାନ, ଓଡିଶାରୁ ଆରମ୍ଭ ହେଉଛି ଏବଂ ଏହାର ଉପଲବ୍ଧତା ଓଡ଼ିଶାର କୃଷକଙ୍କ ନିକଟରେ ପହଞ୍ଚିବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଶ୍ରୀ ଓଁ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପ୍ରମୁଖ ଶାସନ ସଚିବ, କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ, ଡକ୍ଟର ଅରବିନ୍ଦ କୁମାର ପାଢ଼ୀ ଏବଂ ଓୟୁଏଟିର କୁଳପତି, ପ୍ରଫେସର୍ ପ୍ରଭାତ କୁମାର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ଭାରତ ସରକାରଙ୍କ କୃଷି ଗବେଷଣା ଓ ଶିକ୍ଷା ବିଭାଗର ସଚିବ ତଥା ଭାରତୀୟ କୃଷି ଗବେଷଣା ପରିଷଦର ମହାନିର୍ଦ୍ଦେଶକ ଡକ୍ଟର ମଙ୍ଗିଲାଲ୍ ଜାଟ୍ ସ୍ୱାଗତ ଭାଷଣ ଦେଇଥିବା ବେଳେ କୃଷି ବିଭାଗ ନିର୍ଦ୍ଦେଶକ ଶୁଭମ ସକ୍ସେନା ଧନ୍ୟବାଦ ଦେଇଥିଲେ।

## ସମସାମୟିକ ଭାସ୍କର୍ଯ୍ୟ କଳା ଶିବିର ଉଦ୍‌ଯାପିତ

# ୯ ଜଣ ଶିଳ୍ପୀଙ୍କ ସମସାମୟିକ କାଠ ଖୋଦେଇ ଭାସ୍କର୍ଯ୍ୟ ପ୍ରଦର୍ଶିତ



**ଭୁବନେଶ୍ୱର :** ଶାନ୍ତିସ୍ତୁପ ଧଉଳି ଠାରେ ଧଉଳି ଚାରୁକଳା ମହାବିଦ୍ୟାଳୟର ଶିଳ୍ପୀ ଛାତ୍ର ଛାତ୍ରୀଙ୍କ ଦ୍ୱାରା ଚାଲିଥିବା ୮ଦିନିଆ ସମସାମୟିକ କାଠ ଖୋଦେଇ ଭାସ୍କର୍ଯ୍ୟ କଳା ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ମହାବିଦ୍ୟାଳୟର ସମ୍ପାଦକ ରବିଶଙ୍କର ଦାସ ଏହାର ପ୍ରଦର୍ଶନୀକୁ ଉଦ୍ଘାଟନ କରିବା ସହିତ ଭାସ୍କର୍ଯ୍ୟ ଗୁଡ଼ିକୁ ବୁଲି ଦେଖିଥିଲେ ଓ ଶିଳ୍ପୀଙ୍କ କଳାକୃତିର ଭୂୟସୀ ପ୍ରଶଂସା କରିଥିଲେ। ମହାବିଦ୍ୟାଳୟର ଶିଳ୍ପୀ ଛାତ୍ରଛାତ୍ରୀ ମାନେ ଆଗାମୀ ଦିନରେ ନିଜର ନିରବଚ୍ଛିନ୍ନ କଳା ଯାତ୍ରା ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ, ଚିତ୍ରଶିଳ୍ପୀ ଡ଼. ପଞ୍ଚାନନ ସାମଲ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଏଭଳି ଉଦ୍ୟମକୁ ସାଧୁବାଦ ଜଣାଇଥିଲେ ଓ କାଠ ଖୋଦେଇ ଭାସ୍କର୍ଯ୍ୟକୁ ଆଗାମୀ ଦିନରେ ଆହୁରି ବଳିଷ୍ଠ କରିବାପାଇଁ ପରାମର୍ଶ ଦେଇଥିଲେ। ପ୍ରଦର୍ଶନୀରେ ସୁବ୍ରତ ମୁଦୁଲି, ଆର୍ଯ୍ୟାନ୍ ସାମଲ, ଲିପ୍ସା ପ୍ରଧାନ, ସୋନାଲି ନାୟକ, ବୃନ୍ଦାବନ ପଣ୍ଡା, ସୁମିତ୍ କୁମାର ଦାସ, ଦେବରାଜ ମହାରଣା, ପ୍ରତିଭା ବେହେରା ଓ ରିତେଶ ସାହୁ ପ୍ରମୁଖଙ୍କ ନିଜନିଜ ବିଷୟବସ୍ତୁର ଅଲଗା ଅଲଗା ଶୈଳୀରେ ଆଧୁନିକ ଭାସ୍କର୍ଯ୍ୟ ଦର୍ଶକଙ୍କ ମନ ମୁଗ୍ଧ କରିଥିଲା। ପ୍ରାରମ୍ଭରେ ଅଧ୍ୟାପକ ଚନ୍ଦନ କୁମାର ସାମଲ ଅତିଥି ମାନଙ୍କ ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ପ୍ରଦର୍ଶନୀ ଅବସରରେ ଚିତ୍ର ଶିଳ୍ପୀ ଓ କଳା ଅନୁରାଗୀ ତଥା ଛାତ୍ରଛାତ୍ରୀମାନେ ଭାସ୍କର୍ଯ୍ୟ ଗୁଡ଼ିକ ବୁଲି ଦେଖିଥିଲେ।

# ରାକେଶ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସାଂସଦ ପ୍ରତିନିଧି



**ଅସ୍ତରଙ୍ଗ :** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ପାଟଳଦା ପଞ୍ଚାୟତର ବିଜେପି ଯୁବ ସଂଗଠକ ରାକେଶ ବିଶ୍ୱାଳ। ସେ ଜଣେ ବିଜେପିର ସକ୍ରିୟ କାର୍ଯ୍ୟକର୍ତ୍ତା ଭାବେ ବେସ୍ ପରିଚିତ। ତାଙ୍କର କାର୍ଯ୍ୟଦକ୍ଷତା ପାଇଁ ବିଜେପି ଦଳ ପୁରୀ ଜିଲ୍ଲା ଯୁବ ମୋର୍ଚ୍ଚା ର ସମ୍ପାଦକ ଭାବେ ନିଯୁକ୍ତି କରିଅଛି। ଯୁବକ ମାନଙ୍କ ମଧ୍ୟରେ ସମୋନ୍ନୟ ରକ୍ଷା କରି ଯୁବ ସଂଗଠନକୁ ଜିଲ୍ଲାରେ ପ୍ରତିନିଧିତ୍ୱ କରୁଛନ୍ତି। ଜଗତସିଂହପୁର ସାଂସଦ ଡ଼ଃ ବିଭୂପ୍ରସାଦ ତରାଇ ଶ୍ରୀଯୁକ୍ତ ବିଶ୍ୱାଳଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସାଂସଦ ପ୍ରତିନିଧି ଭାବେ ନିଯୁକ୍ତ କରିଛନ୍ତି। ଏହି ନିଯୁକ୍ତ କୁ ସାଂସଦ ଡ଼ଃ ବିଭୂପ୍ରସାଦ ତରାଇ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଶ୍ରୀଯୁକ୍ତ ବିଶ୍ୱାଳ କୃତଜ୍ଞତା ଜଣାଇଛନ୍ତି।

# ପୀର ଜାହାନିଆଁଙ୍କୁ ଏସି ବସ୍ ଚଳାଇବାକୁ କଂଗ୍ରେସର ଦାବିପତ୍ର

**ଅସ୍ତରଙ୍ଗ:** ପୁରୀଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ପୀର୍ ଜାହାନିଆଁ ପର୍ଯ୍ୟଟନ ସ୍ଥଳ ଭାବେ ଓଡିଶା ପର୍ଯ୍ୟଟନ ମାନଚିତ୍ରରେ ଯୋଡି ହୋଇଯାଇଛି। ଏଠାକାର ବିସ୍ତିର୍ଣ୍ଣ ବେଳାଭୂମି, ମନୋରମ ଦୃଶ୍ୟ ତଥା ପ୍ରକୃତି ଜାତ ହେନ୍ତାଳ ବନ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଏଠାକୁ ଓଡିଶାର ବହୁ ସ୍ଥାନରୁ ପର୍ଯ୍ୟଟନ ଆସିଥାନ୍ତି। ଏହା ଅସ୍ତରଙ୍ଗ ଠାରୁ ଛଅ କିଲୋମିଟର ଅଟେ। ତେଣୁ ପର୍ଯ୍ୟଟକ, ସାଧାରଣ ଯାତ୍ରୀ ଓ ଶ୍ରଦ୍ଧାଳୁ ଭକ୍ତ ମାନଙ୍କ ସୁବିଧା ଦୃଷ୍ଟିରୁ ପୀର୍ ଜାହାନିଆଁକୁ ସରକାରୀ ବସ୍ ଚଳା ଚଳ କଲେ ସରକାର ରାଜସ୍ୱ ବୃଦ୍ଧି ହେବାସହ ସାଧାରଣ ଲୋକ ଉପକୃତ ହେବେ ବୋଲି ଭାରତୀୟ ଜାତୀୟ କଂଗ୍ରେସ ସଦସ୍ୟ, ପ୍ରଦେଶ କୃଷକ ସେଲ୍‌ର ଅଧକ୍ଷ ତଥା କାକଟପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ଅମିୟ କୁମାର ପଟ୍ଟନାୟକ ଆଜି ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନା ଓ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କୁ ପୃଥକ ପୃଥକ ଭାବେ ପର୍ଯ୍ୟଟକଙ୍କ ସୁବିଧା ଦୃଷ୍ଟିରୁ ବସ୍ ଚଳା ଚଳ ପାଇଁ ଦାବିପତ୍ର ଦେଇଛନ୍ତି। ଶ୍ରୀଯୁକ୍ତ ପଟ୍ଟନାୟକଙ୍କ ଦାବିକୁ ସମର୍ଥନ କରି ପୀର୍ ଜାହାନିଆଁ ବ୍ୟବସାୟୀ ସଂଘ ସଭାପତି ବୃନ୍ଦାବନ ବିଶ୍ୱାଳ ତଥା ସମସ୍ତ ସଦସ୍ୟ ସ୍ୱାଗତ କରିଛନ୍ତି।

# ନବରଙ୍ଗପୁରରେ ମାସିକ ସ୍ୱଚ୍ଛତା ଦିବସ ପାଳନ

**ନବରଙ୍ଗପୁର :** ମାସିକ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ସମ୍ପର୍କରେ ସଚେତନତା ବଢାଇବା ଉଦ୍ଦେଶ୍ୟରେ ଏକ ବିଶେଷ କାର୍ଯ୍ୟକ୍ରମ ନବରଙ୍ଗପୁର ଜିଲ୍ଲାରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଦୁର୍ଗମ ଓ ଜନଜାତିଆ ଅଞ୍ଚଳର ସଂବେଦନଶୀଳ କିଶୋରୀମାନେ ମାସିକ ଅବସ୍ଥା ସମ୍ପର୍କରେ ସଚେତନ ଓ ଶିକ୍ଷିତ ହେବେ, ଏବଂ ମାସିକ ନେଇ ରହିଥିବା ନିର୍ବାତ ତର୍କକୁ ଭାଙ୍ଗିବେ। ପିରାମଲ ଫାଉଣ୍ଡେସନ/ଆଇସିଡିଏସ/ସ୍ୱାସ୍ଥ୍ୟ ବିଭାଗଙ୍କ ସଂଯୁକ୍ତ ପ୍ରୟାସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୦୦ରୁ ଅଧିକ କିଶୋରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସୁସ୍ଥ ଭାବେ ସାନିଟାରି ପ୍ୟାଡ୍ ବ୍ୟବହାର ଓ ତାହାର ନିଷ୍କାସନ, ମାସିକ ଅବସ୍ଥାରେ ପୋଷଣର ଗୁରୁତ୍ୱ, ଓ ମିଥ୍ୟା ଧାରଣା ଓ ଅନ୍ଧ ବିଶ୍ୱାସ ବିଷୟରେ ବ୍ୟାପକ ଭାବେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଆକର୍ଷଣ ଥିଲା–ମାସିକ ସ୍ୱାସ୍ଥ୍ୟ ଉପରେ କୁଇଜ୍, ପ୍ରଶ୍ନୋତ୍ତର, ଗୋଷ୍ଠୀ ଆଲୋଚନା, ଓ ସାନିଟାରି ପ୍ୟାଡ୍ ବ୍ୟବହାର ବିଷୟରେ ପ୍ରାୟୋଗିକ ଡେମୋନଷ୍ଟ୍ରେସନ। ପିରାମଲ ଫାଉଣ୍ଡେସନର କର୍ମଚାରୀ ଏବଂ ଆଇସିଡିଏସ ଓ ଆଶା କାର୍ଯ୍ୟକର୍ତ୍ତ୍ରୀମାନଙ୍କ ସହଯୋଗରେ କିଶୋରୀମାନଙ୍କ ସହ ଖୋଲା ମନରେ ଆଲୋଚନା କରି ଏକ ନିରାପଦ ଓ କଳଙ୍କ ମୁକ୍ତ ପରିବେଶ ସୃଷ୍ଟି କରିଥିଲେ।

# 'ଗୋଟିଏ ମନୁଷ୍ୟ, ଗୋଟିଏ ବୃକ୍ଷ - ସ୍ୱର୍ଣ୍ଣମୟ ହେବ ଭବିଷ୍ୟତ'






**ମୋହନ୍, (ଯୋଗେଶ କୁମାର ବଡ଼ାଣ) :** ବର୍ତ୍ତମାନ ସମୟରେ ଉତାପ ତାତ୍ରତା ଯେମିତି ସବୁ ସୀମା ଅତିକ୍ରମ କରିଯାଉଛି, ଏଚିକିବେଳେ ଆମେ ଏସି, କୁଲର ଓ ଫ୍ୟାନକୁ ଜିବନ ବଞ୍ଚେଇବାର ମାଧ୍ୟମ ଭାବିଥାଉ କିନ୍ତୁ କିଛି ମୁହୂର୍ତ୍ତ ବିଦ୍ୟୁତ ଚାଲିଗଲେ ଅସହନୀୟ ଓ ଅସହାୟ ହୋଇପଡୁ। ଏଥିରୁ ଆମକୁ ଜ୍ଞାତ ହେବାଉଚିତ କି,ବାସ୍ତବରେ ଆମେ ଏକ ନିରାପଦ, ସନ୍ତୁଳିତ ଏବଂ ସବୁଜ ଭବିଷ୍ୟତ ଆଡକୁ ଯାଉଛୁ କି ?

ଏହିପରି ଅତ୍ୟାଧିକ ଉତ୍ତାପ ଓ ପାଗ ପରିବର୍ତ୍ତନ ପଛରେ ଲୁଚି ରହିଥିବା କାରଣ ହେଉଛି - ପ୍ରକୃତି ଠାରୁ ଆମେ ଦୂରେଇ ରହିବା ଓ ବୃକ୍ଷଲତାକୁ ନୃଶଂସ ଭାବେ ହତ୍ୟା କରିବା। ଆମେ ସମସ୍ତେ ଜାଣୁ ଯେ, ବୃକ୍ଷ-ଲତା କେବଳ ଆମକୁ ପ୍ରାଣବାୟୁ (ଅକ୍ସିଜେନ୍) ଦିଏ ନାହିଁ ବରଂ ଜଳବାୟୁ ନିୟନ୍ତ୍ରଣ, ବର୍ଷାର ସନ୍ତୁଳନ ଓ ପୃଥିବୀର ଉର୍ବରତା ବଜାୟ ରଖିବା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତଥାପି, ଆମେ ସେମାନଙ୍କୁ ଅଣଦେଖା କରିଆସୁଅଛୁ। ଏହି ଗମ୍ଭୀର ଚିନ୍ତାଧାରାକୁ ଦୃଷ୍ଟିକୁ ନେଇ, 'ଗୋଟିଏ ମନୁଷ୍ୟ, ଗୋଟିଏ ବୃକ୍ଷ-ସ୍ୱର୍ଣ୍ଣମୟ ହେବ ଭବିଷ୍ୟତ' ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ବ୍ୟକ୍ତି ପ୍ରତିବର୍ଷ ଅତି କମରେ ଗୋଟିଏ ଉଦ୍ଭିଦ ଲଗାଇବା ଏବଂ ତାହାର ସୁରକ୍ଷା ଦେବା ପାଇଁ ନିଜେ ପ୍ରତିଶ୍ରୁତି ନେବା। ଏହି ଛୋଟ ପ୍ରୟାସ ଆମ ପାଇଁ ନୁହେଁ ବରଂ ଆମର ଆଗାମୀ ଭବିଷ୍ୟତ ପାଇଁ ଏକ ସବୁଜ, ସୁସ୍ଥ ଏବଂ ନିରାପଦ ଭବିଷ୍ୟତ ଗଠନ କରିବାରେ ନିଶ୍ଚିତ ସହଯୋଗ କରିବ। ଯଦି ଆମେ ଆଜି ଏହି ପଦକ୍ଷେପ ଗ୍ରହଣ କରିନାହୁଁ, ତେବେ ଆସନ୍ତାକାଲି ପରିବେଶ ସଙ୍କଟ, ଜଳ ସଙ୍କଟ, ରୋଗ ଏବଂ ଅସହନୀୟ ତାପ ଆମ ଘର ଅଗଣାରେ ରହିବ ଏବଂ ଏହା ପାଇଁ ଆମେ ନିଜେ ଦାୟୀ ରହିବୁ। ଆସ, ଗୋଟିଏ ଉଦ୍ଭିଦ ଲଗାଇ ଗୋଟିଏ ଜୀବନକୁ ବଞ୍ଚାଇବା, ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଉଦ୍ଭିଦ ଲଗାଇବା ଏବଂ ସବୁଜ ପରିବେଶ ଆଡକୁ ସମସ୍ତେ ବଢ଼ି ଚାଲିବା।

**ଶାସ୍ତ୍ର ଅନୁସାରେ ଷୋହଳ ସଂସ୍କାର ମଧ୍ୟରୁ ବିବାହ ଏକ ସଂସ୍କାର। ଜୀବନରେ ପୂର୍ଣ୍ଣତା ପ୍ରାପ୍ତି ପାଇଁ ନାରୀ ଓ ପୁରୁଷ ମଧ୍ୟରେ ବନ୍ଧନ ଲୋଡା ବୋଲି ଶାସ୍ତ୍ର କହେ । ସେହି ପବିତ୍ର ବନ୍ଧନ ପାଇଁ ଅନୁସୃତ ବିଧାନକୁ କୁହାଯାଏ ବିବାହ। ବିବାହ ଦୁଇଟି ହୃଦୟର ମିଳନ। ହିନ୍ଦୁ ଧର୍ମରେ ପରିବାର ନିର୍ମାଣର ଗୁରୁ ଦାୟିତ୍ୱ ନିଭାଇବା ପାଇଁ ଯୋଗ୍ୟ ଶାରୀରିକ, ମାନସିକ ପରିପକ୍ୱତା ଆସିଥିବା ଯୁବକ-ଯୁବତୀଙ୍କୁ ବିବାହ ସଂସ୍କାର କରାଯାଇଥାଏ। ଏଥିରେ ବର ଓ କନ୍ୟା ସାରା ଜୀବନ ଏକାଠି ରହିବାର ଅଙ୍ଗୀକାରବଦ୍ଧତା ଥାଏ । ହୋଇ ରହି ଧର୍ମ ପାଳନ କରିବାକୁ ସଂକଳ୍ପ ନେଇଥାନ୍ତି। ଭାରତୀୟ ସଂସ୍କୃତି ଅନୁସାରେ ବିବାହ କେବଳ ଶାରୀରିକ ଓ ସାମାଜିକ ଅନୁବନ୍ଧନ ନୁହେଁ ବରଂ ଏହା ଦାମ୍ପତ୍ୟ ଶ୍ରେଷ୍ଠ ଆଧ୍ୟାତ୍ମିକ ସାଧନା ମଧ୍ୟ। ଏଣୁ ବିବାହ ସଂସ୍କାରକୁ ସର୍ବାଧିକ ମହତ୍ୱପୂର୍ଣ୍ଣ ସଂସ୍କାର କୁହାଯାଏ।**






ପ୍ରେମାନନ୍ଦ ପାଣିଗ୍ରାହୀ

ହିନ୍ଦୁ ଧର୍ମ ଶାସ୍ତ୍ରରେ ଷୋହଳ ପ୍ରକାର ସଂସ୍କାରକୁ ଗୁରୁତ୍ୱ ଦିଆଯାଇଛି। ମୁନିଋଷିମାନେ ମଣିଷ ଜୀବନକୁ ପବିତ୍ରମୟ ଏବଂ ମର୍ଯ୍ୟାଦାସମ୍ପନ୍ନ କରିବା ପାଇଁ ସଂସ୍କାର ପ୍ରବର୍ତ୍ତନ କରିଥିଲେ। ଏକ ଉତ୍ତମ ଓ ସଭ୍ୟ ସମାଜ ପାଇଁ ସଂସ୍କାର ଅତ୍ୟନ୍ତ ଆବଶ୍ୟକ। ମହର୍ଷି ବ୍ୟାସଦେବ ତାଙ୍କ ସ୍ମୃତି ଶାସ୍ତ୍ରରେ ସମସ୍ତ ମନୁଷ୍ୟଙ୍କୁ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପବିତ୍ର ଷୋହଳ ସଂସ୍କାର ଦେଇ ଜୀବନ ବିତାଇବାକୁ ପରାମର୍ଶ ଦେଇଛନ୍ତି। ଶାସ୍ତ୍ର ଅନୁସାରେ ଷୋହଳ ସଂସ୍କାର ମଧ୍ୟରୁ ବିବାହ ଏକ ସଂସ୍କାର। ଜୀବନରେ ପୂର୍ଣ୍ଣତା ପ୍ରାପ୍ତି ପାଇଁ ନାରୀ ଓ ପୁରୁଷ ମଧ୍ୟରେ ବନ୍ଧନ ଲୋଡା ବୋଲି ଶାସ୍ତ୍ର କହେ । ସେହି ପବିତ୍ର ବନ୍ଧନ ପାଇଁ ଅନୁସୃତ ବିଧାନକୁ କୁହାଯାଏ ବିବାହ। ବିବାହ ଦୁଇଟି ହୃଦୟର ମିଳନ । ହିନ୍ଦୁ ଧର୍ମରେ ପରିବାର ନିର୍ମାଣର ଗୁରୁ ଦାୟିତ୍ୱ ନିଭାଇବା ପାଇଁ ଯୋଗ୍ୟ ଶାରୀରିକ, ମାନସିକ ପରିପକ୍ୱତା ଆସିଥିବା ଯୁବକ-ଯୁବତୀଙ୍କୁ ବିବାହ ସଂସ୍କାର କରାଯାଇଥାଏ। ଏଥିରେ ବର ଓ କନ୍ୟା ସାରା ଜୀବନ ଏକାଠି ରହିବାର ଅଙ୍ଗୀକାରବଦ୍ଧତା ଥାଏ । ହୋଇ ରହି ଧର୍ମ ପାଳନ କରିବାକୁ ସଂକଳ୍ପ ନେଇଥାନ୍ତି । ଭାରତୀୟ ସଂସ୍କୃତି ଅନୁସାରେ ବିବାହ କେବଳ ଶାରୀରିକ ଓ ସାମାଜିକ ଅନୁବନ୍ଧନ ନୁହେଁ ବରଂ ଏହା ଦାମ୍ପତ୍ୟ ଶ୍ରେଷ୍ଠ ଆଧ୍ୟାତ୍ମିକ ସାଧନା ମଧ୍ୟ। ଏଣୁ ବିବାହ ସଂସ୍କାରକୁ ସର୍ବାଧିକ ମହତ୍ୱପୂର୍ଣ୍ଣ ସଂସ୍କାର କୁହାଯାଏ ।

ଭାରତୀୟ ସଂସ୍କୃତି ଅନୁସାରେ ବିବାହ ଏକ ଧାର୍ମିକ ବିଧାନ। ଦୁଇଟି ଭିନ୍ନ ମଣିଷ ଏକାଠି ଗୋଟିଏ ଛାତ ତଳେ ସାରା ଜୀବନ ପରସ୍ପର ସହିତ ବଞ୍ଚିବାର ସାମାଜିକ ସ୍ୱୀକୃତି ହେଉଛି ବିବାହ। ବିବାହ ଦୁଇଟି ହୃଦୟର ମିଳନ। ଦୁଇ ମନ, ପ୍ରାଣ ହୁଏ ଏକାକାର। ପରସ୍ପରର ସୁଖଦୁଃଖରେ ଭାଗୀଦାର ହେବାର ପ୍ରତିଶ୍ରୁତି। ପବିତ୍ର ବିବାହ ବନ୍ଧନ ସ୍ୱର୍ଗରେ ସ୍ଥିର ହୋଇଥାଏ ବୋଲି ପ୍ରତ୍ୟେକ ଧର୍ମର ଲୋକ ବିଶ୍ୱାସ କରିଥାନ୍ତି। ପ୍ରାଚୀନ ଭାରତରେ ପୁରୁଷ ଏବଂ ମହିଳାଙ୍କ ଜୀବନର ଉଦ୍ଦେଶ୍ୟର ସମ୍ପୂର୍ଣ୍ଣ ପୂରଣ ପାଇଁ ବିବାହ ଆବଶ୍ୟକ ବୋଲି ବିବେଚନା କରାଯାଉଥିଲା । ମଣିଷ ଜୀବନର ଚାରୋଟି ଦିଗ ଯଥା; ଧର୍ମ, ଅର୍ଥ, କାମ, ମୋକ୍ଷ। ବିବାହ ବିନା ମୋକ୍ଷ ହାସଲ କରାଯାଇ ପାରିବ ନାହିଁ ବୋଲି ବିଶ୍ୱାସ କରାଯାଉଥିଲା। ଏହା ଏପରି ଏକ ସମ୍ପର୍କ ଯାହା କେବଳ ଗୋଟିଏ ଜୀବନରେ ସୀମିତ ନୁହେଁ, ବରଂ ଏହି ସମ୍ପର୍କ ଜନ୍ମଜନ୍ମର ବୋଲି ଆମେ ବିଶ୍ୱାସ କରୁ। ବ୍ରାହ୍ମଣଙ୍କ ପବିତ୍ର ମନ୍ତ୍ରପାଠରେ ହୋମ ଅଗ୍ନି ଚାରି ପାଖରେ ସାତ ଥର ପ୍ରଦକ୍ଷିଣ କରି ସାତ ଜନ୍ମ ପାଇଁ ଯୋଡି ହୋଇଯାଏ ସମ୍ପର୍କ। କେବଳ ଶରୀର ନୁହେଁ, ମନ ଏବଂ ପ୍ରାଣର ମିଳନ,ବଂଶ ବଢାଇବା ଏବଂ ପ୍ରତିପୋଷଣ କରିବା ଏବଂ ଆମର ପୂର୍ବଜଙ୍କ ଋଣ ପରିଶୋଧ କରିବା ଏହାର ଲକ୍ଷ୍ୟ। ଏହି ବିଶ୍ୱାସ ସ୍ୱାମୀ-ସ୍ତ୍ରୀ ସମ୍ପର୍କକୁ ଅତୁଟ ରଖେ। ବିବାହରେ କେବଳ ଦୁଇଟି ଆତ୍ମାର ମିଳନ ହୁଏନି; ଦୁଇଟି ପରିବାର ବନ୍ଧୁ ସୂତ୍ରରେ ବାନ୍ଧି ହୋଇଯାଆନ୍ତି । ପୁଣି ଏହି ବନ୍ଧୁତ୍ୱ ଡୋରିରେ ଛନ୍ଦି ହୋଇଯାଆନ୍ତି ଦୁଇ ପକ୍ଷର ଅନେକ ବନ୍ଧୁବାନ୍ଧବ। ଚାଣକ୍ୟଙ୍କ ନୀତି ଶାସ୍ତ୍ରରେ ଆଠ ପ୍ରକାର ବିବାହ ରହିଛି। ଯଥା-ବ୍ରହ୍ମ ବିବାହ,ଦୈବ ବିବାହ, ଆର୍ଶ ବିବାହ, ପ୍ରଜାପତି ବିବାହ,ଗାନ୍ଧର୍ବ ବିବାହ,ରାକ୍ଷସ ବିବାହ,ଅସୁର ବିବାହ ଓ ପିଶାଚ ବିବାହ। ଶାସ୍ତ୍ର ଅନୁଯାୟୀ ବିବାହକୁ ବ୍ରହ୍ମ ବିବାହ କୁହାଯାଏ। କନ୍ୟାକୁ ଜଣେ ପୁରୋହିତ ସହ ବିବାହ ଦେଲେ ତାକୁ ଦୈବ ବିବାହ କୁହାଯାଏ । ବର ପକ୍ଷରୁ କିଛି ଗାଈ ଗ୍ରହଣ କରି କନ୍ୟା ଦାନ ଦେଲେ ତାକୁ ଆର୍ଶ ବିବାହ କୁହାଯାଏ। ବର ଓ କନ୍ୟା ପବିତ୍ର ମନରେ ବିବାହ କଲେ ତାକୁ ପ୍ରଜାପତି ବିବାହ କୁହାଯାଏ। ପୁଅ ଓ ଝିଅ ପରସ୍ପରକୁ ଭଲ ପାଇ ବିହ କଲେ ତାକୁ ଗାନ୍ଧର୍ବ ବିବାହ କୁହାଯାଏ। ବର ପାତ୍ର ଠାରୁ କିଛି ଧନସମ୍ପତ୍ତି ଆଣି କନ୍ୟା ଦାନ କଲେ ତାକୁ ଅସୁର ବିବାହ କୁହାଯାଏ। କନ୍ୟାକୁ ଅପହରଣ କରି ବିବାହ କଲେ ତାକୁ ରାକ୍ଷସ ବିବାହ କୁହାଯାଏ। କନ୍ୟା ନିଦ୍ରା ବା ନିଶାସକ୍ତ ଥିବା ସମୟରେ ବିବାହ କଲେ ତାକୁ ପିଶାଚ ବିବାହ କୁହାଯାଏ। ହିନ୍ଦୁ ବିବାହ ଶାସ୍ତ୍ରରେ ପ୍ରଜାପତ୍ୟ ବିବାହକୁ ଶ୍ରେଷ୍ଠତ୍ୱ ପ୍ରଦାନ କରାଯାଇଛି।



ପୂର୍ବ ସମୟର ବିବାହ ଆଉ ବର୍ତ୍ତମାନର ବିବାହ ଭିତରେ ବହୁ ପରିବର୍ତ୍ତନ ଆସିଯାଇଛି। ଆଧୁନିକ ଯୁଗରେ ସବୁଥିରେ ରହିଛି ଆଧୁନିକତାର ସ୍ପର୍ଶ। ତେଣୁ ବିବାହ ଉତ୍ସବରୁ ଏହା କିପରି ଦୂରେଇ ଯିବ। ରିଙ୍ଗ ସେରିମନି ଠାରୁ ଆରମ୍ଭ କରି ମେହେନ୍ଦି ପାର୍ଟି, ବାରାତ ପାର୍ଟି ସବୁକିଛି ବେଶ୍ ଚାକଚକ୍ୟରେ ହେଉଛି। ବିବାହକୁ ସ୍ମରଣୀୟ କରିବା ପାଇଁ କିଏ କେତେ ପ୍ରକାର ଯୋଜନା କରିଥାନ୍ତି । କିଛି ବାହାଘର ଏମିତି ଜାକଜମକରେ ହୋଇଥାଏ ଯେ ବହୁଦିନଯାଏ ଭୁଲି ହୁଏନି । ଏଭଳି ଏକ ଶୁଭ କାର୍ଯ୍ୟ କରିବା ବେଳେ ବହୁ ସାବଧନତା ଗ୍ରହଣ କରାଯାଏ । ଶୁଭ ମୂହୁର୍ତ୍ତ,ଶୁଭ ଜିନିଷ,ଶୁଭ ରଙ୍ଗ ଆଦି ବିଭିନ୍ନ ଜିନିଷକୁ ଦୃଷ୍ଟିରେ ରଖି ବିବାହ ସମ୍ପନ୍ନ କରାଯାଏ। ବିବାହରେ କନ୍ୟାର ସାଜସଜ୍ଜା ବିଭିନ୍ନ ଧର୍ମ ଏବଂ ସମ୍ପ୍ରଦାୟରେ ଭିନ୍ନଭିନ୍ନ ହୋଇଥାଏ ; ଯାହା ସେଠାକାର ସଂସ୍କୃତି ଏବଂ ପରମ୍ପରାର ଏକ ଆଇନା । ବିବାହ ସ୍ଥିର ପୂର୍ବରୁ ମୁଦି ପିନ୍ଧାଯାଏ। କାରଣ ସ୍ୱାମୀ ସ୍ତ୍ରୀ ଠାରୁ ଯେତେ ଦୂରରେ ରହିଲେ ବି ଏହି ମୁଦି ହିଁ ସନ୍ତକ ସାଜି ସେମାନଙ୍କୁ ଏକାଠି କରାଇଥାଏ । ଏବେ ମେହେନ୍ଦି ପାର୍ଟିକୁ ବେଶୀ ପ୍ରାଧାନ୍ୟ ଦିଆଯାଉଛି। କୁହାଯାଏ ମେହେନ୍ଦିର ରଙ୍ଗ ଯେତେ ଗାଢ ହେବ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭଲ ପାଇବା ସେତେ ଗଭୀର ହେବ। ହିନ୍ଦୁ କନ୍ୟାମାନେ ବାହାଘର ସମୟରେ ହଳଦିଆ ରଙ୍ଗର ଲାଲ୍ ଧଡି ବାଲା ଶାଢି ପିନ୍ଧିଥାନ୍ତି । ଏହାକୁ ବଉଳ ପାଟ କୁହାଯାଏ। କେତେକ ସ୍ଥାନରେ ଏହି ଶାଢୀର ରଙ୍ଗ ଧଳା ଏବଂ ଲାଲ୍ ମିଶା ହୋଇଥାଏ । ବାହାଘର ପରେ ଏହି ବଉଳ ପାଟକୁ ବଦଳି ଶାଶୁଘରକୁ ଯାଆନ୍ତି। ଏହା ସହିତ ସେମାନେ ମଥାରେ ଲାଲ୍ ଓଢଣା ବ୍ୟବହାର କରିଥାନ୍ତି । ଚନ୍ଦନ ଓ କୁଙ୍କୁମ ସାହାଯ୍ୟରେ ସଜାଇ ହୋଇଥାନ୍ତି। ଏମାନେ ହାତରେ କାଚ ଏବଂ ଲାଖର ଚୁଡି ପିନ୍ଧିଥାନ୍ତ। ବାହାଘର ସମୟରେ ଏମାନେ ମୁଣ୍ଡରେ ମୁକୁଟ ପିନ୍ଧିଥାନ୍ତି। ମଙ୍ଗଳ,ବରାନୁଗମନ,ହୋମ,ପାଣିଗ୍ରହଣ ସହିତ ହିନ୍ଦୁ ବାହାଘର ସମ୍ପନ୍ନ ହୁଏ। ମୁସଲିମ କନ୍ୟା ବାହାଘର ବେଳେ ଲେହେଙ୍ଗା ବା ଶରାରା ଅଥବା ଶାଢୀ ପିନ୍ଧିଥାନ୍ତି। ଏସବୁ ପୋଷାକର ରଙ୍ଗ ଚେରି ରେଡ୍ ହୋଇଥାଏ। ମୁଣ୍ଡକୁ ଓଢଣୀ ଦ୍ୱାରା ଢାଙ୍କିବା ସେମାନଙ୍କର ପରମ୍ପରା ଓ ପ୍ରଥା। ଏହି ଓଢଣୀ ଦ୍ୱାରା କେବଳ ତାଙ୍କ ମଥା ନୁହେଁ,ତାଙ୍କର କାନ୍ଧ,ବେକ ଘୋଡାଇ ହୋଇ ରହିଥାଏ। ମଥାମଣି, ହାତଫୁଲ, ନୋଥ ବ୍ୟବହାର କରନ୍ତି । ନିକାହକୁଖ୍ସତି ପରି ପ୍ରଥା ସହିତ ବିବାହ ସମାରୋହ କମ୍ ସମୟ ମଧ୍ୟରେ ସମ୍ପନ୍ନ ହୁଏ । ଖ୍ରୀଷ୍ଟିଆନ୍ କନ୍ୟାମାନେ ବିବାହ ବେଳେ ଧଳା ରଙ୍ଗର ଗାଉନ୍ ପରିଧାନ କରିଥାନ୍ତି। ଏହି ଗାଉନ୍‌ରେ ମୁଣ୍ଡରେ ଓଢଣୀ ଦେବାର ବ୍ୟବସ୍ଥା ଥିବାବେଳେ ଏହା ନେଟ୍ କପଡାରେ ପ୍ରସ୍ତୁତ ହୋଇଥାଏ। ହାତରେ ଏକ ଫୁଲ ତୋଡା ଧରିବା ଖ୍ରିଷ୍ଟିଆନ୍ କନ୍ୟାମାନଙ୍କର ବ୍ରାଇଡାଲ୍ ପୋଷାକର ମୁଖ୍ୟ ଅଙ୍ଗ । ଭାରତରେ ଖ୍ରୀଷ୍ଟିଆନ୍ କନ୍ୟାମାନେ ଗାଉନ୍ ପରିବର୍ତ୍ତେ ଧଳା ଶାଢୀ ବି ପିନ୍ଧିଥାନ୍ତି। କେଶକୁ ଫୁଲରେ ସଜାଇଥାନ୍ତି। ଚର୍ଚ୍ଚରେ ପାଦ୍ରି ବାଇବେଲ୍ ପଢି ବିବାହ ସମ୍ପନ୍ନ କରିବା ସହିତ ବିବାହ ରେଜିଷ୍ଟରରେ ଦସ୍ତଖତ କରାଇଥାନ୍ତି । ବୌଦ୍ଧ ଧର୍ମାବଲମ୍ବୀଙ୍କ ବିବାହରେ ବର-କନ୍ୟା ବୁଦ୍ଧଦେବଙ୍କ ସମ୍ମୁଖରେ ଶପଥ ନେଇ ସାତ ଜନ୍ମ ପାଇଁ ବାନ୍ଧି ହୋଇଥାନ୍ତି ।




ବିବାହର ପରିଭାଷା ଏବେ ବଦଳି ଯାଇଛି। ବିବାହକୁ ଅଧିକରୁ ଅଦିକ ସମରଣୀୟ କରିବାକୁ ସମସ୍ତେ ଚେଷ୍ଟା କରୁଛନ୍ତି। ବିବାହ ଆଜି କେବଳ ଘର କି ମନ୍ଦିରରେ ଅନୁଷ୍ଠିତ ହେଉନାହିଁ ବରଂ ମଣିଷର ପସନ୍ଦ ମୁତାବକ ସ୍ଥାନରେ ଏହା ଅନୁଷ୍ଠିତ ହେଉଛି। ପୂର୍ବ ସାଜସଜ୍ଜା ଅପେକ୍ଷା ବର୍ତ୍ତମାନର ସାଜସଜ୍ଜାରେ ବହୁ ପରିବର୍ତ୍ତନ ଆସିଛି। ବିଭିନ୍ନ ଫ୍ଲୋରାଲ୍ ଡିଜାଇନରଙ୍କୁ ନିଯୁକ୍ତି କରାଯାଇ ବିବାହ ଉତ୍ସବକୁ ଖୁବ ସୁନ୍ଦର ଫୁଲରେ ସଜାଯାଉଛି।

ପୂର୍ବେ କନ୍ୟାମାନେ ବାହାଘର ସମୟରେ ବଉଳ ପାଟ ପିନ୍ଧୁଥିଲେ ଏବଂ ବାହାଘର ପରେ ତାକୁ ବଦଳି ଶାଶୁ ଘରକୁ ଯାଉଥିଲେ। କିନ୍ତୁ ଏବେ ସେମାନେ ପାର୍ଟି ଡ୍ରେସ୍‌ରେ ରହିବାକୁ ପସନ୍ଦ କରୁଛନ୍ତି। ବିବାହ ପୂର୍ବରୁ ଏବେ ଏନଗେଜମେଣ୍ଟ ସେରିମନି ପାଳନ କରାଯାଉଛି। ପୂର୍ବେ ଏନଗେଜମେଣ୍ଟ ସେରିମନି କନ୍ୟାର ଘରେ କିମ୍ବା କୌଣସି ମନ୍ଦିରରେ ପାଳନ କରାଯାଉଥିବା ବେଳେ ଏବେ ଏହା ପାଳନ ହେଉଛି ପଞ୍ଚତାରକା ହୋଟେଲରେ। ଏହା ବିବାହ ଉତ୍ସବର ଆରମ୍ଭ। ଦୁଇଟି ସମ୍ପର୍କର ମୂଳଦୁଆ ପକାଇଥାଏ ଏହି ଏନଗେଜମେଣ୍ଟ ସେରିମନି। ଏହାକୁ ଅନ୍ୟ ଅର୍ଥରେ କୁହାଯାଏ ରିଙ୍ଗ ସେରିମନି। ରିଙ୍ଗ ସେରିମନିରେ ଉଭୟ ବରକନ୍ୟା ମୁଦି ଅଦଳବଦଳ କରିଥାନ୍ତି। ସ୍ୱାମୀ ସ୍ତ୍ରୀଠାରୁ ଯେତେ ଦୂରରେ ରହିଥିଲେ ବି ସେଇ ମୁଦି ହିଁ ସନ୍ତକ ସାଜି ସେମାନଙ୍କୁ ଏକାଠି କରାଇଥାଏ। ରିଙ୍ଗ ସେରିମନିରେ ହିଁ ବିବାହ ତାରିଖ ଧାର୍ଯ୍ୟ କରାଯାଇଥାଏ। ବିବାହର ଦିନକ ପୂର୍ବରୁ ମଙ୍ଗଳ କାର୍ଯ୍ୟ କରାଯାଇଥାଏ। ଏଥିରେ କନ୍ୟାକୁ ହଳଦି ଲଗାଇ ଦିଆଯାଏ। ଏବେ ଏହାକୁ ମେହେନ୍ଦି ସେରିମନି ଭାବରେ ପାଳନ କରାଯାଉଛି । କନ୍ୟା ଓ ତାର ସାଙ୍ଗସାଥୀ ଏବଂ ପରିବାର ମେହେନ୍ଦି ପାର୍ଟିକୁ ବେଶ୍ ଉପଭୋଗ କରୁଛନ୍ତି । କୁହାଯାଏ ମେହେନ୍ଦିର ରଙ୍ଗ ଯେତେ ଗାଢ ହେବ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଭଲ ପାଇବା ସେତେ ଗଭୀର ହେବ ।

ବିବାହ ଉତ୍ସବ ଦିନ ପ୍ରଥମ କାର୍ଯ୍ୟ ହୋଇଥାଏ ଦିଅଁ ମଙ୍ଗୁଳା । ବରକନ୍ୟାଙ୍କ ଶୁଭ ମନାସୀ ଗ୍ରାମଦେବତୀଙ୍କ ପାଖରେ କନ୍ୟାର ଶଂଖା,ସିନ୍ଦୁର,ଗହଣା ପୂଜା କରାଯାଏ। ଗାଁମୁଣ୍ଡରେ ବର ପହଞ୍ଚିବା ପରେ କନ୍ୟାକୁ ବାଡୁଅ ପାଣିରେ ଗାଧୋଇ ଦିଆଯାଏ। ବରର ପରିବାର ସଦସ୍ୟ,ସମ୍ପର୍କୀୟ ଏବଂ ବନ୍ଧୁବାନ୍ଧବ ରୋଷଣି କରି କନ୍ୟା ଘରକୁ ଆସିଥାନ୍ତି ଏହାକୁ କୁହାଯାଏ ବାରାତ୍ ବା ବରଯାତ୍ରୀ ରୋଷଣି। ବରଯାତ୍ରୀମାନଙ୍କୁ କନ୍ୟା ଘରର ଲୋକ ବେଶ୍ ସମ୍ମାନ ଦେଇଥାନ୍ତି। ପୂର୍ବେ ବରମାନେ ଧଳା ଘୋଡାରେ ବସି ବେଶ୍ ସାଜସଜ୍ଜାରେ ଆସୁଥିଲେ କନ୍ୟା ଘରକୁ । କିଛି ଅଞ୍ଚଳରେ ବାହାଘର ଦିନ ବର ହାତରେ ଖଣ୍ଡା ମଧ୍ୟ ଦିଆଯାଇଥାଏ। ବର୍ତ୍ତମାନ ବର ଫୁଲରେ ସଜା ହୋଇଥିବା ଗାଡି ଅଥବା ଲାଇଟରେ ସଜା ହୋଇଥିବା ଗାଡିରେ ଆସୁଛନ୍ତି। ଏବେ ପୁଣି ମଡର୍ଣ୍ଣ ପାଲିଙ୍କି ଗାଡି ବା ସବାରୀରେ ବର ହୋଇଯିବାକୁ ଅନେକ ପସନ୍ଦ କରୁଛନ୍ତି।

ପୂର୍ବେ ବାହାଘର କହିଲେ ନିର୍ବନ୍ଧ, ମଙ୍ଗଳକୃତ୍ୟ, ଭୋଜି ଭଳି ଚାରିଟି କ୍ଷେତ୍ରରେ ଖର୍ଚ୍ଚ ହେଉଥିଲା। ବର୍ତ୍ତମାନ ଖର୍ଚ୍ଚ ଚାରିଗୁଣା



ହୋଇଗଲାଣି। ଗତ ବର୍ଷ ବିବାହ କ୍ଷେତ୍ରରେ ଦେଶରେ ହାରାହାରି ଖର୍ଚ୍ଚ ରହିଥିଲା ୩୬.୫ ଲକ୍ଷ। ପୂର୍ବ ବର୍ଷ ତୁଳନାରେ ଏହା ୭ ପ୍ରତିଶତ ମହଙ୍ଗା ରହିଛି। ଗରୀବ ବାପାମାଙ୍କ ଉପରୁ ଝିଅ ବାହାଘରର ବୋଝ ହାଲକା କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦିଗଦର୍ଶନରେ କାର୍ଯ୍ୟକାରୀ ହେବାକୁ ଯାଉଛି ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା। ଚଳିତ ବର୍ଷ ଏହି ଯୋଜନାରେ ୧୨ କୋଟି ଟଙ୍କାର ବ୍ୟୟ ବରାଦ ରଖାଯାଇଛି। ଏହି ଯୋଜନାରେ ବିଧବା ଝିଅମାନଙ୍କୁ ଅନ୍ତର୍ଭୁକ୍ତ କରିବା ସହ ବିବାହକୁ ସାମୁହିକ ସ୍ତରରେ ଆୟୋଜନ କରିବା ଓ ସରକାରୀ ସ୍ତରରେ ଝିଅ ପାଇଁ ଉପହାର ବ୍ୟବସ୍ଥା କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

*ଭୁବନ,ଢେଙ୍କାନାଳ*
*ଦୂରଭାଷ : ୯୪୩୭୭୨୯୩୮୪*











# ବିପଦକୁ ଆମନ୍ତ୍ରଣ କରୁଛି ଶୁଖିଲା ଗଛ



**କଟକ :** ଦୀର୍ଘ ଦିନ ଧରି ଅର୍ଥାତ ଫନି ବାତ୍ୟା ପରି ଅନେକ ଛୋଟ ବଡ଼ ବାତ୍ୟା କଟକରେ ପ୍ରକୋପ ଦେଖାଇ ସାରିଲେଣି। ଅଥଚ ପୂର୍ବରୁ ଏଭଳି କିଛି କଟକ ସହରରେ କିଛି କିଛି ଦ୍ୱରଣ ରହି ଯାଇଛି। ଯଥା କଟକର ଯେଉଁ କିଛି ସ୍ଥାନ ରହିଛି ସେଥିମଧ୍ୟରୁ କଟକ ହାଇକୋଟ ଗୋଲେଇ ଛକ, ସେକଟର ୬ ଯିବାକୁ ବା ବୋଷ ବ୍ରିଜରୁ ସେକ୍ଟର ୬କୁ ଯିବା ରାସ୍ତା କର, କଟକ ସୁଇସ୍ଟଲ ପଛ ପଟ ରାସ୍ତା କର, କଲେଜ ଛକ ପୋଷ୍ଟ ଅଫିସ ସମ୍ମୁଖ ପେଟ୍ରୋଲ ପମ୍ପ ଯେଉଁଠି କି ଷ୍ଟେସନ ରୋଡ୍, ସୁନାମଧନ୍ୟ ମଧୁସୂଦନ ଲ କଲେଜ, ରେଭେନ୍ସା ମହାବିଦ୍ୟାଳୟ, ରେଲୱେସ୍କୁଲ ଏବଂ କଟକ ବଡମେଡିକାଲକୁ ଆସୁଥିବା ଶହ ଶହ ଜନସାଧାରଣଙ୍କ ସହ କଟକ ସ୍ଥାନୀୟ ବାସିନ୍ଦାଙ୍କ ସଦାସର୍ବଦା ଗହଳି ଲାଗି ରହିଥାଏ ପ୍ରତିଦିନ ସେହି ରାସ୍ତା ନିକଟ ରାସ୍ତା ପାର୍ଶ୍ୱରେ ବି ରହିଛି ବିପଦପୂର୍ଣ୍ଣ ଅବସ୍ଥାରେ। ଏଥି ସହ କଟକ ଗଡ଼ଚଣ୍ଡୀ ଭିଭିଆଇପି ଏବଂ କଟକ ମେୟରଙ୍କ ରହଣୀ ସ୍ଥଳ ପାର୍ଶ୍ୱବର୍ତ୍ତୀ ରାସ୍ତା ବହୁ ସମ୍ବେଦନଶିଳ ରାସ୍ତା ମାନଙ୍କରେ ଏଭଳି ବିପଦଜନକରେ ସବୁ ବିରାଟ ଶୁଖିଲା ବୃକ୍ଷ ଦୀର୍ଘ ଦିନ ଧରି ମହାକାଳ ପରି ଦଣ୍ଡାୟ ମାନ ହୋଇ ରହିଛନ୍ତି। ସବୁଠୁ ବଡ଼ ତାତ୍ପର୍ଯ୍ୟର ବିଷୟ ଏତେ ସବୁ ସତ୍ତ୍ୱେ କିପରି କଟକ ପୌରପାଳିକା ସିଏମସି କର୍ତ୍ତୃପକ୍ଷ କିଭଳି ଭାବରେ ଏତେ ଦାଇତ୍ୱ ହୀନତା ବୋଧ ଅବଲମ୍ବନ କରି ଚାଲିଛନ୍ତି। ଖୋଦ କଟକ ମେୟରଙ୍କ ରହଣୀ ସ୍ଥଳୀ ଯିବା ବାଟ ସେଠାରେ ମଧ୍ୟ ଅନେକ ମାନ୍ୟବର ନ୍ୟାୟପାଳିକାଙ୍କ ପରିବାର ବର୍ଗଙ୍କ ରହଣୀ ସ୍ଥଳ ରହିଅଛି। ସେଠାରେ ମଧ୍ୟ ବିରାଟ କାୟ ମହାକାଳ ଦ୍ରୁମ ଦଣ୍ଡାୟ ମାନ। ଏ ଦିଗରେ ବିଶେଷ ଗୁରୁତ୍ୱ ଦେଇ ଯାହା ସରସକାରୀ ଏବଂ ନ୍ୟାୟରେ ମଧ୍ୟ ସତର୍କତା କରାଯାଇଛି। ଯେପରି ବିପଦ ଜନକ ଶୁଖିଲା ବୃକ୍ଷ କୌଣସି ସ୍ଥାନ ରାସ୍ତା, ଘାଟ, ଘର, ସାହିବସ୍ତି ଏବଂ ବ୍ୟସ୍ତ ବହୁଳ ଏରିଆ ମାନଙ୍କରେ ରହିବା, ମାନ୍ୟବର ନ୍ୟାୟାଳୟଙ୍କ ଆଇନ ନିଷେଧାଜ୍ଞାକୁ ବା ଆଦେଶନାମ ଆଇନକୁ ସମ୍ପୂର୍ଣ୍ଣ ଅବମାନନା ବା ବେଖାତିରକୁ ବୁଝାଇବ। କାରଣ ବିଗତ ଦିନରେ ଦେଶର ସୋସିଆଲ ମିଡ଼ିଆ ଏବଂ ଗଣମାଧ୍ୟମରେ ଅନେକବାର ଦର୍ଶାଯାଇଛି ରାସ୍ତା କର ଶୁଖିଲା ଡାଳ ଏବଂ ଗଛ ପଡି ଅନେକ ଜନସାଧାରଣଙ୍କ ଜୀବନହାନି ହୋଇଛି। ଏ ଦିଗରେ ସରକାର ଅଧିକ ତତ୍ପରତା ସହ ତଦାରଖ ଜାରି ରଖିଛନ୍ତି। କିନ୍ତୁ ବଡ଼ ଦୁର୍ଭାଗ୍ୟ କଟକ ପରି ଜନଗହଳି ପୂର୍ଣ୍ଣ ଏରିଆରେ ଏତେ ସତର୍କ ନାମା ଜାରିଥିବା ସତ୍ତ୍ୱେ ନାଁ କୌଣସି ୱାର୍ଡ କାଉନସିଲରଙ୍କ ମାରାଥନ ତଦାରଖ ରହିଛି ନାଁ ପ୍ରଶାସନ ନାଁ ସିଏମସିଙ୍କ କୌଣସି ଅଧିକାରୀଙ୍କ ତତ୍ପରତା ଏଦିଗରେ ରହିଛି। ତେଣୁ ବାରମ୍ବାର ସ୍ଥାନୀୟ ବାସିନ୍ଦା ଭିନ୍ନଭିନ୍ନ ମାଧ୍ୟମରେ କୁହା ବୋଲା ସତ୍ତ୍ୱେ କିଛି ଫଳପ୍ରଦ ନହେବାରୁ ନିରୁତ୍ସାହିତ ହୋଇ ସହରର ବୁଦ୍ଧିଜୀବୀ ମହଲରେ ଏଭଳି ଗୁରୁତ୍ୱପୂର୍ଣ୍ଣ ତତ୍ପରତା ଏବଂ ଦାୟିତ୍ୱହୀନ ଥିବା କାର୍ଯ୍ୟରେ ବା ଘଟଣାରେ ତୀବ୍ର ଅସନ୍ତୋଷ ଏବଂ ଘୋର ନିନ୍ଦା ପ୍ରକାଶ କରିଛନ୍ତି। ଆଗକୁ ଝଡ଼ ତୋଫାନ ଜୋରଦାର ଥିବାରୁ ଯାହା ରାଜ୍ୟ ପାଣିପାଗ ବିଭାଗ ସୂଚନା ଦେଉଛି। ଏହାର ଯୁଦ୍ଧକାଳୀନ ଭିତିରେ ସମାଧାନ କରାଯିବା ପାଇଁ ସାଧାରଣରେ ଦାବି ହେଉଛି।

## 'ଋତୁସ୍ରାବ ଈଶ୍ୱରଙ୍କ ପ୍ରଦତ୍ତ ଆଶୀର୍ବାଦ'




**ଭୁବନେଶ୍ୱର :** ସମାଜରୁ ଋତୁସ୍ରାବ ଜନିତ ନୀରବତା ଭାଙ୍ଗିବାକୁ ପଡିବ ବୋଲି ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନରେ ଆୟୋଜିତ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳନ ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମତବ୍ୟକ୍ତ କରିଛନ୍ତି। ଆଇନା ଏନଜିଓ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ସହଭାଗିତାରେ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଋତୁସ୍ରାବ, ମହିଳାମାନଙ୍କୁ ଈଶ୍ୱରଙ୍କ ପ୍ରଦତ୍ତ ଆଶୀର୍ବାଦ ବୋଲି ଦୃଢ ମତ ରଖିଛନ୍ତି। ସମାଜରେ ଋତୁସ୍ରାବ ଅନୁକୂଳ(ପିରିୟଡ ଫ୍ରେଣ୍ଡଲି) ପରିବେଶ ସୃଷ୍ଟି କରିବା ପାଇଁ ପ୍ରତି ସର୍ବସାଧାରଣ ସ୍ଥାନରେ ଏକ ମହିଳା ଅନୁକୂଳ (ୱୁମେନ ଫ୍ରେଣ୍ଡଲି) ଜୋନ ସୃଷ୍ଟି କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଋତୁସ୍ରାବ ଜନିତ ଅନ୍ଧବିଶ୍ୱାସ ସହ ଲଢିବା ପାଇଁ ଆମକୁ ତୃଣମୂଳସ୍ତରରେ ପରିବର୍ତ୍ତନ ଆଣିବା ସହ ଆମର ନିଜର ମାନସିକତାରେ ମଧ୍ୟ ପରିବର୍ତ୍ତନ ଆଣିବାକୁ ପଡିବ। ଘରର ମା' ମାନେ ମଧ୍ୟ ପୁଅ ଅପେକ୍ଷା ଝିଅମାନଙ୍କୁ ଅଧିକ ଯତ୍ନ କରିବା ଦରକାର। ଏହା ସହ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ପାଇଁ ସ୍ୱଚ୍ଛ ଶୌଚାଳୟ ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ଋତୁସ୍ରାବ ଭଳି ସମ୍ବେଦନଶୀଳ ବିଷୟ ଆଗକୁ ଆଣିଥିବାରୁ ଆଇନା ଏନଜିଓ ଓ ମହିଳା ଓ ଶିଶୁ ବିକାଶ ବିଭାଗ ଅଧିକାରୀଙ୍କୁ ଶ୍ରୀମତୀ ପରିଡା ଧନ୍ୟବାଦ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଋତୁସ୍ରାବ ଜନିତ ଅସୁବିଧାଗୁଡିକୁ ବର୍ଣ୍ଣନା କରିବା ସହ ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ପଦକ୍ଷେପଗୁଡ଼ିକୁ ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ୱାଟରଏଡ, ପିସିଆଇ ଇଣ୍ଡିଆ, ପିରାମାଲ ଫାଉଣ୍ଡେସନ, ସ୍ୱାସ୍ଥ୍ୟପ୍ଲସ, ଓଡ଼ିଶାଲାଇଭ, ନାୱୋ ପ୍ଲସ, ୟୁନିସେଫ, ସିୱାଇଏସଡି, ଭିୟୁଜ୍ ଇଣ୍ଡିଆ, ୟୁଏନଡିପି, ସିଆଇଏଫଏଆର, ପିଜେଏସ, ୱାଟର ଇନିସିଏଟିଭିସ, ଜିତା ଆଦି ଅନୁଷ୍ଠାନର ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଆଇନା ଦ୍ୱାରା କରାଯାଇଥିବା ଋତୁସ୍ରାବ ପରିଚ୍ଛନ୍ନତା ସର୍ଭେ ରିପୋର୍ଟକୁ ଏହି କାର୍ଯ୍ୟକ୍ରମରେ ଉନ୍ମୋଚନ କରାଯାଇଥିଲା।

# ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦିଆଯିବ : ମନ୍ତ୍ରୀ



**ଭୁବନେଶ୍ୱର :** ରାଜ୍ୟରେ ଚଳିତ ମାସ ୨୭ ମଇରୁ ୩୦ ମଇ ମଧ୍ୟରେ ହୋଇଥିବା ଲଘୁଚାପ ଜନିତ ଅଦିନିଆ ବର୍ଷାରେ ବିଭିନ୍ନ ସ୍ଥାନରେ ଫସଲ ଓ ଘରଦ୍ୱାର କ୍ଷତିଗ୍ରସ୍ତ ହୋଇଥିବା ବେଳେ ଖୁବ୍ ଶୀଘ୍ର କ୍ଷୟ କ୍ଷତି ସ୍ଥିତି ଆକଳନ କରି କ୍ଷତିପୂରଣ ପ୍ରଦାନ କରିବା ସଂପର୍କରେ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟଠାରେ ଆଭାସୀ ମାଧ୍ୟମରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଝାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସ୍ୱତନ୍ତ୍ର ରିଲିଫ କମିଶନର ଦେଓରଞ୍ଜନ କୁମାର ସିଂହ, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ଡଃ. ଅରବିନ୍ଦ କୁମାର ପାଢ଼ୀ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଡଃ. ପ୍ରଭାତ କୁମାର ରାଉଳଙ୍କ ସମେତ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ପ୍ରମୁଖ ଯୋଗ ଦେଇ କ୍ଷୟକ୍ଷତି ଓ କ୍ଷତିପୂରଣ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକର ପ୍ରାରମ୍ଭରେ ଭାରତୀୟ ପାଣିପାଗ କେନ୍ଦ୍ର ଆଞ୍ଚଳିକ ଶାଖା ନିର୍ଦ୍ଦେଶିକା ମନୋରମା ମହାନ୍ତି ବର୍ତ୍ତମାନ ଲଘୁଚାପର ଅବସ୍ଥା ଓ ଆଗାମୀ ଦିନରେ ରାଜ୍ୟର ପାଣିପାଗ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ମିଳିଥିବା ତଥ୍ୟ ଅନୁଯାୟୀ ୨୭ ମଇ ରୁ ୩୦ ମଇ ମଧ୍ୟରେ ରାଜ୍ୟରେ ହାରାହାରି ୪୧.୯ ମିମି ବର୍ଷା ହୋଇଥିବା ବେଳେ ୮ ଟି ଜିଲ୍ଲା କେନ୍ଦ୍ରାପଡା, କଳାହାଣ୍ଡି, ଜଗତସିଂହପୁର, କନ୍ଧମାଳ, ନବରଙ୍ଗପୁର, ଭଦ୍ରକ, ସୁବର୍ଣ୍ଣପୁର ଓ ରାୟଗଡାରେ ୫୦ ମିମି ରୁ ଅଧିକ ବର୍ଷା ହୋଇଛି। ସେହିପରି ଅନ୍ୟ ୨୨ ଟି ଜିଲ୍ଲାରେ ୧୦ ରୁ ୫୦ ମିମି ମଧ୍ୟରେ ବର୍ଷା ରେକର୍ଡ ହୋଇଛି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଲେ ଯେ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ମିଳିତ ଭାବରେ କ୍ଷୟକ୍ଷତିର ସର୍ଭେ କରାଯାଉଛି। ସରକାର ଅଣ ମୌସୁମୀ ସମୟରେ ଅନିୟମିତ ବର୍ଷାକୁ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ଭାବେ ଘୋଷଣା କରିଥିବା ବେଳେ ପ୍ରତ୍ୟେକ ଚାଷୀ ଓ ବର୍ଷା ପବନରେ ଘର ଦ୍ୱାର କ୍ଷତିଗ୍ରସ୍ତ ହୋଇଥିବା ବ୍ୟକ୍ତିବିଶେଷଙ୍କୁ ନିଶ୍ଚିତ ଭାବେ କ୍ଷତିପୂରଣ ଦିଆଯିବ। କେହି ବି ଜଣେ ହେଲେ ଯେମିତି କ୍ଷତିପୂରଣ ପାଇବାରୁ ବଂଚିତ ହେବେ ନାହିଁ ସେଥିପ୍ରତି ସରକାର ସଜାଗ ଅଛନ୍ତି। ଜିଲ୍ଲାପାଳମାନେ ଖୁବ୍ ଶୀଘ୍ର କ୍ଷୟକ୍ଷତିର ରିପୋର୍ଟ ପ୍ରଦାନ କରିବା ପରେ ସରକାର ତୁରନ୍ତ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ମତବ୍ୟକ୍ତ କରିଛନ୍ତି।

PLOT FOR SALE
MOUZA:BHOLA




N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286


# କେବେ ହେବ ପଟେଳି-କାଠୁଆସାହି ରାସ୍ତା ?



**ନିଆଳୀ :** ନିଆଳି ବ୍ଲକ ଶତାଂଶ ପଞ୍ଚାୟତ ପଟେଳି ଗ୍ରାମର କାଠୁଆ ସାହି ନଣ୍ଡା ବରଗଛ ଠାରୁ କାଳନ୍ଦୀ ରାଉତ ଘର ପର୍ଯନ୍ତ ଏଗାରଟି ପରିବାର ରହୁଥିବା ସ୍ଥାନକୁ ରାସ୍ତା ନଥିବାରୁ ଲୋକ ମାନେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଖରା ଦିନେ କୌଣସି ପ୍ରକାରେ ଯାତାୟାତ କରୁଥିଲେ ସୁଦ୍ଧା ବର୍ଷା ଦିନେ ଯାତାୟତରେ ନାହିଁ ନଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି। ପାଟେଳି ଗାଁ ଭୋଇ ସାହି ନିକଟରୁ କାଳନ୍ଦୀ ରାଉତ ଘର ପ୍ରର୍ଯ୍ୟନ୍ତ ମାତ୍ର ୪୫୦ମିଟର ଏହି ରାସ୍ତା ଖଣ୍ଡିକ ପାଇଁ ସ୍ଥାନୀୟ ଲୋକ ବର୍ଷ ବର୍ଷ ଧରି ପ୍ରଶାସନ ଓ ଲୋକ ପ୍ରତିନିଧିଙ୍କ ନିକଟରେ ଦାବି କରୁଥିଲେ ମଧ୍ୟ ଅଦ୍ୟାବଧି ତାଙ୍କ କଥା କେହି ଶୁଣୁନାହାନ୍ତି। ନିର୍ବାଚନ ସମୟରେ ପ୍ରାୟ ସବୁ ଦଳର ନେତା ଭୋଟ ହାତେଇବା ପାଇଁ ଗ୍ରାମବାସୀଙ୍କୁ ରାସ୍ତା କରିଦେବୁ କହି ପ୍ରତିଶ୍ରୁତି ଦେଉଥିବା ବେଳେ ଭୋଟ ସରିଗଲେ ରାସ୍ତା କଥା ଭୁଲି ଯାଆନ୍ତି। ବର୍ତ୍ତମାନ ଆଗୁଆ ବର୍ଷା ଋତୁ ଆସିଥିବାରୁ ବର୍ଷାରେ ସାହି ରାସ୍ତାଟି କାଦୁଅ ପଙ୍କରେ ଭର୍ତ୍ତି ହୋଇଛି। ଲୋକେ ଘରୁ ବାହାରି ପାରୁ ନଥିବା ବେଳେ ସ୍କୁଲ, କଲେଜ, ଅଙ୍ଗନବାଡି ଯାଉଥିବା ପିଲାମାନେ ସେହି ପଙ୍କ କାଦୁଅରେ ଯିବାକୁ ବାଧ ହେଉଛନ୍ତି। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେଇ କଂକ୍ରିଟ ରାସ୍ତାଟିଏ ନିର୍ମାଣ କରିବା ନିମନ୍ତେ ଗ୍ରାମବାସୀଙ୍କ ପକ୍ଷରୁ ଚିତ୍ତ ରଞ୍ଜନ ଦାସ, ଚଗଲା ପଲାଇ, ପ୍ରମୋଦ କାଠୁଆ, ବାବୁଲି ପଲାଇ, ମାୟାଧର କାଠୁଆ,କାଳନ୍ଦୀ ରାଉତ, ଅକାରଣ କାଠୁଆ, ସମୀର ପଲାଇ, ଭାଗବତ ଡହଡ଼ ଓ ପୁରୁଷୋତ୍ତମ କାଠୁଆ ପ୍ରମୋଦ ଦାସ ପ୍ରମୁଖ ଦାବି କରିଛନ୍ତି।



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30th Approch Road
Contact : 8658607286 / 8917571455

### ରାଜ୍ୟ କ୍ୟାବିନେଟ୍‌ରେ ୫ ପ୍ରସ୍ତାବକୁ ମୋହର

# ନିଯୁକ୍ତି ବୟସ ସୀମା ୩୨ ରୁ ୪୨କୁ ବୃଦ୍ଧି



**ଭୁବନେଶ୍ୱର :** ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ସର୍ବୋଚ୍ଚ ବୟସ ସୀମାକୁ ରାଜ୍ୟ ସରକାର ୩୨ରୁ ୪୨ ବର୍ଷକୁ ବୃଦ୍ଧି କରିଛନ୍ତି। ଏଥିପାଇଁ ଓଡ଼ିଶା ବେସାମରିକ ସେବା(ସର୍ବୋଚ୍ଚ ବୟସ ସୀମା ସ୍ଥିରୀକରଣ) ନିୟମାବଳୀ ୧୯୮୯ରେ ସଂଶୋଧନ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଅନୁମୋଦନ ମିଳିଛି। ଏଥିସହ କ୍ୟାବିନେଟରେ ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରି ମିଳିଛି। ରାଜ୍ୟରେ କୃତ୍ରିମ ବୁଦ୍ଧିମତାକୁ ପ୍ରୋତ୍ସାହନ ଦେବାକୁ ମୋହର ମାରିଛି ରାଜ୍ୟ କ୍ୟାବିନେଟ। ଓଡ଼ିଶା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ନୀତି, ୨୦୨୫କୁ ଅନୁମୋଦନ ମିଳିଥିବା ବେଳେ, ଏହି ନୀତି ଓଡ଼ିଶାରେ ଶ୍ରେଷ୍ଠ ଡିଜିଟାଲ ପରିବର୍ତ୍ତନ ପ୍ରକ୍ରିୟାର ଅଂଶବିଶେଷ ହେବ। ଏହାସହ କୃତ୍ରିମ ବୁଦ୍ଧିମତାର ବ୍ୟବହାର ଦ୍ୱାରା ରାଜ୍ୟ ପ୍ରଶାସନିକ କ୍ଷେତ୍ରରେ ଅପରିସୀମ ସୁଫଳ ମିଳିବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି। ଉପରୋକ୍ତ ୨ ପ୍ରସ୍ତାବ ସମେତ ମୋଟ ୫ଟି ପ୍ରସ୍ତାବକୁ ଅନୁମୋଦନ ମିଳିଥିବା ନେଇ ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜା ସୂଚନା ଦେଇଛନ୍ତି। କ୍ୟାବିନେଟ ବୈଠକ ସମାପ୍ତ ହେବା ପରେ ବୈଠକର ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଗଣମାଧ୍ୟମକୁ ସବିଶେଷ ସୂଚନା ଦେଇଥିଲେ। ସୂଚନା ଅନୁଯାୟୀ ବିଭିନ୍ନ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ସର୍ବୋଚ୍ଚ ବୟସ ସୀମାକୁ ବୃଦ୍ଧି କରିବା ପାଇଁ ବିଭିନ୍ନ ମହଲରୁ ବହୁ ନିବେଦନ ଆସିଥିଲା। ଏହାକୁ ବିଚାରକୁ ନେଇ ରାଜ୍ୟ ସରକାର କେତେକ ସେବା ଓ ପଦବୀ ଯେଉଁଠାରେ ସର୍ବୋଚ୍ଚ ବୟସସୀମା ଅଧିକ ଉଲ୍ଲେଖ ରହିଛି, ସେଗୁଡ଼ିକୁ ଛାଡ଼ି ସର୍ବୋଚ୍ଚ ବୟସସୀମାକୁ ୪୨କୁ ବୃଦ୍ଧି କରିଛନ୍ତି। ଏହାସହ ୟୁନିଫର୍ମ ସେବା ଯଥା ପୁଲିସ, ଜଙ୍ଗଲ, ଅବକାରୀ, ଅଗ୍ନିଶମ ସେବା, ଆଦିରେ ଶାରିରୀକ ଦକ୍ଷତା ପରୀକ୍ଷା ରହିଥିବାରୁ ଏହାକୁ ସର୍ବୋଚ୍ଚ ବୟସସୀମାକୁ ବାଦ୍ ଦିଆଯାଇଛି। ଉପରୋକ୍ତ ସର୍ବୋଚ୍ଚ ବୟସସୀମା ଏସସି, ଏସଟି, ଏସଇବିସି, ଅବସରପ୍ରାପ୍ତ ସୈନିକ ଏବଂ ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କ ଦ୍ୱାରା ବିଭିନ୍ନ ସମୟରେ ଜାରି ହେଉଥିବା ନିୟମାବଳୀ ଅନୁସାରେ କୋହଳ ହେବ ବୋଲି ସରକାର କହିଛନ୍ତି। ସେହିପରି ସ୍ୱତନ୍ତ୍ର ଏଆଇ ନୀତିକୁ ଅନୁମୋଦନ ଦେଇ ସରକାର କହିଛନ୍ତି ଯେ ଏହାଦ୍ୱାରା ଏକ ସ୍ୱତନ୍ତ୍ର ଏଆଇ ମିଶନର ସୃଷ୍ଟି କରାଯିବ। ଯାହା ସରକାରୀ ବିଭାଗମାନଙ୍କ ମଧ୍ୟରେ ଏଆଇ ପ୍ରୟୋଗର ପ୍ରୟାସଗୁଡ଼ିକୁ କାର୍ଯ୍ୟାନ୍ୱିତ କରିବା ପାଇଁ ସର୍ବୋଚ୍ଚ ପ୍ରତିଷ୍ଠାନ ଭାବେ କାର୍ଯ୍ୟ କରିବ। ଓଡ଼ିଶା ଏଆଇ ମିଶନରେ ଦୁଇ-ସ୍ତରୀୟ ପରିଚାଳନା ବ୍ୟବସ୍ଥା କରାଯାଇଛି। ଗୋଟିଏ ଏଆଇ ଟାସ୍କ ଫୋର୍ସ ହୋଇଥିବା ବେଳେ ଅନ୍ୟଟି ଏଆଇ ସେଲ ରହିଛି। ଏହା ବ୍ୟତୀତ ରାଜ୍ୟ ସରକାର ମେଇଟି ଏବଂ ନାସକମ ସହ ସହଭାଗିତାରେ ଏକ ଏଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖିଛନ୍ତି। ଯାହା ଓଡ଼ିଶାର ବୈଷୟିକ ଗବେଷଣା, ଆବିଷ୍କାର ଓ ବିକାଶ ଏବଂ କ୍ଷମତା ବିକାଶ ପାଇଁ ସ୍ୱତନ୍ତ୍ର ବାବେ କାମ କରିବ ବୋଲି କୁହାଯାଇଛି। ସେହିପରି ଅନ୍ୟଏକ ପ୍ରସ୍ତାବ କ୍ରମେ ରାଜ୍ୟ ସରକାର ଢେଙ୍କାନାଳ ଜିଲ୍ଲାର ଯୋରନ୍ଦାସ୍ଥିତ ମହିମା ଗାଦିରେ ଉନ୍ନତିମୂଳକ କାର୍ଯ୍ୟ ଓ ଭବ୍ୟ ଶୂନ୍ୟ ମଣ୍ଡପର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ କ୍ୟାବିନେଟ ୧୭୧ କୋଟି ୧୧ ଲକ୍ଷ ଟଙ୍କାର ସର୍ବନିମ୍ନ ଟେଣ୍ଡରକୁ ଏମ/ଏସ ଆଇରନ୍ ଟ୍ରାଏଙ୍ଗଲ ଲିମିଟେଡ ସପକ୍ଷରେ ଅନୁମୋଦନ କରିଛନ୍ତି। ୩୬ ମାସ ମଧ୍ୟରେ ଏହି କାର୍ଯ୍ୟ ସମାପନ ଲକ୍ଷ୍ୟ ରଖାଯାଇଥିବା ବେଳେ ଏହା ସ୍ଥାନୀୟ ବିକାଶ ସହ ପର୍ଯ୍ୟଟନମାନଙ୍କୁ ପ୍ରୋତ୍ସାହିତ କରିବ ବୋଲି ସରକାର କହିଛନ୍ତି। କ୍ୟାବିନେଟରେ ଓଡ଼ିଶା ଚକ୍ଷୁ ଚିକିତ୍ସା ସେବା(ନିଯୁକ୍ତି ପ୍ରମାଳୀ ଓ ସେବା ସର୍ତ୍ତ) ନିୟମାବଳୀ, ୨୦୨୫କୁ ସରକାର ଅନୁମୋଦନ ଦେଇଛନ୍ତି। ରାଜ୍ୟରେ ବର୍ତ୍ତମାନ ୧୯୭ ଜଣ ଚକ୍ଷୁଚିକିତ୍ସା ସହାୟକ କାର୍ଯ୍ୟରତ ଅଛନ୍ତି। ଏହାସହ ରାଜ୍ୟ ସରକାର ଗତବର୍ଷ ଚକ୍ଷୁଚିକିତ୍ସା ସେବା ସମ୍ବର୍ଗ ଅଧିନରେ ମୂଳ ପଦବୀରେ ମୋଟ ୫୩୮ଟି ପଦବୀ ସୃଷ୍ଟି କରିଥିଲେ। ବର୍ତ୍ତମାନ ମୂଳ ପଦବୀରେ ୧୪୧ଟି ନୂଆ ପଦବୀ ସୃଷ୍ଟି ହେବାକୁ ଯାଉଛି। ଏହାସହ ପଦୋନ୍ନତି ଭିତ୍ତିରେ ପଦାନୁକ୍ରମେ ବିଭିନ୍ନ ପଦବୀ ପୂରଣ ପାଇଁ ମୋଟ ୨୦୦ଟି ପଦବୀ ସୃଷ୍ଟି କରାଯାଇଛି। ଏହି ସେବା ସମ୍ବର୍ଗ ସୃଷ୍ଟି ହୋଇଥିବାରୁ ନିୟମିତ ଭାବେ କାର୍ଯ୍ୟ କରୁଥିବା ଯୋଗ୍ୟ ଚକ୍ଷୁ ଚିକିତ୍ସା ସହାୟକମାନଙ୍କର ବୃତ୍ତିଗତ ଜୀବନରେ ଉନ୍ନତି ଆସିବ ବୋଲି ସରକାର ଆଶା ରଖିଛନ୍ତି। ଅପରପକ୍ଷେ ଜଗତସିଂହପୁର ଜିଲ୍ଲାର ଜଟାଧାର ମୁହାଣଠାରେ ଏକ ନିଜସ୍ୱ ଜେଟି ନିର୍ମାଣ ପାଇଁ ରାଜ୍ୟ ସରକାର ଏବଂ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ମଧ୍ୟରେ ରିଆତି ଚୁକ୍ତିନାମା ସ୍ୱାକ୍ଷରକୁ ଅନୁମୋଦନ ଦେଇଛନ୍ତି। ଏହି ଜେଟି ଦ୍ୱାରା ରାଜ୍ୟ ସରକାର ରାଜସ୍ୱ ସୃଷ୍ଟି ପାଇଁ ଲକ୍ଷ୍ୟ ରଖିଥିବା ବେଳେ ଓଡ଼ିଶା ବନ୍ଦର ନୀତି, ୨୦୨୨ ଅନୁଯାୟୀ ବନ୍ଦର ସମ୍ପର୍କିତ ଶିଳ୍ପର ବିକାଶ ସହ ବନ୍ଦରକୁ ସଂଯୋଗ କରୁଥିବା ଭିତ୍ତିଭୂମିର ବିକାଶକୁ ଏହି ଜେଟି ପ୍ରୋତ୍ସାହିତ କରିବ। ଏହି ପ୍ରକଳ୍ପ ମାଧ୍ୟମରେ ୩୪୫୦ ଲୋକଙ୍କୁ ପ୍ରତ୍ୟେକ୍ଷ ଏବଂ ପରୋକ୍ଷ ନିଯୁକ୍ତି ମିଳିବା ନେଇ ଲକ୍ଷ୍ୟ ରଖାଯାଇଛି।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି